

# ଜଗନ୍ନାଥ ଏକ୍ସପ୍ରେସ୍


JAGANNATH EXPRESS

RNI Regn No- ODIODI/2014/57766.





ବର୍ଷ- ୧୧ ସଂଖ୍ୟା-୧୮୨ ଭୁବନେଶ୍ୱର ମଙ୍ଗଳବାର, ମାର୍ଚ୍ଚ ୧୮.୨୦୨୫ ପୃଷ୍ଠା - ୮ ମୂଲ୍ୟ : ୨.୦୦/- Vol.11 . No.182 Bhubaneswar, Tuesday, March 18, 2025


# ଦେବେନ୍ଦ୍ର ପ୍ରଧାନଙ୍କ ପରଲୋକ





ଭୁବନେଶ୍ୱର/ନୂଆଦିଲ୍ଲୀ, ୧୭/୩: ଓଡ଼ିଶାରେ ବିଜେପିର ଅଭ୍ୟୁଦୟରେ ବଳିଷ୍ଠ ଅବଦାନ ରଖିଥିବା ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଡାକ୍ତର ଦେବେନ୍ଦ୍ର ପ୍ରଧାନ ଆଉ ନାହାନ୍ତି। ଗତ କିଛି ଦିନ ହେଲା ଅସୁସ୍ଥ ଥିବା ଡା. ପ୍ରଧାନ ଆଜି ପୂର୍ବାହ୍ନ ୧୦ଟା ୪ରେ ନୂଆଦିଲ୍ଲୀରେ ତାଙ୍କ ପୁଅ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସରକାରୀ ବାସଭବନରେ ଶେଷନିଃଶ୍ୱାସ ତ୍ୟାଗ କରିଛନ୍ତି। ତାଙ୍କୁ ୮୪ ବର୍ଷ ହୋଇଥିଲା। ଡାକ୍ତରୀ ପେସା ଛାଡ଼ି ଅଶୀ ଦଶକରେ ବିଜେପି ମଣ୍ଡଳ ସଭାପତି ଭାବେ କ୍ୟାରିଅର ଆରମ୍ଭ କରିଥିବା ଦେବେନ୍ଦ୍ର ପ୍ରଧାନ କେନ୍ଦ୍ରରେ ଅଟଳ ବିହାରୀ ବାଜପେୟୀଙ୍କ ସରକାରରେ ଭୂପୃଷ୍ଠ ପରିବହନ ଓ କୃଷି ରାଷ୍ଟ୍ର ମନ୍ତ୍ରୀ ହୋଇଥିଲେ। ବହୁବର୍ଷ ହେଲା ରାଜନୀତିରୁ ଦୂରେଇ ରହିଥିବା ଦେବେନ୍ଦ୍ରଙ୍କ ବିୟୋଗରେ ରାଜନୈତିକ ମହଲରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ଡା. ପ୍ରଧାନଙ୍କ ପରଲୋକ ଖବର ପାଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଧର୍ମେନ୍ଦ୍ର ପ୍ରଧାନଙ୍କ ବାସଭବନରେ ତାଙ୍କର ଶେଷ ଦର୍ଶନ କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ସେହିପରି ଲୋକସଭା ବାଚସ୍ପତି ଓମ୍‌ପ୍ରକାଶ ବିର୍ଲା, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ, ବିଜେପି ରାଷ୍ଟ୍ରୀୟ ସଭାପତି ତଥା କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଜେ.ପି ନଡ୍ଡା, ସହରାଞ୍ଚଳ ବ୍ୟାପାର ମନ୍ତ୍ରୀ ମନୋହର ଲାଲ, ବୟନଶିଳ୍ପ ମନ୍ତ୍ରୀ ଗିରିରାଜ ସିଂହ, ଆଦିବାସୀ ବ୍ୟାପାର କଲ୍ୟାଣ ମନ୍ତ୍ରୀ ଜୁଏଲ ଓରାମ, କେନ୍ଦ୍ର ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ, କେନ୍ଦ୍ର ଶ୍ରମ ଓ କ୍ରୀଡ଼ା ବ୍ୟାପାର ମନ୍ତ୍ରୀ ମନସୁଖ୍ ମାଣ୍ଡଭିୟ, ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତାଙ୍କ ସମେତ ବହୁ କେନ୍ଦ୍ର ମନ୍ତ୍ରୀ ଏବଂ ଓଡ଼ିଶାର ଲୋକସଭା ଓ ରାଜ୍ୟସଭାର ବହୁ ସାଂସଦ ସ୍ୱର୍ଗତ ପ୍ରଧାନଙ୍କର ଶେଷ ଦର୍ଶନ କରିବା ସହ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ। ଅପରାହ୍ନରେ ଏୟାର ଇଣ୍ଡିଆ ବିମାନରେ ସ୍ୱର୍ଗତ ପ୍ରଧାନଙ୍କ ପାର୍ଥିବ ଶରୀରକୁ ଭୁବନେଶ୍ୱର ଅଣାଯାଇଥିଲା। ବିମାନବନ୍ଦରରେ ବାଚସ୍ପତି ସୁରମା ପାଢ଼ୀ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସମେତ ଓଡ଼ିଶା ସରକାରଙ୍କ ବହୁ ମନ୍ତ୍ରୀ, ବିଭିନ୍ନ ଦଳର ବିଧାୟକ, ବରିଷ୍ଠ ରାଜନେତା ତାଙ୍କର ଶେଷ ଦର୍ଶନ କରିବା ସହ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଏହାପରେ ଏକ ବିରାଟ ଶୋଭାଯାତ୍ରାରେ ତାଙ୍କ ପାର୍ଥିବ ଶରୀରକୁ ବିଜେପି ରାଜ୍ୟ କାର୍ଯ୍ୟାଳୟକୁ ନିଆଯାଇଥିଲା। ସେଠାରେ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ଏବଂ ଅନ୍ୟ ବରିଷ୍ଠ ନେତା ତାଙ୍କୁ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ପରେ ଶୋଭାଯାତ୍ରାରେ ପାର୍ଥିବ ଶରୀରକୁ ଚନ୍ଦ୍ରଶେଖରପୁରସ୍ଥିତ ପ୍ରାଚୀବିହାର ବାସଭବନକୁ ନିଆଯାଇଥିଲା। ସେଠାରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି, ଦଳୀୟ କାର୍ଯ୍ୟକର୍ତ୍ତା ତାଙ୍କର ଶେଷ ଦର୍ଶନ କରିଥିଲେ। ଆସନ୍ତାକାଲି ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସଂପନ୍ନ ହେବ। ସୂଚନାଯୋଗ୍ୟ ଯେ ୧୯୪୧ ମସିହାରେ ଢେଙ୍କାନାଳ ଜିଲ୍ଲା (ବର୍ତ୍ତମାନ ଅନୁଗୁଳ) କଣିହାଁ ବ୍ଲକ୍‌ର ନାଲମ ଗାଁରେ ଜନ୍ମିତ ଦେବେନ୍ଦ୍ର ପ୍ରଧାନ ୧୯୬୬ରେ ଏସ୍‌ସିବିରୁ ଏମ୍‌ବିବିଏସ୍ ଉତ୍ତୀର୍ଣ୍ଣ ହୋଇଥିଲେ। ଏସ୍‌ସିବିରେ ବର୍ଷେ ହାଉସ୍ ସର୍ଜନ ଭାବେ କାମ କରିବା ପରେ ତାଳଚେର ଡେରାରେ ଆସିଷ୍ଟାଣ୍ଟ ମେଡିକାଲ୍ ଅଫିସର ଭାବେ ଯୋଗଦେଇଥିଲେ। ୧୯୭୩ରେ ଚାକିରିରୁ ସ୍ୱେଚ୍ଛାକୃତ ଅବସର ନେଇଥିଲେ। ୧୯୮୦ରେ ବିଜେପିରେ ଯୋଗଦେବା ସହ ତାଙ୍କର ରାଜନୈତିକ କ୍ୟାରିଅର ଆରମ୍ଭ ହୋଇଥିଲା। ୧୯୮୦ରୁ ୧୯୮୩ ପର୍ଯ୍ୟନ୍ତ ତାଳଚେର ମଣ୍ଡଳ ସଭାପତି, ୧୯୮୩-୮୫ ଢେଙ୍କାନାଳ ଜିଲ୍ଲା ସଭାପତି ହୋଇଥିଲେ। ସେ ୧୯୮୮ରୁ ୧୯୯୦, ୧୯୯୦-୯୩, ୧୯୯୫ରୁ ୧୯୯୭ ପର୍ଯ୍ୟନ୍ତ ତିନି ଥର ବିଜେପିର ରାଜ୍ୟ ସଭାପତି ହୋଇଥିଲେ। ୧୯୮୪, ୧୯୯୬ରେ ସେ ଦେବଗଡ଼ରୁ ସାଂସଦ ପ୍ରାର୍ଥୀ, ୨୦୦୪ରେ ପାଲଲହଡ଼ାରୁ ବିଧାୟକ ପ୍ରାର୍ଥୀ ହୋଇଥିଲେ ବି ହାରି ଯାଇଥିଲେ। ୧୯୯୮ରେ ସେ ଦେବଗଡ଼ରୁ ସାଂସଦ ଭାବେ ନିର୍ବାଚିତ ହେବା ସହ କେନ୍ଦ୍ରରେ ଭୂପୃଷ୍ଠ ପରିବହନ ରାଷ୍ଟ୍ରମନ୍ତ୍ରୀ ହୋଇଥିଲେ। ୧୯୯୯ରେ ପୁଣି ଦେବଗଡ଼ରୁ ସାଂସଦ ହେବା ସହ କେନ୍ଦ୍ରରେ ଭୂ-ପୃଷ୍ଠ ପରିବହନ ଏବଂ କୃଷି ମନ୍ତ୍ରଣାଳୟର ରାଷ୍ଟ୍ର ମନ୍ତ୍ରୀ ହୋଇଥିଲେ। ୨୦୦୧ରେ ସେ ବିଜେପିର ରାଷ୍ଟ୍ରୀୟ ଉପାଧ୍ୟକ୍ଷ ହୋଇଥିଲେ। ସ୍ୱର୍ଗତ ପ୍ରଧାନଙ୍କ ବିୟୋଗରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶୋକବ୍ୟକ୍ତ କରିଛନ୍ତି।

## ବିଧାନସଭାରୁ ଅଚଳାବସ୍ଥା ହଟୁନି

### ଆଇନଶୃଙ୍ଖଳା ପରିସ୍ଥିତି ନେଇ ବିଜେଡିର ହଟ୍ଟଗୋଳ



ଭୁବନେଶ୍ୱର, ୧୭/୩: ବିଧାନସଭାରୁ ଅଚଳାବସ୍ଥା ସମ୍ପୂର୍ଣ୍ଣ ହଟିପାରୁନି। ରାଜ୍ୟର ବିପର୍ଯ୍ୟସ୍ତ ଆଇନଶୃଙ୍ଖଳାକୁ ପ୍ରସଙ୍ଗ କରି ବିଜେଡି ହଟ୍ଟଗୋଳ କରିଥିଲା। କଂଗ୍ରେସ ବିଧାୟକମାନେ ମହିଳା ସୁରକ୍ଷା ଓ ସରକାରୀ ଦଳର ଦାଦାଗିରିକୁ ପ୍ରସଙ୍ଗ କରି ଦିନତମାମ ଗୃହ ବର୍ଜନ କରିଥିଲେ। ଫଳରେ ଆଜି ପ୍ରଶ୍ନକାଳ, ଶୂନ୍ୟକାଳ ହୋଇପାରି ନଥିଲା। କଂଗ୍ରେସ ସଭ୍ୟଙ୍କ ଅନୁପସ୍ଥିତିରେ କେବଳ ବଜେଟ୍ ଆଲୋଚନା ହୋଇଥିଲା। ଆଜି ପ୍ରଶ୍ନକାଳ ଆରମ୍ଭ ହେଲା ମାତ୍ରେ ବିଜେଡି ଓ କଂଗ୍ରେସ ସଭ୍ୟମାନେ ଗୃହ ମଧ୍ୟ ଭାଗକୁ ମାଡ଼ି ଆସି ?ଥିଲେ। ହୋଲି ଦିନ ଅପରାଧୀମାନେ କିପରି ନିର୍ଭୟରେ ହତ୍ୟାକାଣ୍ଡ ଘଟାଇଲେ, ତାହାକୁ ନେଇ ସରକାରଙ୍କ ବିରୋଧରେ ଗର୍ଜିଥିଲେ ବିଜେଡି ସଭ୍ୟମାନେ। ମୋହନ ସରକାର ଆଇନଶୃଙ୍ଖଳା ପରିସ୍ଥିତିକୁ ନିୟନ୍ତ୍ରଣରେ ରଖିବାକୁ ବିଫଳ ହୋଇଛି ବୋଲି ଆରୋପ ଲଗାଇଥିଲେ। ହତ୍ୟାକାଣ୍ଡ ପ୍ରସଙ୍ଗରେ ଖବରକାଗଜ ରିପୋର୍ଟକୁ ସେମାନେ ଦେଖାଇଥିଲେ। କଂଗ୍ରେସ ସଭ୍ୟମାନେ ସେମାନଙ୍କ ପୁରୁଣା ପ୍ରସଙ୍ଗ ମହିଳାଙ୍କ ସୁରକ୍ଷା କଥା ଉଠାଇଥିଲେ। ସେମାନେ ବେକରେ ବ୍ୟାନର ଟାଙ୍ଗି ଗୃହକୁ ଆସିଥିଲେ। ସରକାରଙ୍କ ବିରୋଧରେ ନାରାବାଜି କରି ଗୃହ କମ୍ପାଇଥିଲେ। ହୋହଲ୍ଲା ଭିତରେ ବାଚସ୍ପତି ପ୍ରଶ୍ନକାଳ ଜାରି ରଖିବାକୁ ଉଦ୍ୟମ କରିଥିଲେ। କିନ୍ତୁ ୫ ମିନିଟ୍ ପରେ ଆଉ ଗୃହ ଚଳାଇବା ସମ୍ଭବ ହୋଇ ନଥିଲା। ଶେଷରେ ବାଚସ୍ପତି ବାଧ୍ୟ ହୋଇ ଗୃହକୁ ମଧ୍ୟାହ୍ନ ୧୨ଟା ୧୫ ପର୍ଯ୍ୟନ୍ତ ମୁଲତବୀ ରଖିଥିଲେ। ଏହା ପରେ କଂଗ୍ରେସ ସଭ୍ୟମାନେ ଗାନ୍ଧୀ ମୂର୍ତ୍ତି ତଳେ ଧାରଣା ଦେଇଥିଲେ। ବିଧାୟକ ତାରାପ୍ରସାଦ ବାହିନୀପତି ମଧ୍ୟ ଏଥିରେ ସାମିଲ ହୋଇଥିଲେ। ୧୨ଟା ୧୫ରେ ଗୃହ କାର୍ଯ୍ୟ ଆରମ୍ଭ ହେଲା ପରେ ଆଉ ବିଜେଡି ସଭ୍ୟମାନେ ପାଟିତୁଣ୍ଡ କରି ନଥିଲେ। ସେମାନେ ବଜେଟ ଆଲୋଚନାରେ ଭାଗ ନେଇଥିଲେ। କିନ୍ତୁ କଂଗ୍ରେସ ସଭ୍ୟମାନେ ଗୃହ ମଧ୍ୟ ଭାଗରେ ହୋ ?ହଲ୍ଲା ଜାରି ରଖିଥିଲେ। ଆଦିବାସୀ ଝିଅଙ୍କୁ ନ୍ୟାୟ ଆମର ଦାବି..., ଗୃହ କମିଟି ଗଠନ ଆମର ଦାବି..., ମୋହନ ସରକାର ହାଏ ହାଏ..., ସରକାରୀ ଦଳର ଗୁଣ୍ଡାରାଜ ଚଳିବ ନାହିଁ... ଆଦି ସ୍ଲୋଗାନ ଦେଇ ହଟ୍ଟଗୋଳ କରିଥିଲେ। କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ କିଛି କହିବା ପାଇଁ ହାତ ଟେକୁଥିଲେ ବି ବାଚସ୍ପତି ତାଙ୍କୁ ସୁଯୋଗ ଦେଇ ନଥିଲେ। ଏହା ପରେ ସେମାନେ ଗୃହ କାର୍ଯ୍ୟ ବର୍ଜନ କରି ବାହାରକୁ ଚାଲିଯାଇଥିଲେ। ଅପରାହ୍ନ ୪ଟା ବେଳେ ବି ସମାନ ସ୍ଥିତି ଲାଗି ରହିଥିଲା। କଂଗ୍ରେସ ସଭ୍ୟମାନେ ଗୃହ ମଧ୍ୟ ଭାଗକୁ ଆସି ନାରାବାଜି କରିବା ସହ କିଛି ସମୟ ପରେ ଗୃହ ବାହାରକୁ ଚାଲିଯାଇଥିଲେ। ଅପରାହ୍ନରେ ପୁଣି ଗାନ୍ଧୀ ମୂର୍ତ୍ତି ତଳେ ବସି ପ୍ରତିବାଦ କରିଥିଲେ।

## ଝୁଲିଲା ମେଟ୍ରୋ ରେଳ: ଉଚ୍ଚସ୍ତରୀୟ କମିଟି ପଛର ସତ, ତିଆରି ହେବ ନୂଆ ଡିପିଆର



ଭୁବନେଶ୍ୱର, ୧୭/୩: ମେଟ୍ରୋ ରେଳ ପ୍ରକଳ୍ପ ପାଇଁ ଉଚ୍ଚସ୍ତରୀୟ କମିଟି ଗଠନ ପଛର ସତ ପଦାରେ ପଡ଼ିଛି। ଏହାର ଡିପିଆରରେ ତ୍ରୁଟି ରହିଛି। ଏଣୁ ଆଉ ଥରେ ଡିପିଆର ପ୍ରସ୍ତୁତ ହେବ। ଡିପିଆର ପଛରେ ଆଉ ଥରେ ଟେଣ୍ଡର ମଧ୍ୟ ହେବ। ଗଠନ ହୋଇଥିବା ଉଚ୍ଚସ୍ତରୀୟ କମିଟିର ଉପଯୁକ୍ତ ପରାମର୍ଶ ଆଧାରରେ ମେଟ୍ରୋ ରେଳ ନୂଆ ରୂପ ନେବ। କିନ୍ତୁ କେବେ ହେବ କାହା ପାଖରେ ଖବର ନାହିଁ। ଅନିର୍ଦ୍ଦିଷ୍ଟ କାଳ ପାଇଁ ଏହି ପ୍ରକଳ୍ପ ଝୁଲି ରହିଥିବା ବେଳେ ନିର୍ମାଣକାରୀ ସଂସ୍ଥା ଏଠାରୁ ପେଡ଼ିପୁଟୁଳି ବାନ୍ଧିସାରିଛି। ସେପଟେ ଭୁବନେଶ୍ୱର ମେଟ୍ରୋ ରେଳ କର୍ପୋରେସନ୍ ଅଫିସ୍‌ରେ କିଛି କାମ ନଥିବାରୁ କର୍ମଚାରୀ ବସି ବସି ଘରକୁ ଯାଉଛନ୍ତି। ଖାଲି ସେତିକି ନୁହେଁ, ମେଟ୍ରୋ ରେଳ ଧାରଣା ରାସ୍ତାରେ ଥିବା ଭିତ୍ତିଭୂମି ନ ସଜାଡ଼ି ବସିଯାଇଥିବାରୁ କର୍ତ୍ତୃପକ୍ଷଙ୍କ ମୁଣ୍ଡବିନ୍ଧା ମଧ୍ୟ ଆରମ୍ଭ ହୋଇଛି। ଜନପଥରେ ସ୍ମାର୍ଟ ସିଟି, ଅନ୍ୟ ରାସ୍ତାରେ ଲାଗିଥିବା ଗଛ ପାଇଁ ଓଏଫ୍‌ଡିସି ଏବଂ ବିଦ୍ୟୁତ୍ ଖୁଣ୍ଟ ଓ ଲାଇଟ୍ ପାଇଁ ବିଏମ୍‌ସିର ଚିନ୍ତା ବଢ଼ିଛି। ପୂର୍ବର ସରକାର ମେଟ୍ରୋ ଟ୍ରେନ୍‌ର ପରିକଳ୍ପନା କରିବା ସହ ଭୁବନେଶ୍ୱରରେ ଯଥାସମ୍ଭବ ଭୂତଳ ରେଳ ଗଡ଼ାଇବାକୁ ଯୋଜନା କରିଥିଲେ। ଡିପିଆର ପ୍ରସ୍ତୁତି ସହ ଟେଣ୍ଡର ଡାକି କାମ ଆରମ୍ଭ କରି ଦେଇଥିଲେ। ୨୦୨୭ ସୁଦ୍ଧା ଭୁବନେଶ୍ୱରରେ ମେଟ୍ରୋ ରେଳ ଗଡ଼ାଇବା ପାଇଁ ଯୁଦ୍ଧକାଳୀନ ଭିତ୍ତିରେ କାମ ଚାଲିଥିଲା। ଠିକା ସଂସ୍ଥା ବି ଦିନରାତି ଏକ କରି ଦେଇଥିଲା। ରାସ୍ତାଘାଟ ଠାକୁ ଠା ଖୋଳି ମାଟି ପରୀକ୍ଷା କରିଥିଲା। ଉତ୍ସବ ସମୟରେ ସାରା ସହର ଜାମ୍ ହୋଇଯାଉଥିଲା। ଟ୍ରାଫିକ୍ ଯନ୍ତ୍ରଣାରେ ଲୋକେ ଛଟପଟ ହେଉଥିଲେ। ହେଲେ ଠିକାସଂସ୍ଥା କିଛି ଶୁଣୁ ନଥିଲା। ସହରର ପ୍ରମୁଖ ରାସ୍ତାକୁ ଅବରୋଧ କରି ମାଟିଖୋଳା ଜାରି ରଖିଥିଲା। ଏଣେ ସରକାର ବଦଳିଗଲା। ସରକାର ବଦଳି ଯିବା ପରେ ଏହି ପ୍ରକଳ୍ପର ଭବିଷ୍ୟତକୁ ନେଇ ଦ୍ୱନ୍ଦ୍ୱ ସୃଷ୍ଟି ହେଲା। ପୁରୁଣା ସରକାରଙ୍କ ଯୋଜନାକୁ ନୂଆ ସରକାର ବାତିଲ୍ କରିଦେବା ନେଇ ଆଶଙ୍କା ଦେଖାଦେଲା। ଏଣୁ ସରକାର ସ୍ପଷ୍ଟ କରିଥିଲେ କି ମେଟ୍ରୋ ପ୍ରକଳ୍ପ ପୂର୍ଣ୍ଣାଙ୍ଗ ରୂପ ନେବ। ଏଣୁ ଯେମିତି କାମ ଚାଲିଥିଲା ପୁଣି ଚାଲିଲା। କିନ୍ତୁ ନିକଟ ଅତୀତରେ ସରକାର ଏହି ମେଟ୍ରୋ ରେଳ ପାଇଁ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରିଛନ୍ତି। ଏହି କମିଟି ମେଟ୍ରୋ ରେଳଧାରଣା ଯେଉଁ ଯେଉଁ ଜାଗା ଦେଇ ଯିବ ସେ ସବୁ ଘଟଣାସ୍ଥଳ ବୁଲି ଅନୁଧ୍ୟାନ କରିଛି। ପ୍ରକଳ୍ପର କାର୍ଯ୍ୟକାରିତା ନିଶ୍ଚିତ କରିବା ପାଇଁ ଏହି କମିଟି ସୁଚିନ୍ତିତ ପରାମର୍ଶ ଦେବାକୁ କୁହାଯାଇଛି। ଏହା ଛଡ଼ା ପରିଚାଳନା ଢାଞ୍ଚା ଓ କାର୍ଯ୍ୟାନ୍ୱୟନ ରଣନୀତି ସମ୍ପର୍କରେ କମିଟି ଉପଯୁକ୍ତ ପରାମର୍ଶ ଦେବ। ପାଣ୍ଠି ଆବଶ୍ୟକତା ଓ ଅର୍ଥନୈତିକ ସମ୍ଭାବନାର ସମୀକ୍ଷା ମଧ୍ୟ କରିବ। ସମଗ୍ର ଭାରତବର୍ଷରେ ଚାଲୁଥିବା ମେଟ୍ରୋ ପ୍ରକଳ୍ପର ପ୍ରତ୍ୟେକ ଦିଗକୁ ବିଚାରକୁ ନେଇ କମିଟି ଦେଇଥିବା ପରାମର୍ଶ ଆଧାରରେ ମେଟ୍ରୋ ରେଳ ପ୍ରକଳ୍ପର ରୂପରେଖ ବଦଳିବ। ତର୍ଜମା ପରେ ଜଣାପଡ଼ିଛି କି ଯେଉଁ ରାସ୍ତା ଦେଇ ଏହି ଧାରଣା ବିଛାଯିବାକୁ ଯୋଜନା ହୋଇଛି ସେଥିରେ ସମସ୍ୟା ରହିଛି। ବିଭିନ୍ନ ଜାଗାରେ ଫ୍ଲାଏଓଭର ବ୍ରିଜ୍ ନିର୍ମାଣ ଯୋଜନା ରହିଥିବାରୁ ପ୍ରକଳ୍ପ ପ୍ରଭାବିତ ହେବା ଆଶଙ୍କା ଦେଖାଦେଇଛି। ଏଣୁ କମିଟି ତର୍ଜମା କରିବା ପରେ ଏହାର ନୂଆ ଡିପିଆର ପ୍ରସ୍ତୁତ ହେବ। ଆଉଥରେ ଟେଣ୍ଡର ହୋଇ ନୂଆ ଡିପିଆର ଆଧାରରେ ନିର୍ମାଣ ହେବ। ବିମାନବନ୍ଦରଠାରୁ ତ୍ରିଶୂଳିଆ ପର୍ଯ୍ୟନ୍ତ ଯେଉଁ ଧାରଣା ବିଛାଇବାକୁ ଯୋଜନା ହୋଇଛି ସେହି ରାସ୍ତାରେ ମଧ୍ୟ ପରିବର୍ତ୍ତନ ହୋଇପାରେ। ବିଶେଷକରି ଜୟଦେବବିହାର-ନନ୍ଦନକାନନ ରାସ୍ତାରେ ବ୍ୟାପକ ପରିବର୍ତ୍ତନର ସୁପାରିସ କରାଯାଇଛି। କିନ୍ତୁ କେବେ ଅନୁଧ୍ୟାନ ସରିବ, କେବେ ଡିପିଆର ହେବ, କେବେ ଟେଣ୍ଡର ହେବ, କେବେ ପୁଣି ଥରେ କାମ ଆରମ୍ଭ ହେବ, ଠିକାଦାର ବଦଳିଗଲେ ପୂର୍ବରୁ ଯେଉଁ ମାଟି ପରୀକ୍ଷା ହୋଇଥିଲା ସେ ରିପୋର୍ଟ କାର୍ଯ୍ୟକାରୀ ହେବ ନା ପୁଣି ଥରେ ଖୋଳାଖୋଳି ଚାଲିବ; ଏ ଉତ୍ତର କାହାପାଖରେ ନାହିଁ। ପୁରୁଣା ଠିକାଦାର ପେଡ଼ିପୁଟୁଳି ବାନ୍ଧି ଚାଲି ଯାଇଥିବା ବେଳେ ଭବାନୀମଲ୍‌ରେ ଥିବା ଭୁବନେଶ୍ୱର ମେଟ୍ରୋ ରେଳ କର୍ପୋରେସନ୍ କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀ ବସି ବସି ଘରକୁ ଯାଉଛନ୍ତି। ଜନପଥ ଡିଭାଇଡରରୁ ବିଦ୍ୟୁତ୍ ଖୁଣ୍ଟ, ଗଛ, ବାଉଁଶବାଡ଼ ଉଚ୍ଛେଦ ହେବାକୁ ଥିବାରୁ ଏହା ମରାମତି ହେଉନଥିଲା। ଏବେ ସ୍ମାର୍ଟ ସିଟି ଏସବୁକୁ ମରାମତି କରିବାକୁ ଅଣ୍ଟା ଭିଡ଼ିଛି। କେତେକ ଜାଗାରେ ଷ୍ଟ୍ରିଟ୍ ଲାଇଟ୍ ଜଳୁ ନଥିବା ବେଳେ ଖୁଣ୍ଟ ବି ଦୁର୍ବଳ ହୋଇଯାଇଥିଲା। ଏବେ ସେ ସବୁକୁ ବିଏମ୍‌ସି ମରାମତି ଆରମ୍ଭ କରିଛି। କିଛି ଗଛ ମଧ୍ୟ ମରିଯାଇଥିଲା। ସେ ସବୁକୁ ଉପାଡ଼ି ନୂଆ ଗଛ ଲଗା ଚାଲିଛି।

## ୬ ମାସରେ ଚୋର ନେଇଗଲେ ୫.୯୪ କୋଟି



ଭୁବନେଶ୍ୱର, ୧୭/୩: ଗତ ସେପ୍ଟେମ୍ବରରୁ ଚଳିତ ବର୍ଷ ଫେବ୍ରୁଆରି ଶେଷ ସୁଦ୍ଧା ୬ମାସ ମଧ୍ୟରେ ଦ୍ୱୈତନଗରୀରୁ ଚୋର ୫କୋଟି ୯୪ ଲକ୍ଷ ୫୪ ହଜାର ୫୮୭ ଟଙ୍କାର ସମ୍ପତ୍ତି ନେଇଯାଇଛନ୍ତି। ଭୁବନେଶ୍ୱର ସହରାଞ୍ଚଳ ଜିଲ୍ଲା ପୁଲିସରେ ହୋଇଥିବା ୪୦୩ଟି ଚୋରି ଘଟଣାରେ ୧କୋଟି ୮୨ଲକ୍ଷ ୭ହଜାର ୯୪୨ଟଙ୍କାର ସମ୍ପତ୍ତି ଚୋରି ହୋଇଥିବା ବେଳେ ପୁଲିସ ୭୯ଲକ୍ଷ ୩୫ ହଜାର ୨୪୨ଟଙ୍କାର ସମ୍ପତ୍ତି ଜବତ କରିଛି। ୭୮ଟି ମାମଲାରେ ଚାର୍ଜସିଟ୍ ଦାଖଲ କରାଯାଇଛି। ବାକି ୭୩ଟି ଘଟଣାରେ ପୁଲିସ ଚୋରଙ୍କ ପାଖରେ ପହଞ୍ଚିପାରି ନାହିଁ। ଏବେ ବି ୨୩୩ ମାମଲାର ତଦନ୍ତ ଚାଲିଛି। ସେହିପରି ୧୩୩ଟି ସିନ୍ଧିଚୋରି ମାମଲାରେ ୨କୋଟି ୬୨ ଲକ୍ଷ ୧୧ ହଜାର ୯୭୦ଟଙ୍କାର ସମ୍ପତ୍ତି ଲୁଟ୍ ହୋଇଯାଇଛି। ପୁଲିସ ସିନ୍ଧିଚୋରଙ୍କ ଠାରୁ ୮୭ ଲକ୍ଷ ୬୯ ହଜାର ୧୭୦ଟଙ୍କାର ସମ୍ପତ୍ତି ଜବତ କରାଯାଇଛି। ଏଥିରୁ ୨୬ଟି ମାମଲାରେ ଚାର୍ଜସିଟ୍ ଦାଖଲ କରାଯାଇଥିବା ବେଳେ ୨୮ଟି ଘଟଣାରେ ପୁଲିସ ଚୋରଙ୍କ ପାଖରେ ପହଞ୍ଚିପାରି ନାହିଁ। ୭୭ ମାମଲାର ତଦନ୍ତ ଚାଲିଛି। ୧୮ଟି ଫ୍ଲାଟ୍‌ରୁ ୩୮ଲକ୍ଷ ୪୪ହଜାର ଟଙ୍କାର ସମ୍ପତ୍ତି ଚୋରି ହୋଇଥିବା ବେଳେ ୩୧ଲକ୍ଷ ୭୩ ହଜାର ଟଙ୍କାର ସମ୍ପତ୍ତି ଜବତ କରାଯାଇଛି। ୩ମାମଲାରେ ଚାର୍ଜସିଟ୍ ଦାଖଲ ହୋଇଥିବା ବେଳେ ୫ଟି ମାମଲାରେ ଚୋରଙ୍କ ଟେର ମିଳିନି। ୧୩ଟି ମାମଲାରେ ତଦନ୍ତ ଚାଲିଛି। ୧୫ଟି ଫ୍ଲାଟ୍‌ରୁ ୩୪ଲକ୍ଷ ୧୪ହଜାର ଟଙ୍କାର ସମ୍ପତ୍ତି ସିନ୍ଧିଚୋରି ହୋଇଥିବା ବେଳେ ୯ଲକ୍ଷ ୯୫ହଜାର ଟଙ୍କାର ସମ୍ପତ୍ତି ଜବତ କରାଯାଇଛି। ଗୋଟିଏ ମାମଲାରେ ପୁଲିସ ଚାର୍ଜସିଟ୍ ଦାଖଲ କରିଛି। ଗୋଟିଏ ମାମଲାରେ ପୁଲିସ ଚୋରଙ୍କ ପାଖରେ ପହଞ୍ଚିପାରି ନାହିଁ। ୧୨ଟି ମାମଲାରେ ତଦନ୍ତ ଚାଲିଛି। କଟକ ଜିଲ୍ଲା ସହରାଞ୍ଚଳ ପୁଲିସ୍‌ରେ ୫୭ଟି ଚୋରି ମାମଲାରେ ୩୯ଲକ୍ଷ ୭୯ହଜାର ୯୯୯ ଟଙ୍କାର ସମ୍ପତ୍ତି ଚୋରି ହୋଇଛି। ସେଥିରୁ ୧୦ଲକ୍ଷ ୯୩ହଜାର ୩୦୦ଟଙ୍କାର ସମ୍ପତ୍ତି ଜବତ ହୋଇଛି। ୨୨ଟି ମାମଲାର ଚାର୍ଜସିଟ୍ ଦାଖଲ ହୋଇଥିବା ବେଳ ଗୋଟିଏ ଘଟଣାରେ ପୁଲିସ ଚୋରଙ୍କ ପାଖରେ ପହଞ୍ଚିପାରି ନାହିଁ। ୨୧ ମାମଲାର ତଦନ୍ତ ଚାଲିଛି। ୪୩ଟି ସିନ୍ଧିଚୋରି ମାମଲାରେ ୨୭ଲକ୍ଷ ୯୧ହଜାର ୬୭୬ଟଙ୍କାର ସମ୍ପତ୍ତି ଲୁଟ୍ ହୋଇଛି। ୯ଲକ୍ଷ ୭୩ ହଜାର ୬୦୬ ଟଙ୍କା ଜବତ ହୋଇଛି। ୧୨ଟି ମାମଲାରେ ଚାର୍ଜସିଟ୍ ଦାଖଲ କରାଯାଇଛି। ୭ଟି ଘଟଣାରେ ପୁଲିସ ଚୋରଙ୍କ ପାଖରେ ପହଞ୍ଚିପାରି ନାହିଁ। ୨୪ ମାମଲାର ତଦନ୍ତ ଚାଲିଛି। ଏହାଛଡ଼ା ୨ଟି ଫ୍ଲାଟ୍‌ରୁ ୧୦ ଲକ୍ଷଟଙ୍କା ଚୋରି ହୋଇଛି। ଗୋଟିଏ ମାମଲାରେ ପୁଲିସ ଚୋରଙ୍କ ପାଖରେ ପହଞ୍ଚିପାରି ନାହିଁ। ଆଜି ବିଧାନସଭାରେ ବିଧାୟକ ଅରବିନ୍ଦ ମହାପାତ୍ରଙ୍କ ପ୍ରଶ୍ନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଉତ୍ତର ରଖିଛନ୍ତି।

## ପତିତପାବନ ବାନାରେ ଶୂନ୍ୟଗଣ୍ଠି



ପୁରୀ, ୧୭/୩: ମହାପ୍ରଭୁଙ୍କ ନୀଳଚକ୍ରରେ ଲାଗିଥିବା ପତିତପାବନ ବାନାରେ ଆଜି ଶୂନ୍ୟଗଣ୍ଠି ପଡ଼ିଥିବା ଦେଖିବାକୁ ମିଳିଥିଲା। ଏହା ବିଶ୍ୱବାସୀଙ୍କ ପାଇଁ ଶୁଭ ସୂଚନା ବୋଲି ଚୁନରା ସେବକମାନେ କହିଛନ୍ତି। ନୀଳଚକ୍ର ବାନାରେ ଆପେ ଆପେ ଗଣ୍ଠି ପଡ଼ିଗଲେ, ଏହାକୁ ଶୂନ୍ୟଗଣ୍ଠି ବୋଲି କୁହାଯାଏ ଓ ଏହା ଶୁଭଙ୍କର ବୋଲି ବିବେଚନା କରାଯାଏ। ଆଜି ସକାଳେ ପତିତପାବନ ବାନାରେ ଏଭଳି ଏକାଧିକ ଶୂନ୍ୟଗଣ୍ଠି ପଡ଼ିଥିବା ଦେଖିବାକୁ ମିଳିଥିଲା। ଏହି ଖବର ପ୍ରଚାରିତ ହେବା ପରେ ଶ୍ରୀମନ୍ଦିର ବାହାରେ ଓ ଭିତରେ ଭକ୍ତଙ୍କ ପ୍ରବଳ ଉତ୍କଣ୍ଠା ଦେଖିବାକୁ ମିଳିଥିଲା। ବାନା ଲାଗି ହେବା ପରେ ଶୂନ୍ୟଗଣ୍ଠି ପଡ଼ିଥିବା ଏହି ବାନାକୁ ନେବାକୁ ଭକ୍ତଙ୍କ ମହଲରେ ପ୍ରତିଯୋଗିତା ଦେଖିବାକୁ ମିଳିଥିଲା। ଶ୍ରୀମନ୍ଦିର ଚୁନରା ନିଯୋଗ ସଂପାଦକ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି, ଶୂନ୍ୟଗଣ୍ଠିକୁ ନେଇ ଭକ୍ତଙ୍କ ମହଲରେ ଧାର୍ମିକ ବିଶ୍ୱାସ ରହିଛି। ପବନରେ ଏଭଳି ଶୂନ୍ୟଗଣ୍ଠି ପଡ଼ିଯାଏ। କିନ୍ତୁ ଶୂନ୍ୟଗଣ୍ଠିକୁ ନେଇ ଭକ୍ତଙ୍କୁ ଅତିରଂଜିତ କରି କହିବା ଅବା ଅପପ୍ରଚାର କରିବା ଗ୍ରହଣୀୟ ନୁହେଁ ବୋଲି ଶ୍ରୀ ମହାପାତ୍ର କହିଛନ୍ତି।

## ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ରମାକାନ୍ତ ରଥଙ୍କ ଶେଷକୃତ୍ୟ: ପୁଅ ପିନାକୀ ଦେଲେ ମୁଖାଗ୍ନି



ପୁରୀ, ୧୭/୩: ପୂର୍ବତନ ମୁଖ୍ୟ ଶାସନ ସଚିବ ତଥା ବିଶିଷ୍ଟ କବି ପଦ୍ମଭୂଷଣ ସ୍ୱର୍ଗତ ରମାକାନ୍ତ ରଥଙ୍କ ଶେଷକୃତ୍ୟ ଆଜି ପୁରୀ ସ୍ୱର୍ଗଦ୍ୱାରଠାରେ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ସମ୍ପନ୍ନ ହୋଇଛି। ସ୍ୱର୍ଗତ ରଥଙ୍କ ବଡ଼ପୁଅ ପିନାକୀ ରଥ ମୁଖାଗ୍ନି ଦେଇଥିଲେ। ପରିବାରର ଅନ୍ୟ ସଦସ୍ୟମାନେ ଶେଷକୃତ୍ୟରେ ଉପସ୍ଥିତ ଥିଲେ। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ପୁଲିସ ବାହିନୀ ପକ୍ଷରୁ ତୋପ ସଲାମୀ ଦିଆଯାଇଥିଲା। ପୁରୀ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଏସ୍‌ପି ବିନୀତ ଅଗ୍ରୱାଲ ଶେଷକୃତ୍ୟ କାର୍ଯ୍ୟ ତଦାରଖ କରିବା ସହ ପ୍ରଶାସନ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସ୍ୱର୍ଗଦ୍ୱାରଠାରେ କେନ୍ଦ୍ର ସାହିତ୍ୟ ଅକାଦେମି ପକ୍ଷରୁ ବିଶିଷ୍ଟ କଥାକାର ଗୌରହରି ଦାସ, ଓଡ଼ିଶା ସଂଗୀତ ନାଟକ ଏକାଡେମୀ ତରଫରୁ ବଦ୍ରି ମିଶ୍ର ସ୍ୱର୍ଗତ ରଥଙ୍କ ମରଶରୀରରେ ମାଲ୍ୟାର୍ପଣପୂର୍ବକ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ପୂର୍ବତନ ମୁଖ୍ୟ ଶାସନ ସଚିବ ଗୋକୁଳାନନ୍ଦ ପତି, ଅତିରିକ୍ତ ଜିଲ୍ଲାପାଳ (ପ୍ରୋଟୋକଲ୍) ନୀଳମାଧବ ଭୋଇ, ସୂଚନା ଓ ଲୋକସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ପୁଲିସ ରିଜର୍ଭ ଇନ୍‌ସ୍ପେକ୍ଟର ଚିତ୍ତରଞ୍ଜନ ମହାନ୍ତି, ସମୁଦ୍ରକୂଳ ଥାନା ଅଧିକାରୀ ମାନସ ରଞ୍ଜନ ଚକ୍ର, କବି ଶ୍ୟାମପ୍ରକାଶ ସେନାପତିଙ୍କ ସମେତ ବହୁ ଲୋକ ପ୍ରତିନିଧି, ସାହିତ୍ୟିକ ଓ ସାହିତ୍ୟ ଅନୁରାଗୀ ସ୍ୱର୍ଗଦ୍ୱାରରେ ତାଙ୍କ ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

## ଜେ ଏସ ଡବ୍ଲୁ ଓଡିଶାରେ ଯୋଡି ହେଲା ଆଉ ଏକ ଗୌରବମୟ ଅଧ୍ୟାୟ



ପାରାଦ୍ୱୀପ, : ଜେ ଏସ ଡ ବ୍ଲୁ ଗ୍ରୁପ ନିଜର କାର୍ଯ୍ୟ ଦକ୍ଷତା,ବୃହତ ପୁଞ୍ଜି ନିବେଶ,ଓ ବୈଷୟିକ ଜ୍ଞାନ କୌଶଳ ସହାୟତା ପାଇଁ ଦେଶର ଶିଳ୍ପ ଜଗତରେ ଉତ୍କର୍ଷତାର ଆଗଧାଡିରେ ରହିଛି । ଏହି କମ୍ପାନୀ ଓଡ଼ିଶାରେ ଇସ୍ପାତ, ସିମେଣ୍ଟ, ଶକ୍ତି, ଖଣି, ଓ ଭିତିଭୂମି କ୍ଷେତ୍ରରେ ଉଲ୍ଲେଖନୀୟ ଯୋଗଦାନ ପାଇଁ ରାଜ୍ୟ ଅର୍ଥନୀତି ଅଭିବୃଦ୍ଧି ରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛି । ଏଥି ସହିତ କର୍ପୋରେଟ ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟକ୍ରମରେ ରାଜ୍ୟରେ ମହିଳା ମାନଙ୍କୁ ସଶକ୍ତ ଓ ସ୍ଥାନୀୟ ଗୋଷ୍ଠୀ ସ୍ୱାବଲମ୍ବୀ କରିବାରେ ପ୍ରୟାସ ଜାରି ରଖିଛି ।। ଓଡିଶା ପ୍ରତି ଜେ ଏସ ଡ ବ୍ଲୁ ର ଏହି ପ୍ରତିବଦ୍ଧତାକୁ ସ୍ୱୀକୃତି ପ୍ରଦାନ କରି ଜେଏସଡବ୍ଲୁ ବିଏସଏଲ ଓ ଜେଏସଡବ୍ଲୁ ଉତ୍କଳ ଷ୍ଟିଲ ର ପୁର୍ଣ କାଳୀନ ନିର୍ଦ୍ଦେଶକ ତଥା ସଭାପତି ଶ୍ରୀ ଅନିଲ ସିଂ ଙ୍କୁ ସମ୍ମାନଜନକ ଶ୍ରେଷ୍ଠ ସି ଇ ଓ ଭାବେ ସମ୍ବର୍ଦ୍ଧିତ କରାଯାଇଛି । ଭୁବନେଶ୍ୱର ଠାରେ ଆୟୋଜିତ ୩ୟ ଓଡିଶା ଖଣି ଓ ଭିତିଭୂମି ଅନ୍ତର୍ଜାତୀୟ ସମିଳନୀରେ ମହାମହିମ ରାଜ୍ୟପାଳ ଶ୍ରୀ ହରିବାବୁ କମ୍ଭମପତି ଯୋଗଦେଇ ଶ୍ରୀ ଅନିଲ ସିଂ ଙ୍କୁ ଏହି ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ ।। ସୁପ୍ରିମକୋର୍ଟର ଅବସର ପ୍ରାପ୍ତ ବିଚାରପତି ଅର୍ଜିତ ପଶାୟତ ଙ୍କ ଅଧକ୍ଷତରେ ଗଠିତ ଏକ କମିଟି ରେ ନାଲକୋର ପୂର୍ବତନ ସି ଏମ ଡି ଟି କେ ଚାନ୍ଦ, ଓ ଜଣେ ଶିଳ୍ପ ବିଶେଷଜ୍ଞ ଏହି ସମ୍ମାନଜନକ ପୁରସ୍କାରକୁ ଚୟନ କରିଥିଲେ ।। ଜେ ଏସ ଡ ବ୍ଲୁ ଗ୍ରୁପ ବଜାରରେ ୨୪ ବିଲିୟନ ଆମେରିକୀୟ ଡଲାର ପୁଞ୍ଜି ବିନିଯୋଗ କରିଥିବା ବେଳେ ଇସ୍ପାତ, ସିମେଣ୍ଟ, ପେଣ୍ଟ, ବି ଟୁ ବି, ଇ କମର୍ଶ, ପ୍ରତିରକ୍ଷା, ଗ୍ରୀନ ମୋବିଲିଟି, ଏବଂ କ୍ରୀଡା କ୍ଷେତ୍ରରେ ଅବଦାନ ଭାରତୀୟ ଅର୍ଥନୈତିକ ଅଭିବୃଦ୍ଧି ପାଇଁ ଗୁରୁତ୍ୱପୂର୍ଣ୍ଣ ରହିଛି । ଏଥି ସହିତ ଭାରତ ବାହାରେ ଆମେରିକା, ୟୁରୋପ, ଆଫ୍ରିକା ଭଳି ଦେଶରେ ବ୍ୟପକ କର୍ମନିଯୁକ୍ତି ସୃଷ୍ଟି କରିବା ସହିତ ସାରା ବିଶ୍ୱରେ ୪୦ ହଜାର ଲୋକଙ୍କୁ ସିଧାସଳଖ ନିଯୁକ୍ତି ପ୍ରଦାନ କରି ପାରିଛି । ଏହି ସମ୍ମାନଜନକ ପୁରସ୍କାର ପାଇଁ ଶ୍ରୀ ଅନିଲ ସିଂ ଙ୍କୁ ପାରାଦୀପ ସ୍ଥିତ ଜେ ଏସ ଡ ବ୍ଲୁ ଉତ୍କଳ ଷ୍ଟିଲ କାର୍ଯ୍ୟଳୟ ପକ୍ଷରୁ ଅଭିନନ୍ଦନ ଜଣା ଯାଇଛି ।

## କଣ୍ଟାବାଞ୍ଜି ମାଟିର ମହୋତ୍ସବ ଆରମ୍ଭ



ବଲାଙ୍ଗିର : ବଲାଙ୍ଗିର ଜିଲା କଣ୍ଟାବାଞ୍ଜି ରେଲବାଇ ଖେଳପଡ଼ିଆ ଠାରେ ସୋମବାର ସନ୍ଧ୍ୟାରେ କଣ୍ଟାବାଞ୍ଜି ମାଟିର ମହୋତ୍ସବ ଉଦଘାଟିତ ହୋଇଯାଇଛି । ମାଟିର ମହୋତ୍ସବର ସଭାପତି ବ୍ରଜ ଶ୍ୟାମ ଗୁରୁ ଙ୍କ ର ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମାଟିର ମହୋତ୍ସବର ଅଧକ୍ଷ ତଥା କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ,ମୁଖ୍ୟ ବକ୍ତା ଡ଼ଃ ଫଣିନ୍ଦମ ସିଂ ଦେଓ,ସମ୍ମାନିତ ଅତିଥି ଶିବାଜୀ ମହାନ୍ତି,କଣ୍ଟାବାଞ୍ଜି ନଗରପାଳ ବରିୟାମ ସିଂ ସାଲୁଜା, କାର୍ଯ୍ୟକାରୀ ସଭାପତି ବିରଞ୍ଚି ନାରାୟଣ ଦାସ,ଉପ ସଭାପତି କୈଳାସ ଦୀପ,ଆବାହାକ ପୁଷ୍ପକେତୁ ବେହେରା,ନାରୀନେତ୍ରୀ ନିରୁପମା ମାଝୀ,ଅବସରପ୍ରାପ୍ତ ସୈନିକ ଗିରିରାଜ ସିଂ ମାଝୀ,ବେଦବ୍ୟାସ ନାଗ, ସଞ୍ଜୟ ଗାନ୍ଧୀ,ରାଜେଶ ଅଗ୍ରୱାଲ,ପିଙ୍କି ଖର୍ସେଲ ପ୍ରମୁଖ ଅତିଥି ଭାବେ ମଞ୍ଚାସୀନ ଥିଲେ । ସମ୍ପାଦକ ମନୋଜ ଦାସ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ସୃଜନ ସଙ୍ଗୀତ କଳାକାର ଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା । ଅତିଥି ଙ୍କୁ ଉପଢୌକନ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । ସଭାପତି ପ୍ରାରମ୍ଭିକ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ । ଅଞ୍ଚଳର ଲୋକ କଳା,ଲୋକ ସଂସ୍କୃତି,ଲୋକ ବାଦ୍ୟ,ଲୋକ ପରମ୍ପରାକୁ ଉଜ୍ଜୀବିତ କରିବା ସହ ଅଞ୍ଚଳର କଳାକାରଙ୍କୁ ସୁଯୋଗ ଦେବାର ଏକ ମାଧ୍ୟମ ହୋଇପାରିଛି । ସଂସ୍କୃତି ପରିବର୍ତ୍ତନଶୀଳ କିନ୍ତୁ ଅବକ୍ଷୟ ମୁଖୀ ନିଜ ଅଞ୍ଚଳର କଳା,ସଂସ୍କୃତିର ସଂରକ୍ଷଣର ଆବଶ୍ୟକତା ରହିଛି । କଳା ବଞ୍ଚିଲେ ସଂକୃତି ବଞ୍ଚିବ ବୋଲି ମୁଖ୍ୟ ବକ୍ତା ଡ଼ଃ ଫଣିନ୍ଦମ ସିଂ ଦେଓ କହିଥିଲେ । ଚଳିତ ବର୍ଷ ଓଡିଶା ପ୍ରଶାସନିକ ସେବା ରେ ସଫଳତା ହାସଲ କରିଥିବା ସିନ୍ଧେକେଲା ର ଦିପ୍ତିରେଖା ବାଗ, ବେହେରେନସିଲେଟ ଗାଁ ର ସୁମନ ନାଏକ, କଣ୍ଟାବାଞ୍ଜି ର ସନ୍ତୋଷ ନାଗ ଙ୍କୁ ମାଟିର ଗୈରବ ସମ୍ମାନ ରେ ସମ୍ବର୍ଦ୍ଧିତ କରାଯାଇଥିଲା । ପରେ ମେଲୋଡ଼ି କାର୍ଯ୍ୟକ୍ରମ ର ଆଜୟୋଜନ ହୋଇଥିଲା । ଏହି କାର୍ଯ୍ୟକ୍ରମ ରେ ଉପ ସଭାପତି ସନ୍ତୋଷ ଅଗ୍ରୱାଲ, ନିଶିକାନ୍ତ ମହାପାତ୍ର, ସହ ସଂପାଦକ ତୁଳସିରାମ ଜଗତ, ଦିନେଶ ମହାନନ୍ଦ, ଆଶିଷ ଅଗ୍ରୱାଲ, ଆଇନ ପରାମର୍ଶଦାତା ବିବେକ ଶର୍ମା, ପ୍ରଚାରକ ରୋହନ କୁମାର ମହତ, ସାଂକୃତିକ ସଂଯୋଜକ ରଶ୍ମିରଞ୍ଜନ ପୁଟେଲ, ସାଂସ୍କୃତିକ ସମ୍ପାଦକ ଅମରରେନ୍ଦ୍ର ବାଗ, କାର୍ଯ୍ୟକାଣୀ ସଦସ୍ୟ ପ୍ରମାନନ୍ଦ ପୁଟେଲ, ରାଜୁ ବାରିକ, ସୋହନ ଗୁରୁ,ସୋମନାଥ ସାହୁ, ସୋନୁ ସତପଥୀ, ମୋହନ ସୁନା, ସତ୍ୟନାରାୟଣ ଅଗ୍ରୱାଲ, ପପୁ ଜୁଏଡ, ବିମଳ ହାତୀ, ବିଟୁ ସାଗ୍ଘା ସହ ଅନ୍ୟ ସଦସ୍ୟ ମାନେ ଉପସ୍ଥିତ ଥିଲେ ।

## ଆନ୍ଧ୍ରପ୍ରଦେଶ ମଞ୍ଜୁଷାଠାରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ସଂପର୍କିତ ଆଲୋଚନାଚକ୍ର ଓ କବିତା ପାଠୋତ୍ସବ



ମଞ୍ଜୁଷା, : ରାଜନୈତିକ ଭୂଖଣ୍ଡ ଭିନ୍ନ ହେଲେ ବି ହୃଦୟର ଭୂଗୋଳରେ ସଦା ବିରାଜ ମାନ ଆମ ବିଚ୍ଛିନ୍ନାଞ୍ଚଳ । ଉଭୟ ଭାବଗତ, ଭାଷାଗତ ଓ ତଥା ସାଂସ୍କୃତିକ ଐତିହ୍ୟ ଏହାର ଆଧାର । ଆଜି ୧୧ ମାର୍ଚ୍ଚ ୨୦୨୫ ପୂର୍ବାହ୍ଣ ୧୦.୩୦ ଘଟିକାରେ ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ଉପଲକ୍ଷେ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଆନ୍ଧ୍ରପ୍ରଦେଶର ପୁଣ୍ୟପୀଠ ମଞ୍ଜୁଷାସ୍ଥିତ ଓଡ଼ିଆ ଯୁବକ ପାଠାଗାରଙ୍କ ମିଳିତ ସହଯୋଗରେ ଏକଦିବସୀୟ ଆଲୋଚନାଚକ୍ର ଓ କବିତା ପାଠୋତ୍ସବ ସାଇକମଳ କଲ୍ୟାଣମଣ୍ଡପଠାରେ ଆୟୋଜିତ ହୋଇଯାଇଅଛି । ଏଥିରେ ବିଚ୍ଛିନ୍ନାଞ୍ଚଳରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ଭୂମିକା ସଂପର୍କରେ ଭାଷାଭିତ୍ତିକ ଆଲୋଚନା କରାଯାଇଥିଲା । ଭାଷା, ସାହିତ୍ୟ ଓ ସଂସ୍କୃତି ଆଦିର ପ୍ରସାର, ପ୍ରଚାର ଓ ପ୍ରୟୋଗ ବିଷୟରେ ଆମନ୍ତ୍ରିତ ମାନ୍ୟଗଣ୍ୟ ଅତିଥିମାନଙ୍କ ଦ୍ୱାରା ଆଲୋଚନା କରାଯାଇଥିଲା । ସ୍ଥାନୀୟ ଅଞ୍ଚଳର ଓଡ଼ିଆ ଅଧିବାସୀମାନଙ୍କର ଅନେକ ସମର୍ପଣ ଓ ବଳିଦାନ ଆଦିରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ଆଦିକୁ ସୁରକ୍ଷା ଦେବାରେ ସେମାନେ ଅନେକ ସହଯୋଗ ପ୍ରଦାନ କରିଥିବାରୁ ତାଙ୍କୁ ଧନ୍ୟବାଦ ଜ୍ଞାପନ କରାଯାଇଥିଲା । ସେମାନେ ଆମର ପ୍ରଚାରକ, ଦୂତ ଓ ସଂସ୍କୃତିର ସମାହାର ବୋଲି ଆଲୋଚନା କରାଯାଇଥିଲା ।ଏହି ଅବସରରେ ଉସମାର ସଭାପତି ଶ୍ରୀଯୁକ୍ତ ସତ୍ୟନାରାୟଣ ପାଢ଼ୀ, ଆନ୍ଧ୍ରପ୍ରଦେଶ ଓଡ଼ିଆ ଶିକ୍ଷକ ସଂଘର ସଭାପତି ଶ୍ରୀଯୁକ୍ତ ଭାସ୍କର ପାଢ଼ୀ ଏବଂ ଆନ୍ଧ୍ରପ୍ରଦେଶ ଓଡ଼ିଆ ଶିକ୍ଷକ ସଂଘର ସାଧାରଣ ସମ୍ପାଦକ ଶ୍ରୀଯୁକ୍ତ ବୃନ୍ଦାବନ ଦଳାଇ ଆଦି ଯୋଗଦାନ କରି ଏହି ବିଚ୍ଛିନ୍ନାଞ୍ଚଳରେ ଓଡ଼ିଆ ଭାଷା ପ୍ରତି ରହିଥିବା ଦାୟିତ୍ୱ ସଂପର୍କରେ ଏବଂ ଏହାର ପ୍ରଚାର ଓ ପ୍ରସାର ଦିଗରେ କାର୍ଯ୍ୟ କରିବା ନିମନ୍ତେ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଜଣାଇଥିଲେ । ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ବିଭାଗ ମୁଖ୍ୟ ଡକ୍ଟର ବିଦ୍ୟୁତପ୍ରଭା ସାହୁ ଓଡ଼ିଆ ଭାଷା ଶାସ୍ତ୍ରୀୟ ଭାଷାର ମର୍ଯ୍ୟାଦା କିପରି ପାଇପାରିଅଛି ଓ ଓଡ଼ିଆ ଭାଷା ସୃଷ୍ଟି ସଂପର୍କରେ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ । ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରଚାରକ ଶ୍ରୀଯୁକ୍ତ ଶରଣାରବିନ୍ଦ ଓଝା ଯୋଗଦାନ କରି ଉତ୍କଳୀୟ ମାଟିରେ ଜନ୍ମିତ ସାରସ୍ୱତ ସ୍ରଷ୍ଟାଙ୍କ ଜୀବନାଦର୍ଶ, ପରାକାଷ୍ଠା ଓ ସମାଜର ମଙ୍ଗଳ ପାଇଁ ଯେଉଁସବୁ ଅନବଦ୍ୟ ସୃଷ୍ଟି କରିଯାଇଅଛନ୍ତି ଏହା ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିକୁ ବଜାୟ ରଖିବାରେ ଅନେକ ସହାୟକ ହୋଇପାରିଛି ବୋଲି ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ । ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଦସ୍ୟ ଶ୍ରୀଯୁକ୍ତ ପୂର୍ଣ୍ଣଚନ୍ଦ୍ର ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦାନ କରି ଭାଷା ସମ୍ପର୍କିତ ଆଲୋଚନା ଓ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ପ୍ରତି ଏହି ସ୍ଥାନମାନଙ୍କରେ ବସବାସ କରୁଥିବା ସାରସ୍ୱତ ପ୍ରେମୀଙ୍କ କାର୍ଯ୍ୟଧାରାକୁ ଭୂୟଂସୀ ପ୍ରଶଂସା କରିଥିଲେ । ଏହା କିପରି ଆହୁରି ବହୁଳ ଭାବେ କାର୍ଯ୍ୟକାରୀ କରାଯିବ ଏ ଦିଗରେ ନିଜର ଅଭିଭାଷଣ ପ୍ରଦାନ କରିଥିଲେ । ଉତ୍ସବରେ ସଭାପତିତ୍ୱ କରୁଥିବା ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଦସ୍ୟ ଡକ୍ଟର ସିଦ୍ଧାର୍ଥ ଶଙ୍କର ପାଢ଼ୀ ଯୋଗଦାନ କରି ପୂର୍ବରୁ ଆଲୋଚନା କରିଥିବା ଅତିଥି ଓ ବକ୍ତାଙ୍କ ବକ୍ତବ୍ୟ ଉପରେ ସମ୍ୟକ୍ ସୂଚନା ପ୍ରଦାନ କରିବା ସହ ଓଡ଼ିଶା ସାହିତ୍ୟ ଏକାଡେମୀର ଏହିପରି କାର୍ଯ୍ୟକୁ କିପରି ଆଗାମୀ ଦିନରେ ଏହି ଉପାନ୍ତ ଅଞ୍ଚଳମାନଙ୍କରେ ସୁଚାରୁ ରୂପେ କରାଯାଇପାରିବ ସେ ସଂପର୍କରେ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ । ଓଡ଼ିଶା ସାହିତ୍ୟ ଏକାଡେମୀର ଦକ୍ଷ ପ୍ରଶାସକ ତଥା ସାହିତ୍ୟାନୁରାଗୀ ଡକ୍ଟର ଚନ୍ଦ୍ରଶେଖର ହୋତା ସ୍ୱାଗତ ଅଭିଭାଷଣ ପ୍ରଦାନ କରିବା ସହ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ପ୍ରତି ଉପାନ୍ତ ଅଞ୍ଚଳରେ ଭାଷାଭିତ୍ତିକ କାର୍ଯ୍ୟକ୍ରମ କିପରି ଆଗାମୀ ଦିନରେ ସୁଚାରୁ ରୂପେ କରାଯାଇପାରିବ ଏ ଉପରେ ନିଜର ମତ ପ୍ରକାଶ କରିଥିଲେ । ଓଡ଼ିଶା ସାହିତ୍ୟ ଏକାଡେମୀର ସହ-ସଚିବ ଶ୍ରୀ ସଞ୍ଜୟ କୁମାର ଛୁଆଳସିଂହ ଅତିଥି ପରିଚୟ ଓ ଧନ୍ୟବାଦ ଅର୍ପଣ କରିଥିଲେ । କୃଷ୍ଣପୁରସ୍ଥିତ ଜିଲ୍ଲା ପରିଷଦ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା 'ବନ୍ଦେ ଉତ୍କଳ ଜନନୀ' ଗାନ କରାଯାଇଥିଲା ।ଦ୍ୱିତୀୟ ଅଧିବେଶନ ଆଲୋଚନାଚକ୍ର କାର୍ଯ୍ୟକ୍ରମରେ ଧରାକୋଟ ସରକାରୀ ସ୍ନାତକ ମହାବିଦ୍ୟାଳୟ ଅଧକ୍ଷ ଡକ୍ଟର ସୁଜିତ୍ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଭାଷାବିତ୍ ତଥା ଓଡ଼ିଆ ଭାଷା ଆନ୍ଦୋଳନର ଜଣେ ଅନ୍ୟତମ ସାରଥି ଶ୍ରୀଯୁକ୍ତ ପବିତ୍ର ମହାରଥା, ସୁସାହିତ୍ୟିକ ଓ ସ୍ତମ୍ଭକାର ଡାକ୍ତର ସାଗର ରଞ୍ଜନ ତ୍ରିପାଠୀ, ଦକ୍ଷିଣାଞ୍ଚଳ କାର୍ଯ୍ୟାଳୟ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ଉପ-ସଚିବ ଡକ୍ଟର କୁଳମଣି ଓଝା, ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ଉପ ନିର୍ଦ୍ଦେଶକ ଅଧ୍ୟାପକ ସୁଶାନ୍ତ ଦାସ ଓ ଶିକ୍ଷାବିତ୍ ଓ ଗବେଷକ ଡକ୍ଟର ଗିରିଶ ପ୍ରସାଦ ସ୍ୱାଇଁ ଆଦି ଯୋଗଦାନ କରି ବିଚ୍ଛିନ୍ନାଞ୍ଚଳରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ଭୂମିକା ସଂପର୍କରେ ଭାଷାଭିତ୍ତିକ ଆଲୋଚନା କରିବା ସହ ଓଡ଼ିଆ ଭାଷାର ପ୍ରଚାର ଓ ପ୍ରସାର ଦିଗରେ ଉପାନ୍ତ ଅଞ୍ଚଳରେ ବିଭିନ୍ନ ସାରସ୍ୱତ କାର୍ଯ୍ୟକ୍ରମମାନ କରାଯିବା ପାଇଁ ମତ ପ୍ରକାଶ କରିଥିଲେ । ପରିଶେଷରେ ଅପରାହ୍ଣ ସମୟରେ ଆମନ୍ତ୍ରିତ କବି ଓ କବୟିତ୍ରୀମାନଙ୍କ ଦ୍ୱାରା କବିତା ପାଠୋତ୍ସବ ଆୟୋଜନ କରାଯାଇଥିଲା । ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଦସ୍ୟ ଶ୍ରୀଯୁକ୍ତ ବିଚିତ୍ରାନନ୍ଦ ବେବର୍ତ୍ତା ସଂଯୋଜନା କରିଥିଲେ । ଏଥିରେ ମଞ୍ଜୁଷା ବ୍ୟତୀତ ପାରଳାଖେମୁଣ୍ଡି, ବ୍ରହ୍ମପୁର ଏବଂ ଅନ୍ୟାନ୍ୟ ସ୍ଥାନମାନଙ୍କରୁ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ କବି ଓ କବୟିତ୍ରୀମାନେ ଭାଷା ସଂପର୍କିତ ସ୍ୱରଚିତ କବିତାମାନ ପାଠ କରିଥିଲେ । ଉକ୍ତ ଉତ୍ସବରେ ଜ୍ଞାନୀଗୁଣୀ, ସ୍ଥାନୀୟ ଅଞ୍ଚଳର ଅଧିବାସୀ, ସାରସ୍ୱତପ୍ରେମୀ, ସାମ୍ବାଦିକ ବନ୍ଧୁ ଆଦି ଯୋଗଦାନ କରି ଓଡ଼ିଶା ସାହିତ୍ୟ ଏକାଡେମୀର ଏହିପରି କାର୍ଯ୍ୟକୁ ଅତ୍ୟନ୍ତ ପ୍ରଶଂସା କରିବା ସହ ଏଥିରେ ସଂପୂର୍ଣ୍ଣ ଭାବେ ସହଯୋଗ ପ୍ରଦାନ କରିଥିଲେ ।

## ଗ୍ରୀଷ୍ମ ପ୍ରବାହ ମୁକାବିଲା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ




ପୁରୀ ୧୧/୩ ପୁରୀ ଜିଲ୍ଲା ପ୍ରଶାସନ ପକ୍ଷରୁ ଗ୍ରୀଷ୍ମପ୍ରବାହ ମୁକାବିଲା ପାଇଁ ଏକ ପ୍ରସ୍ତୁତି ବୈଠକ ଆଜି ଅପରାହ୍ନରେ ଓସ୍ୱାନ ସଭାଗୃହ ଠାରେ ଅନୁଷ୍ଠିତ ହୋଇଥିଲା । ଆଭାସୀ ମାଧ୍ୟମରେ ଅନୁଷ୍ଠିତ ଏହି ବୈଠକରେ ଆବାସିକ କାର୍ଯ୍ୟାଳୟ ରୁ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଅଧକ୍ଷତା କରି ଗ୍ରୀଷ୍ମପ୍ରବାହ ର ମୁକାବିଲା ପାଇଁ ସମସ୍ତ ବିଭାଗ ବିଗତ ବର୍ଷ ମାନଙ୍କ ପରି ପ୍ରସ୍ତୁତ ରହିବାକୁ ପରାମର୍ଶ ଦେଇଥିଲେ । ବିଶେଷ କରି ଜନସାଧାରଣ ଙ୍କୁ ସତର୍କ ଓ ସଚେତନ କରିବା ସହ ସ୍ୱାସ୍ଥ୍ୟ, ପାନୀୟ ଜଳ, ବିଦ୍ୟୁତ, ଶ୍ରମ ,ପରିବହନ, ପଶୁ ସମ୍ପଦ, କୃଷି ଇତ୍ୟାଦି ବିଭାଗ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ ।ସରକାର ଓ ଏସ ଆର ସି ଧାର୍ଯ୍ୟ କରିଥିବା ମାର୍ଗଦର୍ଶିକା କୁ ସଠିକ ଭାବେ ଅନୁପାଳନ କରିବା,ପ୍ରତ୍ୟେକ ଚିକିତ୍ସାଳୟରେ ଅଂଶୁଘାତ ଚିକିତ୍ସା ବ୍ୟବସ୍ଥା ରଖିବା,ସମସ୍ତ ନଳକୂପ ମରାମତି, ଜଳଛତ୍ର ବ୍ୟବସ୍ଥା କରିବା, ପଶୁ ପକ୍ଷୀ ମାନଙ୍କ ପାଇଁ ପାନୀୟ ଜଳ ପାତ୍ର ବ୍ୟବସ୍ଥା,ଶିକ୍ଷାନୁଷ୍ଠାନ, ଅଙ୍ଗନବାଡ଼ି କେନ୍ଦ୍ର,ଯାତ୍ରୀ ପରିବହନ ଗାଡ଼ି ଓ ଶ୍ରମିକ ମାନଙ୍କ ପାଇଁ ଧାର୍ଯ୍ୟ ସମୟ ନିର୍ଘଣ୍ଟ କୁ ଅନୁପାଳନ କରିବାକୁ ଶ୍ରୀ ସ୍ୱାଇଁ ପରାମର୍ଶ ଦେଇଥିଲେ ।ପଶୁ ପକ୍ଷୀ ମାନଙ୍କ ପାଇଁ ପ୍ରତ୍ୟେକ ବ୍ୟକ୍ତି ନିଜ ଘର ନିକଟରେ, ଛାତରେ ପାଣି ରଖିବା ବ୍ୟବସ୍ଥା କରିବା, ଖରାରେ ବାହାରକୁ ନ ବାହାରିବା, ଅତ୍ୟାବଶ୍ୟକ କ୍ଷେତ୍ରରେ ବାହାରକୁ ଯାଉଥିଲେ ପ୍ରଚୁର ପାଣି,ଦହି, ଲେମ୍ବୁ ପାଣି ଇତ୍ୟାଦି ପିଇବା ଓ ସାଥିରେ ନେବା, କଳା ଚଷମା ,ଟୋପି ଇତ୍ୟାଦି ବ୍ୟବହାର କରିବା,ଅଂଶୁଘାତ ର ଲକ୍ଷଣ ଦେଖା ଦେଲେ ତୁରନ୍ତ ଚିକିତ୍ସିତ ହେବାକୁ ଜିଲ୍ଲାପାଳ ଅନୁରୋଧ କରିଥିଲେ । ଗ୍ରୀଷ୍ମପ୍ରବାହ କୁ ଦୃଷ୍ଟିରେ ରଖି ଶ୍ରମ ବିଭାଗ ପକ୍ଷରୁ ଦିବା ୧୧ ରୁ ଅପରାହ୍ନ ୩.୩୦ ମିନିଟ ପର୍ଯ୍ୟନ୍ତ କାର୍ଯ୍ୟ ବନ୍ଦ ରଖିବା, କାର୍ଯ୍ୟ କ୍ଷେତ୍ରରେ ଛାଇର ବ୍ୟବସ୍ଥା କରିବା, ପାନୀୟ ଜଳ ବ୍ୟବସ୍ଥା କରିବା, ଓଆରଏସ ରଖିବା ଓ ଶ୍ରମିକ ମାନଙ୍କୁ ସଚେତନ କରାଇବା, ଅଙ୍ଗନବାଡ଼ି କେନ୍ଦ୍ର ଓ ବିଦ୍ୟାଳୟ ଗୁଡିକ ସରକାରୀ ନିର୍ଦ୍ଦେଶନାମା ଅନୁସାରେ ପରିଚାଳିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ପ୍ରୋଟୋକଲ ନୀଳମାଧବ ଭୋଇ,ଜିଲ୍ଲା ପରିଷଦ ର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି,ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା,ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ ।ଜିଲ୍ଲା ଜରୁରୀ ବିଭାଗ ଡେପୁଟି କଲେକ୍ଟର ମନୀଷା ଷଡ଼ଙ୍ଗୀ ଗ୍ରୀଷ୍ମପ୍ରବାହ ର ଆକ୍ସନ ପ୍ଲାନ ଅନୁସାରେ ମୁକାବିଲା ପାଇଁ ଅନୁରୋଧ କରିଥିଲେ ।ଆଭାସୀ ମାଧ୍ୟମରେ ପ୍ରତ୍ୟେକ ବ୍ଲକରେ ବିଡ଼ିଓ, ତହସିଲଦାର, ବିଜ୍ଞାପିତ ଅଞ୍ଚଳ ପରିଷଦର କାର୍ଯ୍ୟ ନିର୍ବାହୀ ଅଧିକାରୀ, ଅନ୍ୟାନ୍ୟ ଅଧିକାରୀ ଓ ଲାଇନ ଡିପାର୍ଟମେଣ୍ଟର ଅଧିକାରୀ ମାନେ ଯୋଗ ଦେଇଥିଲେ ।

## ଜିଲ୍ଲା ସ୍ତରୀୟ ସୂଚନା ଅଧିକାର ଆଇନ୍ କର୍ମଶାଳା

କଟକ, : ସୂଚନା ଅଧିକାର ଆଇନ୍ ?-୨୦୦୫କୁ ଅଧିକ ଲୋକାଭିମୁଖୀ କରିବା ନିମନ୍ତେ ରାଜ୍ୟ ସରକାରଙ୍କର ନିରନ୍ତର ପ୍ରୟାସ ଜାରି ରହିଛି । ସାଧାରଣ ଜନତା ଏହି ଆଇନକୁ ସରଳ ଓ ସୁବିଧାଜନକ ଭାବେ ବ୍ୟବହାର କରି ବିଭିନ୍ନ ବିଭାଗର ତଥ୍ୟ ଉପଲବଧ କରିବା ପାଇଁ ବିଭାଗୀୟ ଦପ୍ତରଗୁଡ଼ିକୁ ନିଜର ସାଧାରଣ ତଥ୍ୟଗୁଡ଼ିକୁ ସୂଚନା ଅଧିକାର ପୋର୍ଟାଲରେ ନିଜ ଆଡୁ ସାର୍ବଜନୀନ କରି ପ୍ରକାଶ କରିବାର ବିଧି ରହିଛି । ସରକାର ଉକ୍ତ ତଥ୍ୟକୁ ଇଂରାଜୀ ସହ ଓଡ଼ିଆରେ ପ୍ରକାଶ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏଥିନିମନ୍ତେ ଜନ ସୂଚନା ଅଧିକାରୀମାନେ ନିର୍ଭୁଲ ଭାବେ ଅବିଳମ୍ବେ ଏହି କାର୍ଯ୍ୟ ସମ୍ପାଦନ କରିବା ନିମନ୍ତେ ସେମାନଙ୍କୁ ବିଶେଷ ପ୍ରଶିକ୍ଷଣର ଆବଶ୍ୟକତାକୁ ଉପଲବ୍ଧି କରି ଜିଲ୍ଲା ପ୍ରଶାସନ ତରଫରୁ ସୂଚନା ଅଧିକାର ଆଇନ୍ ?-୨୦୦୫ ଅନ୍ତର୍ଗତ ଏକ ସଚେତନତା କର୍ମଶାଳା ଆଜି କଟକ ଜିଲ୍ଲାପାଳଙ୍କ ସଦଭାବନା ସଭାଗୃହଠାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ୍ ଶ୍ରୀ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଏହି କର୍ମଶାଳାରେ ଯୋଗଦେଇ ଜନ ସୂଚନା ଅଧିକାରୀମାନେ ସୂଚନା ଅଧିକାର ଆଇନ୍ ?-୨୦୦୫ର ଧାରା ୪(୧)(ଖ) ଅନୁଯାୟୀ ନିଜ ବିଭାଗର ସମସ୍ତ ତଥ୍ୟ ସୂଚନା ଅଧିକାର ୱେବସାଇଟରେ ଉଭୟ ଓଡ଼ିଆ ଓ ଇଂରାଜୀରେ ଅପଲୋଡ କରିବା ପାଇଁ ପରାମର୍ଶ ଦେଇଥିଲେ । ଏଥିସହ ବିଭିନ୍ନ ବିଭାଗ ଅଧିକ କ୍ରିୟାଶୀଳ ଏବଂ ସଚେତନ ହୋଇ ସୂଚନା ଅଧିକାର ସମ୍ପର୍କିତ ଆସୁଥିବା ସମସ୍ତ ଆବେଦନଗୁଡିକର ଉତ୍ତର ନିର୍ଦ୍ଧାରିତ ସମୟ ମଧ୍ୟରେ ଦେବାକୁ ଆହ୍ୱାନ ଦେଇଥିଲେ । ଜିଲ୍ଲାର ସମସ୍ତ ବ୍ଲକ, ତହସିଲ




ତଥା ଅନ୍ୟାନ୍ୟ ବିଭାଗର ଜନ ସୂଚନା ଅଧିକାରୀମାନେ ଏହି କର୍ମଶାଳାରେ ଯୋଗ ଦେଇଥିଲେ । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ଆୟୋଜିତ ଏହି କର୍ମଶାଳାରେ ବିଷୟ ବିଶାରଦ ଭାବେ ଲୁମିନସ୍ ଇନଫୋସିସର ମାଷ୍ଟର ଟ୍ରେନର ସଂଗ୍ରାମ କୁମାର ପୃଷ୍ଟି ଯୋଗଦେଇ ସୂଚନା ଅଧିକାର ଆଇନର ଧାରା ୪(୧) (ଖ) ମୁତାବକ ୧୭ସ୍ତରୀୟ ତଥ୍ୟ ଉଭୟ ଇଂରାଜୀ ଓ ଓଡ଼ିଆରେ ନିଜ ସୂଚନା ଅଧିକାର ପୋର୍ଟାଲରେ ଅଦ୍ୟତନ କରିବା ଉପରେ ତାଲିମ ପ୍ରଦାନ କରିଥିଲେ । ମଗାଯାଉଥିବା ତଥ୍ୟଗୁଡ଼ିକୁ ଠିକ୍ ସମୟରେ ପ୍ରଦାନ ସହ ନିଜ ବିଭାଗର ତଥ୍ୟଗୁଡ଼ିକୁ ଉଭୟ ଇଂରାଜୀ ଓ ଓଡ଼ିଆ ଭାଷାରେ ସାର୍ବଜନିନ କରିବା ନିମନ୍ତେ ସେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀମାନଙ୍କ ମନରେ ଏ ସମ୍ପର୍କିତ ଦ୍ୱନ୍ଦ୍ୱକୁ ସେ ଦୂର କରିଥିଲେ । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ଭବାନୀ ଶଙ୍କର ଭୂୟାଁ କାର୍ଯ୍ୟକ୍ରମ ପରିଚାଳନା କରିବା ସହ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଜାରି କରାଯାଇଥିବା ନିର୍ଦ୍ଦେଶାବଳୀ ଅନୁଯାୟୀ ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ସମସ୍ତେ ନିଜ ନିଜ ବିଭାଗ ବା କାର୍ଯ୍ୟାଳୟର ସୂଚନା ଅଧିକାର ପୋର୍ଟାଲରେ ଉଭୟ ଓଡିଆ ଓ ଇଂରାଜୀରେ ତଥ୍ୟ ଅପଲୋଡ କରିବାକୁ ପରାମର୍ଶ ଦେଇଥିଲେ ।

## ଏନସିସି ଦ୍ୱାରା ସଚେତନତା ସାଇକେଲ୍ ଶୋଭାଯାତ୍ରା



ପୁରୀ ଓଡ଼ିଶା ଏନସିସି ନିର୍ଦ୍ଦେଶାଳୟ ଅନ୍ତର୍ଗତ କଟକ ଗ୍ରୁପ ଜାତୀୟସମର ଶିକ୍ଷାର୍ଥୀ ବାହିନୀ ଆନୁକୁଲ୍ୟରେ ସାରା ରାଜ୍ୟରେ ସଚେତନତା ଏବଂ ସାମାଜିକ ଦାୟିତ୍ୱବୋଧ କୁ ପ୍ରୋତ୍ସାହିତ କରିବା ପାଇଁ ଏକ ବୃହତ ସାଇକଲ ରାଲି ର ଉଦଘାଟନ ସମାରୋହ ପୁରୀ ଜିଲ୍ଲା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଠାରେ ଆଜି ପୂର୍ବାହ୍ନରେ କଟକ ଏନସିସି ଗ୍ରୁପର ଗ୍ରୁପ କମାଣ୍ଡର କର୍ଣ୍ଣେଲ ସତ୍ୟବ୍ରତ ସ୍ୱାଇଁ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଅଛି ।ଏଥିରେ ମୁଖ୍ୟ ଅତିଥି ଭାବରେ କର୍ଣ୍ଣେଲ ସ୍ୱାଇଁ,ସମ୍ମାନିତ ଅତିଥି ଭାବେ ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଯୋଗଦେଇ ପତାକା ପ୍ରଦର୍ଶନ କରି କ୍ୟାଡେଟ ମାନଙ୍କୁ ଉତ୍ସାହିତ କରି ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ ।ଅନ୍ୟ ମାନଙ୍କ ମଧ୍ୟରେ ମେଜର ଆଶୁତୋଷ ତ୍ରିପାଠୀ, ଲେଫ୍ଟନାଣ୍ଟ ଅନିଲ କୁମାର, ସଞ୍ଜୀବ ଦେଓ୍ୱାନ,ଜେ ବି ସିଂହ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷୟତ୍ରୀ ପୁଷ୍ପଶ୍ରୀ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ସାଇକେଲ ଯାତ୍ରୀ ଙ୍କୁ ଶୁଭେଚ୍ଛା ଜଣାଇଥିଲେ ।ଚଳିତ ମାର୍ଚ୍ଚ ମାସ ୧୨ ତାରିଖରୁ ଆରମ୍ଭ ହୋଇଥିବା ଏହି ଶୋଭାଯାତ୍ରା ୨୦ ଦିନ ବ୍ୟାପୀ ଓଡିଶାର ୧୫ଟି ଜିଲ୍ଲା ପରିକ୍ରମା କରି ଆସନ୍ତା ଏପ୍ରିଲ ମାସ ୨ ତାରିଖରେ କଟକ ଏନସିସି ଗ୍ରୁପ୍ ମୁଖ୍ୟାଳୟରେ ଠାରେ ପହଞ୍ଚି ଉଦଯାପିତ ହେବ କ୍ଷପ୍ରଥମ ଓଡ଼ିଶା ମେଡିକାଲ କମ୍ପାନୀ ଏନସିସିର କମାଣ୍ଡିଂ ଅଫିସର ମେଜର ଆଶୁତୋଷ ତ୍ରିପାଠୀ, ୨୦ ଜଣ ଏନସିସି କ୍ୟାଡେଟ ଏବଂ ୧୦ ଜଣ ଏନସିସି କର୍ମଚାରୀଙ୍କୁ ନେଇ ଏହି ସାଇକଲ ଶୋଭାଯାତ୍ରା ସଡ଼କ ସୁରକ୍ଷା ସଚେତନତା, ପରିବେଶ ସଂରକ୍ଷଣ, ସାଇବର ସୁରକ୍ଷା, ମହିଳା ସଶକ୍ତିକରଣ, ନିଶା ନିବାରଣ ସଚେତନତା , ଏନସିସି ତଥା ସଶସ୍ତ୍ର ବାହିନୀରେ ନିଯୁକ୍ତିସୁଯୋଗ ବିଷୟରେ ପ୍ରଚାର ପ୍ରସାର କରିବା ସହ ଯୁବ ଶକ୍ତି ଙ୍କୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟ ରଖିଛି । କ୍ୟାଡେଟମାନେ ଦୀର୍ଘ ୮୫୦ କିଲୋମିଟର ଦୂରତା ଅତିକ୍ରମ କରି, ରାଜ୍ୟର ପ୍ରମୁଖ ସହର ମାନଙ୍କରେ ଆୟୋଜିତ ହେବାକୁ ଥିବା ଆଲୋଚନା ସଭାରେ ଯୋଗଦେଇ ଛାତ୍ର, ଯୁବକ ଏବଂ ସ୍ଥାନୀୟ ସମ୍ପ୍ରଦାୟ ସହିତ ଭାବ ବିନିମୟ କରିବାର କାର୍ଯ୍ୟକ୍ରମ ରହିଛିକ୍ଷ ଏହି କାର୍ଯ୍ୟକ୍ରମ ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ , ବାଣିଜ୍ୟ ଓ ପରିବହନ ବିଭାଗ ଏବଂ ପୋଲିସ କର୍ତ୍ତୃପକ୍ଷଙ୍କ ମିଳିତ ସମନ୍ୱୟରେ ପରିଚାଳିତ ହେଉଛି, ଯାହା ଯାତ୍ରା ସମୟରେ ସୁରକ୍ଷା,ଚିକିତ୍ସା ଏବଂ ପ୍ରଶାସନିକ ସହାୟତା ସୁନିଶ୍ଚିତ କରିବ ।ସାମାଜିକ ସେବା, ସମର୍ପଣ ମନୋଭବ ଏବଂ ପ୍ରତିବଦ୍ଧତା ପାଇଁ କ୍ୟାଡେଟମାନଙ୍କୁ ନିମନ୍ତ୍ରିତ ଅତିଥି ମାନଙ୍କ ଦ୍ୱାରା ସମ୍ମାନିତ କରାଯିବ ।ଏହି ପଦକ୍ଷେପ ବିଷୟରେ କହିବାକୁ ଗଲେ, ଏନସିସି କଟକର ଗ୍ରୁପ୍ କମାଣ୍ଡର କର୍ଣ୍ଣେଲ ସତ୍ୟବ୍ରତ ସ୍ୱାଇଁ କହିଛନ୍ତି, "ଏହି ସାଇକ୍ଲୋଥନ୍ କେବଳ ଏକ ଯାତ୍ରା ନୁହେଁ; ଏହା ସମ୍ପ୍ରଦାୟକୁ ପ୍ରେରଣା, ଶିକ୍ଷିତ ଏବଂ ସଶକ୍ତ କରିବା ପାଇଁ ଏକ ମିଶନ । 'କ୍ୟାଡେଟ ମାନେ ଏନସିସି ର ସେବା, ଶୃଙ୍ଖଳା ଏବଂ ନେତୃତ୍ୱର ମନୋଭାବକୁ ପ୍ରତିପାଦନ କରୁଛନ୍ତି ।'ଏହି କାର୍ଯ୍ୟକ୍ରମ ନାଗରିକ, ଅନୁଷ୍ଠାନ ଏବଂ ସରକାରୀ ସଂସ୍ଥା ମାନଙ୍କଠାରୁ ଅତ୍ୟନ୍ତ ପ୍ରଶଂସା ପାଇଛି । ଏନସିସି କ୍ୟାଡେଟ ମାନନଙ୍କ ଅଟଳ ସମର୍ପଣ ସହିତ, ମେଗା ସାଇକ୍ଲୋଥନ୍ ଓଡିଶାର ଯୁବପିଢ଼ିଙ୍କ ଉପରେ ଏକ ସ୍ଥାୟୀ ପ୍ରଭାବ ପକାଇବ, ଯାହା ରାଷ୍ଟ୍ର ନିର୍ମାଣ, ଶୃଙ୍ଖଳା ଏବଂ ସାମାଜିକ ସଚେତନତାର ମୂଲ୍ୟବୋଧକୁ ସୁଦୃଢ଼ ? ?କରିବ ।କାର୍ଯ୍ୟକ୍ରମ କୁ ଲେଫ୍ଟନାଣ୍ଟ ମଞ୍ଜୁଲତା ମାହାଲି ଓ ଫାଷ୍ଟ ଅଫିସର ଶୋଭାମଣୀ ସ୍ୱାଇଁ ଓ ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ,ଏନସିସି ଅଧିକାରୀ ମାନେ

## ଚୋରା ବାଲି,ମାଟି ବୋଝେଇ ହାଇୱା ଓ ଟ୍ରାକ୍ଟର ଜବତ



ଧାମନଗର, : ଧାମନଗର ଅଞ୍ଚଳରେ ବାଲି ଓ ମାଟି ମାଫିଆଙ୍କ ହଜିଯାଇଛି ନିନ୍ଦ । ଧାମନଗର ଥାନା ସମ୍ମୁଖରେ ଚୋରା ବାଲି ବୋଝେଇ ହାଇୱା ଯାଉଥିବା ବେଳେ ଅଚାନକ ପୋଲିସ ଚଢ଼ାଉ କରି ଗାଡ଼ି ସହିତ ଚାଳକଙ୍କୁ ଥାନାରେ ଅଟକ ରଖିଛି । ଜିଲ୍ଲା ଖଣିଜ ବିଭାଗ,ଧାମନଗର ତହସିଲ ଏବଂ ପୁଲିସ୍ ପ୍ରଶାସନର ମିଳିତ ଭାବେ ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଉଥିବା ସୂଚନା ମିଳିଛି ।ଧାମନଗରରୁ ବେଧଡକ ଭାବେ ବିଭିନ୍ନ ସ୍ଥାନକୁ ଚୋରା ବାଲି ଚାଲାଣ ହେଉଥିବା ବେଳେ ବିଭିନ୍ନ ସମୟରେ ବହୁ ଧନଜୀବନ ହାନି ହେବା ସହ ସରକାରଙ୍କ କୋଟି କୋଟି ଟଙ୍କାର ରାଜସ୍ୱ ହାନି ହେଉଥିଲେ ସୁଦ୍ଧା ପୋଲିସ ପ୍ରଶାସନର ଏଥିପ୍ରତି ନିଘା ନଥିଲା । ଚୋରା ବାଲି ଚାଲାଣ ନେଇ ବାରମ୍ବାର ଅଭିଯୋଗ ହେବା ପରେ ଜିଲ୍ଲା ଖଣିବିଭାଗ,ଧାମନଗର ତହସିଲ ଏବଂ ପୋଲିସ ପ୍ରଶାସନ ପକ୍ଷରୁ ମିଳିତ ଭାବେ ଚଢ଼ାଉ ସହିତ ହାଇୱା ଓ ଟ୍ରାକ୍ଟରକୁ ଜବତ କରି ଥାନାରେ ଅଟକ ରଖାଯାଇଛି ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି । ତେବେ ବିଭିନ୍ନ ସମୟରେ ଚଢ଼ାଉ ହେଉଥିଲେ ମଧ୍ୟ ଚୋରା ବାଲି ଚାଲାଣ କରୁଥିବା ଗାଡ଼ିଗୋଡ଼ିକ ବିଶେଷ ସୂତ୍ରରୁ ଖବର ପାଇଁ ଖସିଯାଉଥିଲେ । ଏବେ ଖଣି ବିଭାଗ,ତହସିଲ ଓ ପୁଲିସ୍ ପ୍ରଶାସନର ପକ୍ଷରୁ ମିଳିତରେ ଛଢ଼ାଉ କରାଯାଇ ଏହି ଚୋରା ଚାଲାଣ କରୁଥିବା ଗାଡ଼ି ଗୋଡ଼ିକ ଜବତ କରାଯାଉଛି ।

## ଅଚାନକ ଆଶ୍ରମ ବିଦ୍ୟାଳୟ ପରିଦର୍ଶନରେ ବୋରିଗୁମ୍ମା ଗୋଷ୍ଠୀ ଉନ୍ନୟନ ଅଧିକାରୀ



ବୋରିଗୁମ୍ମା, : ସରକାରୀ ଆଶ୍ରମ ବିଦ୍ୟାଳୟ ବୁଲିଲେ ବୋରିଗୁମ୍ମା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅଚାନକ ବୋରିଗୁମ୍ମା ବ୍ଲକ ଅନ୍ତର୍ଗତ ହ୍ରଦଳି ପଞ୍ଚାୟତ ର ପୂର୍ଣ ମାସି ସରକାରୀ ଆଶ୍ରମ ବିଦ୍ୟାଳୟକୁ ଗସ୍ତ କରିଥିଲେ ପ୍ରଶାସନିକ ଅଧିକାରୀ । ତେବେ ଏହି ପରିଦର୍ଶନରେ ଯାଇ ଆଶ୍ରମରେ ଥିବା ପିଲାମାନଙ୍କୁ ପାଠ ବିଷୟ ରେ ପଚାରିବା ସହ ସେମାନଙ୍କ ସହ ବାର୍ତାଳାପ କରିଥିଲେ। । ତେବେ ପାଠପଢା ପରେ ପିଲାମାନଙ୍କୁ ପଚାରିଥିଲେ ରାଜ୍ୟ ସମ୍ପର୍କିତ ପ୍ରଶ୍ନ । ମୁଖ୍ୟମନ୍ତ୍ରୀ, ବାଚସ୍ପତିଙ୍କ ନାମ କଣ ବୋଲି ପଚାରିଲେ । ଭଲ ପାଠ ପଢି ଭଲ ମଣିଷ ହେବାକୁ ଦେଲେ ଉପଦେଶ । ଏହାପରେ ସେ ଚଣ୍ଡାଳ ଗୁଡା, ପଡେଇ ଗୁଡା ଆଦି ସେବାଶ୍ରମ କୁ ଗସ୍ତ କରିଥିଲେ। । ପିଲାଙ୍କ ସହ ସମୟ ବିତାଇ ଅହେତୁକ ଆନନ୍ଦ ଅନୁଭବ କରିଥିଲେ । ଏହାପରେ ଆଶ୍ରମରେ ଥିବା ରୋଷେଇ ଶାଳରେ ପହଞ୍ଚି ରୋଷେଇ ହୋଇଥିବା ଖାଦ୍ୟ ଦେଖିବା ସହିତ ଖାଦ୍ୟ ମାନ ଖାଇ ଯାଞ୍ଚ କରି ପାଚିକାମାନଙ୍କ ସହିତ ଆଲୋଚନା କରିଥିଲେ। ଆଶ୍ରମରେ ଥିବା ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କ ସହିତ ଆଶ୍ରମର ସୁବିଧା ଅସୁବିଧା ବିଷୟକୁ ନେଇ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରି ଥିଲେ। । ଏହି ସମୟରେ ବୋରିଗୁମ୍ମା ମଙ୍ଗଳ ଅଧିକାରୀ ସୋନାଲି ନାୟକ ଙ୍କ ସ୍କୁଲ ର କର୍ମଚାରୀ ଉପସ୍ଥିତ ଥିଲେ।

## ସେବା ସମବାୟ ସମିତି କାର୍ଯ୍ୟାଳୟ ପରିସର ମଧ୍ୟରେ ସାଧାରଣ ବୈଠକ ଅନୁଷ୍ଠିତ



ରିଆମାଳ, : ଦେ୍ୱଗଡ ଜିଲ୍ଲା ରିଆମାଳ ବ୍ଲକ ଅନ୍ତର୍ଗତ ନାଉଲି ପଡ଼ା ସେବା ସମବାୟ ସମିତି କାର୍ଯ୍ୟାଳୟ ପରିସର ମଧ୍ୟରେ ଆଜି ଚାଷୀ ମାନଙ୍କୁ ନେଇ ଚଳିତ ବର୍ଷ ର ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଅଛି ।ସେବା ସମବାୟ ସମିତି ର ସଂପାଦକ ଦେବାଧି ବେହେରା ବୈଠକ କୁ ପରିଚାଳନା କରିଥିବାବେଳେ ସଚ୍ଚିଦାନନ୍ଦ ପ୍ରଧାନ ସଭାପତିତ୍ୱ କରିଥିଲେ। ରତି କାନ୍ତ ପ୍ରଧାନ,ପ୍ରତାପ ପ୍ରଧାନ ଓ ବୋଇତ ପ୍ରଧାନ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ ।ଚଳିତ ବର୍ଷ ଧାନ କିଣା ସମ୍ପର୍କରେ ଓ ସେବା ସମବାୟ ସମିତି ଚଳିତ ଲାଭ କ୍ଷତି ଉପରେ ବିସ୍ତୃତ ଭାବେ ବୈଠକ ରେ ଆଲୋଚନା ହୋଇଥିଲା ।ଅନ୍ୟ ପକ୍ଷରେ କର୍ମଚାରୀ ଙ୍କ ଦରମା,ଗୃହ ମରାମତି ଓ ଚାଷୀ ଙ୍କୁ କିପରି ସୁଚାରୁ ରୂପେ ଋଣ ଯୋଗାଇ ଦିଆଯିବ ବୈଠକ ରେ ଆଲୋଚନା ହୋଇଥିଲା । ଉକ୍ତ ବୈଠକ ରେ ପଞ୍ଜୀକୃତ ସମସ୍ତ ଚାଷୀ ଯୋଗ ଦେଇଥିବା ବେଳେ ଭୀମସେନ ପ୍ରଧାନ ଓ ସେବା ସମବାୟ ସମିତି ର ସମସ୍ତ କର୍ମଚାରୀ ସମସ୍ତ ପ୍ରକାର ସହଯୋଗ କରିଥିଲେ।

## କୋରାପୁଟ ଦେଓମାଳି ସୁଟିଂ ସେଟ୍‌ରେ ପହଞ୍ଚିଲେ ବଲିଉଡ ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା



କୋରାପୁଟ, : ଜିଲ୍ଲାର ପ୍ରାକୃତିକ ପରିବେଶ ଦକ୍ଷିଣ ଫିଲ୍ମ ଇଣ୍ଡଷ୍ଟ୍ରିକୁ ଆକୃଷ୍ଟ କରିଛି । ଜଣାଶୁଣା ଫିଲ୍ମ ନିର୍ମାତା ତଥା ନିର୍ଦ୍ଦେଶକ ଏସ୍ ?ଏସ୍ ? ରାଜାମୌଳିଙ୍କ ଆଗାମୀ ଫିଲ୍ମ ସୁଟିଂ କୋରାପୁଟରେ ଚାଲିଛି । କୋରାପୁଟର ତାଲାମାଳିରେ ତେଲୁଗୁ ସୁପରଷ୍ଟାର ମହେଶ ବାବୁଙ୍କ ସୁଟିଂ ସେଟରେ ଏକ ଆକ୍ସନ ଦୃଶ୍ୟ ସୁଟ କରୁଥିବାର ନଜର ଆସିଛି । ତଳମାଳିରେ ମହେଶ ବାବୁଙ୍କୁ ଦେଖିବାକୁ ଲୋକଙ୍କ ଭିଡ ଜମୁଥିବାବେଳେ ଆଜି ସନ୍ଧ୍ୟାରେ ବଲିଉଡ ଏବଂ ହଲିଉଡର ମୋଷ୍ଟ ଟ୍ୟାଲେଣ୍ଟେଡ ଅଭିନେତ୍ରୀ ପ୍ରିୟଙ୍କ ଚୋପ୍ରା ସେମିଳିଗୁଡ଼ାରେ ପହଞ୍ଚିଛନ୍ତି। ଆଜି ସେମିଳିଗୁଡ଼ାର ହୋଟେଲରେ ପ୍ରିୟଙ୍କା ରହିବାର ବ୍ୟବସ୍ଥା କରାଯାଇଛି। ହେଲେ ସୁରକ୍ଷା କଡ଼ାକଡ଼ି ଥିବାରୁ ମହେଶ ବାବୁଙ୍କୁ ଦେଖିନପାରି ଲୋକ ନିରାଶ ହୋଇ ଫେରିଯାଉଛନ୍ତି ।ଜିଲ୍ଲାର ବିଭିନ୍ନ ପର୍ଯ୍ୟଟନ ସ୍ଥଳୀରେ ବିଗ୍ ? ବଜେଟ ତେଲୁଗୁ ଫିଲ୍ମ ଏସ୍ ?ଏସ୍ ?ଏମ୍ ?ବି-୨୯ର ଶୁଟିଂ ଆରମ୍ଭ ହୋଇଛି ଜିଲ୍ଲା ପ୍ରଶାସନ ପକ୍ଷରୁ ଫିଲ୍ମ ସୁଟିଂ ପାଇଁ ସମସ୍ତ ପ୍ରକାର ସହାୟତା କରାଯାଉଛି। ଫିଲ୍ମ ସୁଟିଂ ପାଇଁ ଏବେ କୋରାପୁଟରେ ତେଲଗୁ ଫିଲ୍ମର ସୁପରଷ୍ଟାର ମହେଶ ବାବୁ, ତାମିଲ୍ ଅଭିନେତା ପୃଥ୍ୱୀରାଜ ଆସିଛନ୍ତି। ଆଗକୁ ପ୍ରସିଦ୍ଧ ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା ସୁଟିଂ ସେଟରେ ସାମିଲ ହେବେ ବୋଲି ସୂଚନା ମିଳିଛି ।

## ମିଲର୍ସଙ୍କ ପରେ ଏବେ ଠିକାଦାର ମାନଙ୍କ ସହ ବରଗଡରେ ବିଜେପିର ଟେଣ୍ଡର ଫିକ୍ସିଂ



ବରଗଡ, : ବରଗଡ ଜିଲ୍ଲା ଠିକାଦାର ସଂଘ ଦ୍ୱାରା ବରଗଡର ଯଦୁମଣି ପ୍ରଧାନ କଲ୍ୟାଣ ମଣ୍ଡପ ଠାରେ ଅନୁଷ୍ଠିତ ବୈଠକରେ ବରଗଡ ଜିଲ୍ଲାର ସମସ୍ତ ବିଜେପି ବିଧାୟକ ଯୋଗଦେଇ ଗ୍ରାମ୍ୟଉନ୍ନୟନ ପି ଡବ୍ଲୁ ଡି ,ଜଳ ସଂପଦ ତଥା ବିଭିନ୍ନ ବିଭାଗ ଦ୍ୱାରା ବରଗଡ ଜିଲ୍ଲାରେ ହେଉଥିବା ଟେଣ୍ଡର ପ୍ରକ୍ରିୟାରେ ଭାଗନେଇ ଠିକାଦାର ମାନେ ଠିକା କାମକୁ ନିଜ ଭିତରେ ଭାଗବାଣ୍ଟି ୫ % ଅଧିକ ଦରରେ ଟେଣ୍ଡର ପେପର ଦାଖଲ କରିବା ପାଇଁ ନିଷ୍ପତ୍ତି ଶୁଣାଇଛନ୍ତି । ଏଠାରେ ପ୍ରକାଶ ଯୋଗ୍ୟ ଯେ ସାରା ଓଡ଼ିଶାରେ ୧୪ % ୯୯ ଲେସ୍ ରେ ଠିକାଦାର ମାନେ ଟେଣ୍ଡର ପେପର ଦାଖଲ କରିବା ପରେ ଲଟେରୀ ଜରିଆରେ ଠିକାଦାର ଚୟନ କରା ଯାଇଥାଏ । ବରଗଡରେ ୫ % ଅଧିକ ଦରରେ ଟେଣ୍ଡର ପେପର ଦାଖଲ କରି ଟେଣ୍ଡର ଫିକ୍ସିଂ ହେଲେ ବର୍ଷକୁ କେବଳ ବରଗଡ ଜିଲ୍ଲାରେ ରାଜ୍ୟ ସରକାର ରାଜକୋଷ ରୁ ଅଧିକ ୧ ଶହ କୋଟି ଟଙ୍କା ଭରଣ କରିବେ । ବିଭିନ୍ନ ବିଭାଗ ଦ୍ୱାରା କେବଳ ବରଗଡ ଜିଲ୍ଲାରେ ବର୍ଷକୁ ୫ ଶହ କୋଟି ରୁ ଊର୍ଦ୍ଧ୍ୱ ଟଙ୍କାର ଟେଣ୍ଡର ଜରିଆରେ ଠିକା କାର୍ଯ୍ୟ ସଂପାଦନ ହୋଇଥାଏ । ୧ ଶହ କୋଟି ଟଙ୍କା ସିଧାସଳଖ ଅଧିକ ଟଙ୍କା ଠିକାଦାର ମାନଙ୍କ ପକେଟ୍ କୁ ଯିବ ତେବେ ଏକ ଗୁପ୍ତ ବୈଠକ ଜରିଆରେ ଏହି ଶହେ କୋଟି ଲାଭରୁ କାହାକୁ କେତେ ପିସି ଦିଆଯିବ ତାହା ମଧ୍ୟ ସ୍ଥିର ହୋଇଥିବା ଜଣା ଯାଇଛି । ତେବେ ସମସ୍ତ ଠିକାଦାର ଏହି ନିଷ୍ପତ୍ତି କୁ ଗ୍ରହଣ କରୁ ନଥିବା ଶୁଣିବାକୁ ମିଳୁଛି । ବିଜେଡି ଠୁଁ ମଧ୍ୟ ବିଜେପି ନେତା ମାନେ ପିସି କାରବାରରେ ଯିଚି ଯିବେ ବୋଲି ଲୋକ ଚର୍ଚ୍ଚା ହେଉଛି । ଏହା ପୂର୍ବରୁ ଗତ ତା ୮ ? ୧୨ ? ୨୦୨୪ ରିଖ ଦିନ ଓଡିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ବରଗଡ ଜିଲ୍ଲା ସୋହେଲା ବ୍ଲକ ଅନ୍ତର୍ଗତ ଇଛାପାଲି ଗାଁକୁ ଆସି ୫୦ ହଜାର ଚାଷୀଙ୍କ ଉପସ୍ଥିତିରେ ନିର୍ବାଚନ ସମୟରେ ଦେଇଥିବା ପ୍ରତିଶୃତି ଅନୁଯାୟୀ ଚାଷୀଙ୍କୁ ପ୍ରତି କ୍ୱିଣ୍ଟାଲରେ ଧାନରେ ୮ ଶହ ଟଙ୍କାର ଇନପୁଟ ସବସିଡ ଡିବିଟି ଜରିଆରେ ଚାଷୀଙ୍କ ଏକାଉଣ୍ଟ କୁ ପଠାଇଥିଲେ । ମୁଖ୍ୟମନ୍ତ୍ରୀଙ୍କ ଏହି ସମାବେଶ ସଂପୂର୍ଣ୍ଣ ଭାବରେ ରାଜ୍ୟ ସରକାରଙ୍କ ଦ୍ୱାରା ଆୟୋଜିତ କରାଯାଇଥିବା ବେଳେ ଓ ରାଜ୍ୟ ସରକାର ୨ କୋଟି ଟଙ୍କାର ଖର୍ଚ୍ଚ କରିଥିବା ସତ୍ତ୍ୱେ ଜିଲ୍ଲାର ବିଜେପି ବିଧାୟକ ଜିଲ୍ଲାର ମିଲର୍ସ ମାନଙ୍କ ଠାରୁ ପ୍ରତି ରାଇସ ମିଲ ପିଛା ୫ ଲକ୍ଷ ଟଙ୍କା ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମରେ ଖର୍ଚ୍ଚ ପାଇଁ ପ୍ରାୟ ୧ କୋଟି ଟଙ୍କା ଅସୁଲି କରି ନେଇଥିବା ବିଭିନ୍ନ ସମ୍ବାଦପତ୍ର ରେ ପ୍ରକାଶିତ ହୋଇଥିଲା । ମୁଖ୍ୟମନ୍ତ୍ରୀଙ୍କ ଗସ୍ତ କାର୍ଯ୍ୟକ୍ରମରେ ମିଲର୍ସ ମାନେ ଚାନ୍ଦା ଦେଇଥିବାରୁ ଜିଲ୍ଲାର ଧାନ କିଣାବିକା ରେ ସମସ୍ତ ମଣ୍ଡିରୁ ୫ ? ୬ କେଜି ଧାନ କଟନି ଛଟନି କରି ମିଲର୍ସ ମାନେ ଧାନ କିଣି ଭଲ ଦୁଇ ପଇସା ଆୟ କରିଥିଲେ । ୮ ଶହ ଟଙ୍କା ପ୍ରତି କ୍ୱିଣ୍ଟାଲରେ ଚାଷୀ ମାନେ ଇନପୁଟ ସବସିଡ ଜରିଆରେ ଅଧିକ ପାଇଥିବାରୁ କଟନି ଛଟନି ହେଲେ ମଧ୍ୟ ଚାଷୀ ମାନେ ଏବର୍ଷ ବିଶେଷ ପ୍ରତିକ୍ରିୟା କଲେ ନାହିଁ । କଟନି ଛଟନି ଜରିଆରେ ମିଲର୍ସ ମାନେ କେବଳ ବରଗଡ ଜିଲ୍ଲାରେ ୫୦ କୋଟିର ଲାଭରେ ରହିଲେ । ତେବେ ଯଦି ଏଭଳି ଚାଲେ ତେବେ ବିଜେପି ସରକାରର ଗତି କୁଆଡେ ବୋଲି ବୁଦ୍ଧିଜୀବୀ ମାନେ ପ୍ରଶ୍ନ କରୁଛନ୍ତି ।

## ସମ୍ମାନସୂଚକ ଡକ୍ଟରେଟ ଉପାଧି ପାଇଲେ ଅଧ୍ୟାପକ ନାରାୟଣ ଭୋଇ



ଭେଡେନ, ଦିଲ୍ଲୀ ୟୁନିଭାର୍ସିଟି ତରଫରୁ ବିଶ୍ୱ ସଂସ୍କୃତି ଓ ପରିବେଶ ସୁରକ୍ଷା ବିଭାଗ' ରୁ' ପଶ୍ଚିମ ଓଡ଼ିଶାର ଲୋକ ସଂସ୍କୃତିରେ ଦଣ୍ଡନାଟ ଧାରା'ଉପରେ ନିଜର ସନ୍ଦର୍ଭ ଉପସ୍ଥାପନା କରି ଅଧ୍ୟାପକ ନାରାୟଣ ଭୋଇ ଏହି ସମ୍ମାନର ଅଧିକାରୀ ହୋଇପାରିଛନ୍ତି। ଏଥିପାଇଁ ଦୀର୍ଘ ୪ବର୍ଷକାଳ ଅକ୍ଳାନ୍ତ ପରିଶ୍ରମ କରି ପଶ୍ଚିମ ଓଡ଼ିଶାର ସୁବର୍ଣ୍ଣପୁର ବୋ ?ଦ୍ଧ ବଲାଙ୍ଗୀର ଜିଲ୍ଲାର ବିଭିନ୍ନ ସ୍ଥାନର ଦଣ୍ଡ କଳାକାର ମାନଙ୍କୁ ସାକ୍ଷାତ କରି ଗବେଷଣା ମୂଳକ ତଥ୍ୟ ସଂଗ୍ରହ କରି ନିବନ୍ଧ ପ୍ରସ୍ତୁତ କରିଛନ୍ତି ସେଥିପାଇଁ ସମସ୍ତ କଳାକାର ମାନଙ୍କୁ ଅଶେଷ ଧନ୍ୟବାଦ ଜ୍ଞାପନ କରିଛନ୍ତି। ଏହା ବ୍ୟତୀତ ନାରାୟଣ ଭୋଇ ପଶ୍ଚିମ ଓଡ଼ିଶାର ସମଲପୁରୀ/କୋଶଲୀ ଭାଷା ସାହିତ୍ୟରେ ଜଣେ ପ୍ରଥିତଯଶା ସାହିତ୍ୟିକ, ସେ ଏକାଧାରରେ ଜଣେ କବି, ଲେଖକ,ଆଲୋଚକ, ମଂଚ ସଂଯୋଜକ, ଦୀର୍ଘ ୨୫ ବର୍ଷ ସାହିତ୍ୟ ଜୀବନରେ ସେ କିରିଆ, କର୍ଣ୍ଣ, ଭାବନା, ଉର୍ବଶୀ, ପପଙ୍ଗା ପାହାଡ଼,ଝି,ମରାଘାଟ ଭଳି ୧୬ ଟି କାବ୍ୟ,୫୦୦ରୁ ଅଧିକ କବିତା, ଦାଦନ, ସିଲେଟ ର କମାଲ୍, ଯମର୍ ଫାସ ତଥା ବିଭିନ୍ନ ଗବେଷଣା ମୂଳକ ଲେଖାରେ' ମଧ୍ୟ ମହାନଦୀ ରେ ହୁମା ପ୍ରଗଣା, ପଶ୍ଚିମ ଓଡ଼ିଶାରେ ବୁଢ଼ା ରଜା ଓ ପାଟ ପୂଜା, ପପଙ୍ଗା ପାହାଡ଼ର ଇତିହାସ, ସଂସ୍କୃତି ଓ ତନ୍ତ୍ର କଥା, ପଶ୍ଚିମରେ ପାତାଳୀ ଶ୍ରୀକ୍ଷେତ୍ର ଆଦି। ତାଂକ କାବ୍ୟ କବିତାରେ ଉତ୍ତର ଆଧୁନିକ କବିତା ଧାରା ପ୍ରବାହିତ। କର୍ଣ୍ଣ 'କାବ୍ୟ ସମଲ୍ ପୁରି/ କୋଶଲୀ ସାହିତ୍ୟ ର ପ୍ରଥମ ମୁକ୍ତଛନ୍ଦ କାବ୍ୟ। ତାଙ୍କ କବିତା ଗୁଡ଼ିକ ପଶ୍ଚିମ ଓଡ଼ିଶାର ପ୍ରତିଷ୍ଠିତ ପ୍ରତିକା ବୁଉଲ୍, ଭର୍ ନି, ଉଦିଆଁ,ପାହାତି ତରା, ନୁଆଁ ସକାଳ ଆଦିରେ ପ୍ରକାଶିତ। ଆହୁରି ମଧ୍ୟ ତାଙ୍କୁ କେନ୍ଦ୍ରସାହିତ୍ୟ ଏକାଡେମୀ ଦ୍ୱାରା 'ଗ୍ରାମୀଣ ଯୁବ ପ୍ରତିଭା'ସମ୍ମାନରେ ସମ୍ମାନୀତ କରାଯାଇଛି ।ଏହି ଡକ୍ଟରେଟ ସମ୍ମାନର ମାର୍ଗଦର୍ଶକ ପ୍ରଫେସର ଡ଼ଃ ନେତ୍ରାନନ୍ଦ ମେହେର ଯିଏକି ଏହାକୁ ଇଂରାଜୀ ଭାଷାନ୍ତର କରି ଛନ୍ତି ସାରଙ୍କୁ ଅଶେଷ ଧନ୍ୟବାଦ, ଆହୁରି ମଧ୍ୟ ଯେଉଁ କଳାକାର ମାନଙ୍କ ସହଯୋଗ ଭୁଲି ହେବ ନାହିଁ ଗୁରୁ ଦଣ୍ଡରନ୍ ବିପିନ୍ ଜାଲ୍, ଦଣ୍ଡ ସମ୍ରାଟ ରସିକ ସାହୁ, ଅଖିଳ ଜାଲ୍ ତଥା ମାଁ ସୁରେଶ୍ୱରୀ ଦଣ୍ଡ ଏକାଡେମୀ ର ସମସ୍ତ ସଦସ୍ୟମାନଙ୍କୁ ଅଶେଷ ଧନ୍ୟବାଦ। ଆହୁରି ମଧ୍ୟ ସଂପ୍ରତି ଶ୍ରୀ ନାରାୟଣ ଭୋଇ ଅଧ୍ୟାପନା ରତ ଥିବା ଡିଗ୍ରୀ କଲେଜ ତୋରା ବରଗଡ଼ ର ଅଧକ୍ଷ, ସମସ୍ତ ଅଧ୍ୟାପକ ତଥା ସମସ୍ତ କର୍ମଚାରୀ ବୃନ୍ଦ ଙ୍କୁ ଅଶେଷ ଧନ୍ୟବାଦ ଜ୍ଞାପନ କରିଛନ୍ତି। ଏହା ବ୍ୟତୀତ ସାହିତ୍ୟ ଜୀବନ ଗୁରୁ ଡ ଦ୍ୱାରିକା ନାଥ ନାୟକ,ଗୁରୁ ଉତ୍ପନ୍ନ କୁମାର ଭୋଇ, ପ୍ରଫେସର ରାମଚନ୍ଦ୍ର ସାହୁ, ପଦ୍ମଶ୍ରୀ -ହଲଧର ନାଗ,ପ୍ରଫେସର ଡ ପୁରୁଷୋତ୍ତମ ମିଶ୍ର, ନାଟ୍ୟ ଶ୍ରୀ ଗଦାଧର ବାରିକ ଆଶିର୍ବାଦ , ନିଜର ସାହିତ୍ୟ ଜୀବନର କବିବନ୍ଧୁ ଙ୍କ ଆଶିର୍ବାଦ, ଚିଚିଣ୍ଡା ଗାଁ ର ବୁଦ୍ଧଦେବ ସାଁସ୍କୃତିକ ପରିଷଦ ର ସଦସ୍ୟ, ପପଙ୍ଗା ଗାଁ ର ଶୁଭେଚ୍ଛୁ ଙ୍କ ଆଶିର୍ବାଦ ତଥା ପରିବାର ପକ୍ଷରୁ କାକା ମନବୋଧ ମାଝୀ ଯେ କି ଅତାବିରା ଲରାସରା ହାଇସ୍କୁଲର ପ୍ରଧାନ ଶିକ୍ଷକ କାର୍ଯ୍ୟରତ ସହଯୋଗ ପ୍ରେରଣା, ସ୍ତ୍ରୀ ସୁଭାଗିନୀ, ପୁଅ ବିପ୍ଳବ ଝିଅ ସାଇ ଶ୍ରୀ ଉତ୍ସାହ ପ୍ରେରଣା, ମା ବାଳମତୀ ଆଉ ସ୍ୱର୍ଗୀୟ ବାପା କାହ୍ନା ଭୋଇ ଙ୍କ ଆଶିର୍ବାଦ ର ଫଳ ତଥା ମା ସମଲେଶ୍ୱରୀ ଆଉ ମାଁ ସୁରେଶ୍ୱରୀ ଙ୍କ ଅପାର କରୁଣା ରହିଛି ବୋଲି ଶ୍ରୀ ଭୋଇ କହିଛନ୍ତି।

## ସଉରା ପଣ୍ଡିତ ମାଙ୍ଗେଇ ଆଶ୍ରମର ବାର୍ଷିକ ଉତ୍ସବ ଅନୁଷ୍ଠିତ

ଗୁଣପୁର , ଗୁଣପୁର ବ୍ଲକ ଅନ୍ତର୍ଗତ ଟିଟିମିରି ପଞ୍ଚାୟତ ଏସ୍ ପି ମାଙ୍ଗେଇ ଆଶ୍ରମର ଚତୁର୍ଥ ବାର୍ଷିକ ଉତ୍ସବ ମହାସମାରୋହରେ ପାଳନ କରାଯାଇଛି । ଉକ୍ତ ଉତ୍ସବରେ ଶ୍ରୀ ଅଜୟ କୁମାର ପ୍ରଧାନ ପ୍ରକଳ୍ପ ପ୍ରଶାସକ ଆଇ. ଟି.ଡି. ଏ ଗୁଣୁପୁର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ପୂର୍ବତନ ବିଧାୟକ ମାନ୍ୟବର ଶ୍ରୀ ରଘୁନାଥ ଗମାଙ୍ଗ ମୁଖ୍ୟ ବକ୍ତା ଓ ସମ୍ମାନିତ ଅତିଥି ଭାବେ ଆଶ୍ରମ କାର୍ଯ୍ୟ କାରିଣୀ କମିଟିର ସଭାପତି ଶ୍ରୀ ରତ୍ନାକର ଶବର, ସମ୍ପାଦକ ଶ୍ରୀ ରାମଚନ୍ଦ୍ର ଶବର, ଆଶ୍ରମ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ସୁଶ୍ରୀ ଇନ୍ଦୁପ୍ରଭା ଶବର ଏବଂ ଆଶ୍ରମର ପ୍ରତିଷ୍ଠାତା ଗୁରୁମାତା ସ୍ୱର୍ଗତ ଗିରିଆ ଶବରଙ୍କ ଧର୍ମ ପତ୍ନୀ ପ୍ରମୁଖ ମଞ୍ଚାସୀନ ଥିଲେ । ମଞ୍ଚ ଉପରକୁ ଯିବା ପୂର୍ବରୁ ସମସ୍ତ ଅତିଥି ମାନେ ଆଶ୍ରମ ପରିସରରେ ରହିଥିବା ସଉରା ଲିପିର ବିଧାଣି ସ୍ୱର୍ଗତ ଗୁରୁ ମାଙ୍ଗେଇ ଗମାଙ୍ଗଙ୍କ ପ୍ରତିମୂର୍ତ୍ତି ନିକଟରେ ଧୂପ ଦିପ ଦେଇ ପୂଜାର୍ଚ୍ଚନା କରିଥିଲେ । କାର୍ଯ୍ୟକ୍ରମ ଆରମ୍ଭରେ ସମ୍ପାଦକ ଶ୍ରୀ ରାମଚନ୍ଦ୍ର ଶବର ବାର୍ଷିକ ବିବରଣୀ ସଉରା ଭାଷାରେ ପାଠ କରିଥିଲେ ଏବଂ ପରେ ପରେ ବିବରଣୀର ଓଡ଼ିଆ ଅନୁବାଦ ପଢା ଯାଇଥିଲା । ତାପରେ ମୁଖ୍ୟ ଅତିଥି ଶ୍ରୀ ଅଜୟ କୁମାର ପ୍ରଧାନ କୁନି କୁନି ଛାତ୍ରଛାତ୍ରୀମାନଙ୍କୁ ଉପଦେଶ ମାଧ୍ୟମରେ ଭଲ ପାଠ ପଢି ନିଜକୁ ପ୍ରତିଷ୍ଠିତ କରିବା ସହିତ ଦେଶର ଗୋ ?ରବ ବଢ଼ାଇବାରେ ଚେଷ୍ଟା କରିବା ପାଇଁ କହିଥିଲେ । ମୁଖ୍ୟ ବକ୍ତା ତଥା ସମ୍ମାନିତ ଅତିଥି ମାନ୍ୟବର ବିଧାୟକ ଶ୍ରୀ ରଘୁନାଥ ଗମାଙ୍ଗ ପିଲାମାନଙ୍କୁ ଭଲ ପାଠ ପଢି ସ୍କୁଲର ମାନ ବଢ଼ାଇବାକୁ ଉପଦେଶ ଦେଇଥିଲେ ଏବଂ ଉପସ୍ଥିତ ସମସ୍ତ ଅଭିଭାବକ ମାନଙ୍କୁ ସ୍କୁଲର ଉନ୍ନତି ଦିଗରେ ସଦା ସର୍ବଦା ଭାଗୀଦାର ରହିବାକୁ ଉତ୍ସାହିତ କରିଥିଲେ । ଏହାପରେ ଅତିଥି ମାନଙ୍କ ଦ୍ୱାରା କୃତୀ ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା । କମିଟିର ଉପଦେଷ୍ଟା ଶ୍ରୀ ଚକ୍ରପାଣି ଶବର ମଞ୍ଚ ପରିଚାଳନା କରିଥିଲେ । କମିଟି ର ଅନ୍ୟାନ୍ୟ ସଦସ୍ୟ ମାନେ ବିଶେଷ କରି ଶ୍ରୀ ବଳରାମ ଶବର, ଶ୍ରୀ ମାଧବ ଶବର, ପ୍ରେମ ଶବର, ଗୁରୁବାରିଆ ଶବର,ରତନା ଶବର, ବିଦ୍ୟାଧର ଶବର, ଅନ୍ୟାନ୍ୟ ଶିକ୍ଷୟିତ୍ରୀ ମାନେ ଉପସ୍ଥିତ ରହି ବାର୍ଷିକ ଉତ୍ସବକୁ ସଫଳ କରିବା ଦିଗରେ ସହାୟତା କରିଥିଲେ । ପରେ ପରେ ଆଶ୍ରମ ର କୁନି କୁନି ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଶେଷରେ ଉପସ୍ଥିତ ସମସ୍ତ ଅଭିଭାବକ, ଛାତ୍ରଛାତ୍ରୀ, କାର୍ଯ୍ୟ କାରିଣୀ କମିଟି ର ସମସ୍ତ ସଦସ୍ୟ ତଥା ସାଂସ୍କୃତିକ କାର୍ଯ୍ୟକ୍ରମର ସହଯୋଗୀ ଦଳଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଥିଲା ।

## କୃଷି ଉତ୍ପାଦକ ସଙ୍ଗଠନର ବୋର୍ଡ଼ ଅଫ୍ ଡାଇରେକ୍ଟର ଓ ସଭ୍ୟଙ୍କୁ ଶକ୍ତିଶାଳୀ କରିବା ଉଦ୍ଦେଶ୍ୟରେ ଜିଲ୍ଲା ସ୍ତରୀୟ ବୈଠକ

ଗୁଣପୁର , ଗୁଣପୁର କୃଷି ବିଜ୍ଞାନ କେନ୍ଦ୍ର ସଭାଗୃହରେ ଜିଲ୍ଲା ସ୍ତରୀୟ କୃଷି ଉତ୍ପାଦକ ସଙ୍ଗଠନର ବୋର୍ଡ଼ ଅଫ୍ ଡାଇରେକ୍ଟର ଓ ସଭ୍ୟଙ୍କୁ ଶକ୍ତିଶାଳୀ କରିବା ଉଦ୍ଦେଶ୍ୟରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଆଜିର ଏହି ବୈଠକରେ ମୁନିଗୁଡା , ବିଷମକଟକ , ରାମନାଗୁଡା , ପଦ୍ମପୁର , ଗୁଡାରି , ଗୁଣପୁରରେ କାର୍ଯ୍ୟରତ ଉତ୍ପାଦକ ସଙ୍ଗଠନର ବୋର୍ଡ଼ ଅଫ୍ ଡାଇରେକ୍ଟର ଓ ସଭ୍ୟ ମାନେ ଯୋଗଦେଇଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କେବିକେ ବୈଜ୍ଞାନିକ ରାଜୀବ ଟୁଡୁ ପ୍ରଦୀପ ପ୍ରଜ୍ୱଳନ କରି ବୈଠକର ଶୁଭାରମ୍ଭ କରିଥିଲେ । ସମ୍ମାନୀତ ଅତିଥି ଭାବେ ଗୁଣପୁର କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ନାରାମ ରାମୁ , ଉଦ୍ୟାନ ବିଭାଗ ବୈଜ୍ଞାନିକା ଡ଼ଃ ଅନନ୍ଦିତା ରାୟ , ପାଣିପାଗ ବିଶେଷଜ୍ଞ ହିମାଦ୍ରୀ ବାଗ୍ ଯୋଗଦେଇ ଚାଷୀ ଉତ୍ପାଦକ ସଙ୍ଗଠନର କାର୍ଯ୍ୟ ଶୈଳୀ , ପରିଚାଳନା ,ପାଗ ଅନୁକୂଳ ଚାଷ ସମ୍ପର୍କରେ ଆଲୋଚନା କରିଥିଲେ । ପରେ ଅତିଥି ମାନେ ଚାଷି ଙ୍କ ସହ ଯୋଗାଯୋଗ ପରେ ଏଫ୍ ପି ଓ ପଞ୍ଜିକରଣ କରିବା , ଜୈବିକ ଉପାୟରେ ଚାଷ , ଜୈବ କିଟନାଶକ ପ୍ରୟୋଗ କରି ରୋଗ ପୋକ ନିୟନ୍ତ୍ରଣ କରିବା , ଛତୁ ଚାଷ ଓ ମହୁ ଚାଷ ବିଷୟରେ ଚାଷି ଙ୍କୁ ଅବଗତ କରାଇବା ,ଚାଷିଙ୍କୁ ବିହନ , ଔଷଧ , ସାର ଯୋଗାଇବା ଠାରୁ ଚାଷିର ଉତ୍ପାଦିତ ସାମଗ୍ରୀର ବଜାରିକରଣ ପର୍ଯ୍ୟନ୍ତ ସମସ୍ତ ବିଷୟ ବୋର୍ଡ଼ ଅଫ୍ ଡାଇରେକ୍ଟର ଓ ସଭ୍ୟ ମାନଙ୍କୁ ବୁଝାଇଥିଲେ । ଏହି ସଙ୍ଗଠନ ଦ୍ୱାରା ଚାଷିଟିଏ କିପରି ଘରେ ବସି ରିହାତି ଦରରେ କୃଷି ଉପକରଣ ପାଇପାରିବ ଓ ଉତ୍ପାଦିତ ସାମଗ୍ରୀର ଉଚିତ ମୂଲ୍ୟ ପାଇପାରିବ ସେ ସମ୍ବନ୍ଧରେ ବୁଝାଇଥିଲେ । ସରକାରଙ୍କ ତରଫରୁ କ'ଣ ସବୁ ସହାୟତା ରହିଛି ସେ ସମ୍ପର୍କରେ ମଧ୍ୟ ଅବଗତ କରାଇଥିଲେ । କେଉଁ ଉପାୟ କଲେ କୃଷି ଉତ୍ପାଦକ ସଙ୍ଗଠନକୁ ଶକ୍ତିଶାଳୀ କରିହେବ ଓ ବହୁ ବର୍ଷ ଯାଏଁ ସଙ୍ଗଠନ ଚାଲିବ ସେ ଗୁରୁମନ୍ତ୍ର ମଧ୍ୟ ଅତିଥି ମାନେ କହିଥିଲେ । ଗୋଟିଏ ଜିଲ୍ଲାର କୃଷି ଉତ୍ପାଦକ ସଙ୍ଗଠନ ଅନ୍ୟ ଜିଲ୍ଲା ସଙ୍ଗଠନ ସହ ଯୋଗାଯୋଗ କରି ଭାବର ଆଦାନ ପ୍ରଦାନ ସହ ଜାରିକରଣ କରିବାକୁ ଅତିଥି ମାନେ ପରାମର୍ଶ ଦେଇଥିଲେ । କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ରାଜୀବ ଟୁଡୁ ଅତି ସୁନ୍ଦର ଭାବେ ବୈଠକଟିକୁ ପରିଚାଳନା କରିଥିଲେ ? ତେବେ ଅତିଥି ମାନଙ୍କ ଗୁରୁମନ୍ତ୍ର, କୃଷି ଉତ୍ପାଦକ ସଙ୍ଗଠନକୁ କେତେ ସହାୟକ ହେଉଛି ଦେଖିବାକୁ ବାକି ରହିଲା ।

## ପିଏମଜୀଜେୱାଇ ଯୋଜନାରେ ବୀମା ରାଶି ପ୍ରଦାନ ଏସବିଆଇ ଚିକିଟୀ ଶାଖାକୁ ପ୍ରଶଂସା କଲେ ହିତାଧିକାରୀ

ଚିକିଟୀ, ଗଞ୍ଜାମ ଜିଲ୍ଲା ଚିକିଟୀ ପେଣ୍ଠ ଭାରତୀୟ ଷ୍ଟେଟ ବ୍ୟାଙ୍କ ଆଫ ଇଣ୍ଡିଆ ଶାଖା ପକ୍ଷରୁ ବୁଧବାର ଜଣେ ହିତାଧିକାରୀ ଙ୍କୁ ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ଯୋଜନା ରେ ୨ ଲକ୍ଷ ଟଙ୍କାର ବୀମା ରାଶି ପ୍ରଦାନ କରାଯାଇଛି । ଏହି ରାଶି ପାଇବା ନେଇ ହିତାଧିକାରୀ ପ୍ରମିତା ସାହୁ ଏହି ଶାଖାରେ ପହଞ୍ଚିବା ପରେ ଚିକିଟୀ ଶାଖା ପରିଚାଳକ ସୁରେନ୍ଦ୍ର କୁମାର ବେହେରା, ବ୍ରହ୍ମପୁର ଆଞ୍ଚଳିକ କାର୍ଯ୍ୟାଳୟ ଡେପୁଟି ମ୍ୟାନେଜର ଚିନି ନାଗେଶ୍ୱର ରାଓ, ଏଫ ଆଇ ମ୍ୟାନେଜର ବୁଧଦେବ ଦାସ ପ୍ରମୁଖ ଉପସ୍ଥିତ ରହି ହିତାଧିକାରୀ ଙ୍କୁ ୨ ଲକ୍ଷ ଟଙ୍କାର ଚେକ ପ୍ରଦାନ କରିଥିଲେ ।ହିତାଧିକାରୀ ଜଣକ ହେଉଛନ୍ତି ରାଧାମୋହନ ପୁର(ରାଜାଗଡ଼)ଗ୍ରାମର ନନ୍ଦ ସାହୁଙ୍କ ସ୍ତ୍ରୀ। ଗତ କିଛି ଦିନ ପୂର୍ବେ ନନ୍ଦ ସାହୁ (୪୪) ଙ୍କ ମୃତ୍ୟୁ ହୋଇଥିବା ବେଳେ ତାଙ୍କ ଏହି ଯୋଜନା ରେ ଅନୁକମ୍ପା ରାଶି ପାଇବା ନିମନ୍ତେ ଆବେଦନ କରିଥିଲେ। ଏହି କାର୍ଯ୍ୟକ୍ରମ ରେ କାର୍ଯ୍ୟରତ କର୍ମଚାରୀ ଫିଲ୍ଡ ଅଫିସର ଦେବଦତ୍ତ ବେହେରା, କ୍ୟାସଅଫିସର ବିଶ୍ୱନାଥ ସାହୁ,ପଙ୍କଜ ସାହୁ,କ୍ୟାସିଅର ରବି ମହାପାତ୍ର,ପି ମଞ୍ଜୁଳା,ଧୁବା ଗୋ ?ଡ଼,କାଳୁ ବିଷୋୟୀ, ଅମୀୟ ପଟ୍ଟନାୟକ ପ୍ରମୁଖ ଙ୍କ ସମେତ ସିଏସପି ଅପରେଟର ସଲିଳ ଚୌଧୁରୀ ସହଯୋଗ କରିଥିଲେ । ସହାୟତା ରାଶି ପାଇବା ପରେ ହିତାଧିକାରୀ ପ୍ରମିତା ବ୍ରାଞ୍ଚ ମ୍ୟାନେଜର ଶ୍ରୀ ବେହେରା ଙ୍କ ସମେତ ସମସ୍ତ କର୍ମଚାରୀ ଙ୍କୁ ଧନ୍ୟବାଦ ଜଣାଇବା ସହ ଏହି ବ୍ୟାଙ୍କ ଶାଖା କୁ ପ୍ରଶଂସା କରିଥିଲେ ।

## ଗ୍ରାହକଙ୍କୁ ବ୍ୟାଙ୍କ ପରିଚାଳକଙ୍କ ଦୁର୍ବ୍ୟବହାର

ନିମାପଡା , କାକଟପୁର ସ୍ଥିତ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ଶାଖା ପରିଚାଳକ ଗତକାଲି ଜିତେନ୍ଦ୍ରିୟ ନାୟକ ନାମକ ଜଣେ ଗ୍ରାହକଙ୍କୁ ଦୁର୍ବ୍ୟବହାର କରିଥିବା ନେଇ କାକଟପୁର ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ ଗତ କାଲି ପୂର୍ବାହ୍ନ ପ୍ରାୟ ୧୦ଟା ସମୟରେ କାକଟପୁରସ୍ଥିତ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖାକୁ ଶ୍ରୀ ନାୟକ ଯାଇଥିଲେ। ବ୍ୟାଙ୍କରେ ଥିବା ଫିକ୍ସ ଡିପୋଜିଟ୍ ଜମା ବଳରେ ଏକ ଜରୁରିକାଳୀନ ଋଣ ପାଇଁ ଶ୍ରୀ ନାୟକ ଫିଲ୍ଡ ଅଫିସରଙ୍କୁ ଦେଖା କରିବାକୁ ତାଙ୍କ ଟେବୁଲ୍ ନିକଟରେ ଅପେକ୍ଷା କରିଥିଲେ। ମାତ୍ର ଫିଲ୍ଡ ଅଫିସର ଆସିବାରେ ବିଳମ୍ବ ହେବାରୁ ଜିତେନ୍ଦ୍ରିୟ ଶାଖା ପରିଚାଳକଙ୍କ ପ୍ରକୋଷ୍ଠକୁ ଯାଇ ତାଙ୍କୁ ଦେଖା କରିଥିଲେ। ତେବେ ଶାଖା ପରିଚାଳକ ହଠାତ୍ ଜିତେନ୍ଦ୍ରିୟଙ୍କ ଉପରେ ରାଗି ଯାଇ ତାଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିବା ସହିତ ତୁରନ୍ତ ପ୍ରକୋଷ୍ଠରୁ ବାହାରିଯିବାକୁ ନିର୍ଦ୍ଦେଶ ଦେଇଥିଲେ । ଶାଖା ପରିଚାଳକଙ୍କ ଏଭଳି ବ୍ୟବହାରରେ ମର୍ମାହତ ହୋଇ ସେ କାକଟପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି ।କାକଟପୁର ଥାନା ନିରୀକ୍ଷକ ଉମେଶ କୁମାର ସାହୁ ଅଭିଯୋଗ ପାଇବାପରେ ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି ।

## ସାହାରପଡା ରେ ମନରେଗା ଜନଶୁଣାଣୀ ଅନୁଷ୍ଠିତ

ପାଟଣା , ସାହାରପଡା ବ୍ଲକ ସଭା ଗୃହ ରେ ଆଜି ମନରେଗା କାର୍ଯ୍ୟ ର ଜନ ଶୁଣାଣି ଅନୁଷ୍ଠିତ ହୋଇ ଥିଲା । କାର୍ଯ୍ୟକ୍ରମ ରେ ସାହାରପଡା ବିଡ଼ିଓ ରଣଜିତ କୁମାର ମହାନ୍ତ ସଭାପତିତ୍ୱ କରିଥିଲେ। ଏଥିରେ ଜିଲ୍ଲା ସାମାଜିକ ସମୀକ୍ଷକ ଚନ୍ଦନ ଅମୃତାୟନ ଆଇଚ, ବ୍ଲକ ପଞ୍ଚାୟତ ଅଧିକାରୀ ଅନ୍ତର୍ଯ୍ୟାମୀ ସେଠୀ, ଏପିଓ ସରସ୍ୱତୀ ସୋରେନ, ବ୍ଲକ ସାମାଜିକ ସମୀକ୍ଷକ ପ୍ରିୟବ୍ରତ ଆରୁକ ,ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ମୋତିଲାଲ ତୁଙ୍ଗ ପ୍ରମୁଖ ଉପସ୍ଥିତ ରହି ଗତ ଏପ୍ରିଲ ରୁ ସେପଟେମ୍ବର ମାସ ଯାଏଁ ଏହି ଯୋଜନା ରେ କରାଯାଇଥିବା କାର୍ଯ୍ୟର ସମୀକ୍ଷା କରିଥିବା ବେଳେ ସମସ୍ତ ସରପଞ୍ଚ, କନିଷ୍ଠ ଯନ୍ତ୍ରୀ ଓ ଅନ୍ୟାନ୍ୟ କର୍ମଚାରୀ ଗ୍ରାମ ସାଥି ଓ ଶ୍ରମିକ ମାନେ ଜନ ଶୁଣାଣି ଉପସ୍ଥିତ ଥିଲେ । ପଞ୍ଚାୟତ ନିର୍ବାହୀ ଅଧିକାରୀ ଓ ସମିତି ସଭ୍ୟ ସଭ୍ୟା ମାନେ ଉପସ୍ଥିତ ରହି ସହଯୋଗ କରିଥିଲେ । ଲାଇନ ଡିପାର୍ଟମେଣ୍ଟ ର ଅଧିକାରୀ ମାନେ ଉପସ୍ଥିତ ରହି ସେମାନ ଙ୍କ ବିଭାଗ ରେ ହୋଇଥିବା କାର୍ଯ୍ୟକ୍ରମ କୁ ଉପସ୍ଥାପନ କରିଥିଲେ । ତେବେ ମଜୁରୀ ସମ୍ବନ୍ଧୀୟ ସମସ୍ୟା ଆସିଥିବା ବେଳେ କେତେକ କାମର ଅନିୟମିତତା ସମ୍ବନ୍ଧ ରେ ମଧ୍ୟ ଅଭିଯୋଗ ମାନ ଉଠିଥିଲା । ଆଗାମୀ ଦିନରେ ସେ ସବୁର ସମସ୍ୟା ର ସମାଧାନ ହେବ ବୋଲି ଅଧିକାରୀ ମାନେ ମତବ୍ୟକ୍ତ କରିଥିଲେ ।

## ଡାବୁଗାଁ ସରକାରୀ ମଧ ଇଂରାଜୀ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ଅନୁଷ୍ଠିତ

ନବରଙ୍ଗପୁର , ଡାବୁଗାଁ ସରକାରୀ ମଧ ଇଂରାଜୀ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହେଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଗୀତାଞ୍ଜଳି ନିହାଲଙ୍କ ଅଧକ୍ଷତା ରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ ଡାବୁଗାଁ ବ୍ଲକ ଗୋଷ୍ଠୀ ଅତିରିକ୍ତ ଶିକ୍ଷା ଅଧିକାର ଭଗବାନ ମାଝୀ।ଏହି ଅବରସର ବିଦ୍ୟାଳୟର ପୂର୍ବତନ ଶିକ୍ଷକ ତଥା ଅବସର ପ୍ରାପ୍ତ ଶିକ୍ଷକ ବାଲ ରାଜ ସାର, ଡାବୁଗାଁ ଗୋଷ୍ଠି ସଞ୍ଚଳକ ପ୍ରସନ୍ନ କୁମାର ଡ଼ଣ୍ଡସେନା, ସାମ୍ବାଦିକ ମାନେ ମଞ୍ଚାସିନ ଥିଲେ। ପ୍ରଥମେ ବିଦ୍ୟାଳୟର ବାର୍ଷିକ ବିବରଣୀ ପଠ କରାଯାଇ ଥିଲା । ଏହା ପରେ ବିଭିନ୍ନ ଖେଳ ରେ ଭାଗ ନେଇ ବିଜୟ ହୋଇଥିବା ଛାତ୍ର ଛାତ୍ରି ମାନଂକୁ ପୁରସ୍କାର ବିତରଣ କରିଥିଲେ ମୁଖ୍ୟ ଅତିଥି ମାନେ। ଛାତ୍ରି ମାନଙ୍କ ଦ୍ୱାରା ନୃତ୍ୟ ମଧ୍ୟ ପରିବେଷଣ କରାଯାଇଥିଲା। ବର୍ଷକ ଉତ୍ସବ ରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ଛାତ୍ର ଛାତ୍ରି ଉପସ୍ଥିତି ଠିଲେ।

## ସତର୍କତା ସହ ପାଳନ ହୋଲି

ନିଶ୍ଚିନ୍ତକୋଇଲି , ପ୍ରେମ ଓ ଫଗୁଣର ମିଳନ ରଙ୍ଗର ପର୍ବ ହୋଲି । ଏହି ହୋଲି ପର୍ବକୁ ମନାଇବାକୁ ଯାଇ ଜନସାଧାରଣ କୃତ୍ରିମ ତଥା ରାସାୟନିକ ରଙ୍ଗ ବ୍ୟବହାର କରୁଛୁ । ଯାହା ଶରୀର ପାଇଁ କ୍ଷତିକାରକ । ରାସାୟନିକ ରଙ୍ଗ ବଦଳରେ ପ୍ରାକୃତିକ ରଙ୍ଗରେ ହୋଲି ଖେଳନ୍ତୁ । ଛୋଟପିଲା, ବୃଦ୍ଧ ବୃଦ୍ଧା ରୋଗାଗ୍ରସ୍ତ ବ୍ୟକ୍ତିଙ୍କ ଉପରେ ରଙ୍ଗ ଲଗାନ୍ତୁ ନାହିଁ । ବିଶେଷ କରି ଗୃହପାଳିତ ପଶୁ ହୁଅନ୍ତୁ ବା ନିରୀହ ବୁଲା ପଶୁ ପକ୍ଷୀଙ୍କ ଉପରେ ରଙ୍ଗ ପକାନ୍ତୁ ନାହିଁ । ମଣିଷ ଶରୀରରେ ରଙ୍ଗ ଲାଗିଲେ ତାହା ଆମେ ହାତରେ ସଫା କରିପାରିବା । ହେଲେ ପଶୁ ପକ୍ଷୀଙ୍କ ଉପରେ ରଙ୍ଗ ଲାଗିଲେ ସେମାନେ ଉକ୍ତ ରଙ୍ଗକୁ ସେମାନଙ୍କ ଜିଭ ସାହାଯ୍ୟରେ ସଫା କରନ୍ତି । ଯାହାଫଳରେ ରାସାୟନିକ ରଙ୍ଗ ତାଙ୍କ ପେଟ ଭିତରକୁ ଯାଇ ତାଙ୍କ ପ୍ରତି ବିପଦ ସାବ୍ୟସ୍ତ ହୋଇଥାଏ । ରଙ୍ଗର ପର୍ବ ହୋଲିରେ ଖୁସି ମନାଇବା, ହେଲେ ହୋଲି ଖେଳିବା ପାଇଁ କେତୋଟି ନିୟମ ମାନି ଚଳିବା । ଯେପରିକି ହୋଲି ଖେଳିବା ସମୟରେ ମାଦକଦ୍ରବ୍ୟ ଯଥା ମଦ, ଗଞ୍ଜେଇ ଆଦି ସେବନ ନକରିବା । ଗଭୀର ପୋଖରୀ, ତୁଠ ନଥିବା ନଦୀରେ ନଗାଧୋଇବା । ବହୁ ସଚେତନତା ପରେ ମଧ୍ୟ ଏସବୁ ନିୟମକୁ ଆଜିର ଯୁବପିଢୀ ବେଖାତିରି କରୁଥିବାରୁ ପ୍ରତିବର୍ଷ ହୋଲି ଖେଳରେ ନିଶାଶକ୍ତ ଅବସ୍ଥାରେ ପରସ୍ପର ମଧ୍ୟରେ ଗଣ୍ଡଗୋଳ ହୋଇଥାଏ । ଏବଂ ହୋଲି ପରେ ପାଣି ପହଁରା ଜାଣି ନଥିବାରୁ ଗଭୀର ପୋଖରୀ ଓ ନଈ ନାଳରେ ଗାଧୋଇବା ସମୟରେ ଅନେକଙ୍କ ମୃତ୍ୟୁ ହୋଇଥିବା ନଜିର ରହିଛି । ତେଣୁ ସଚେତନ ହୋଇ ସତର୍କତାର ସହିତ ହୋଲି ଖେଳିବା ପାଇଁ ଏବଂ ପଶୁପକ୍ଷୀମାନଙ୍କ ଦେହରେ ରଙ୍ଗ ନବୋଳିବା ପାଇଁ ସାମାଜିକ କର୍ମୀ ତଥା ପଶୁପ୍ରେମୀ ପ୍ରଫୁଲ୍ଲ କୁମାର ମହାପାତ୍ର ନିବେଦନ କରିଛନ୍ତି ।

## ଉଦ୍ୟାନ କୃଷି ତାଲିମ୍ ଓ ଦକ୍ଷତା ଶିବିର ଅନଷ୍ଠିତ

ଭେଡେନ , ଭେଡେନ ବ୍ଲକ କୁବେଡେଗା ସ୍ଥିତ ଉଦ୍ୟାନ କୃଷି କାର୍ଯ୍ୟାଳୟ ଠାରେ ଶତାଧିକ ଚାଷୀଙ୍କୁ ନେଇ ଏକ ଦକ୍ଷତା ବୃଦ୍ଧି ଓ ତାଲିମ୍ ଶିବିର ଅନୁଷ୍ଠିତ ବୁଧବାର ଅନୁଷ୍ଠିତ ହୋଇଯାଇଅଛି। ଉକ୍ତ କାର୍ଯ୍ୟକ୍ରମରେ ବରଗଡ ସାଂସଦ ପ୍ରତିନିଧି ସୁରେଶ୍ୱର ଶତପଥୀ ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିଲେ। ସ୍ଥାନୀୟ ସରପଞ୍ଚ ଜନ୍ମଜୟ ମିଶ୍ର, ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ ବରଗଡ ଗୋବିନ୍ଦ ଚନ୍ଦ୍ର ପଣ୍ଡା, ସହକାରୀ କୃଷି ଅଧିକାରୀ ଭେଡେନ ଜ୍ୟୋସ୍ନା ମୟୀ ଭିତିରିଆ,ବ୍ଲକ ଓଲମ୍ ବିପିସି ମୂରଲୀଧର ଗର୍ତିଆ ପ୍ରମୂଖ ଯୋଗଦେଇ ସରକାର ଙ୍କର୍ ଯୋଜନା ଗୁଡିକ ଚାଷୀମାନଙ୍କର ହିତ ପାଇଁ ଆସୁଥିବା ବିଭିନ୍ନ ଯୋଜନା ବିଷୟରେ ଚାଷୀମାନଙ୍କୁ ଅବଗତ କରି ଯୋଜନାରେ କିପରି ଉପକୃତ ହେବେ ସମସ୍ତଙ୍କୁ ବୁଝାଇଥିଲେ ।ମୁଖ୍ୟ ଅଥିତି ଦୁଇଜଣ ଅଗ୍ରଣୀ ଚାଷୀ ସୋନ୍ତିଶିନି ରଣା ଓ ପ୍ରମୋଦ ପ୍ରଧାନ ଙ୍କୁ ସମୋର୍ଦ୍ଧନ ।କରିଥିଲେ ଓ କ୍ଷେତ୍ର ପୋଖରୀ ଚାଷୀ ମାନଙ୍କୁ ପନିପରିବା ମିନିକିଟ ପ୍ରଦାନ କରିଥିଲେ ।ଉକ୍ତ ତାଲିମ୍ କାର୍ଯ୍ୟକ୍ରମକୁ ସହକାରୀ ଉଦ୍ୟାନ କୃଷି ଅଧିକାରୀ ଭେଡେନ ସୁଶ୍ରୀ ଡକ୍ଟର ସ୍ୱାମିନି ଭୋଇ ପରିଚାଳନା କରିଥିଲେ।

## ଉଜ୍ଜଳ ଆଲୋକୀକରଣ - ମରାମତି ପାଇଁ ଦାବି

ନିଶ୍ଚିନ୍ତକୋଇଲି . ବିଜେଡି ସରକାରଙ୍କ ସମୟରେ ଗ୍ରାମାଂଚଳରେ ସହରର ଝଲକ ପହ□ାଇବା ଲକ୍ଷ୍ୟରେ ପ୍ରତି ପଂଚାୟତ ଓ ମୁଖ୍ୟ ରାସ୍ତାରେ ଉଜ୍ଜଳ ଆଲୋକୀ କରଣ ବ୍ୟବସ୍ଥା କରାଯାଇଥିଲା । ସରକାରଙ୍କ ତହବିଲରୁ ବହୁ ଅର୍ଥ ବ୍ୟୟ କରାଯାଇ ଏହା କରାଯାଇଥିଲା ରାସ୍ତାର ଉଭୟ ପାର୍ଶ୍ୱ ଆଲୋକୀକରଣ କରାଯାଇଥିଲା । କିଛି ଦିନ ବିଦ୍ୟୁତ ବଲ୍‌ବ ଗୁଡିକ ଜଳିବା ପରେ ଏବେ ଦୀର୍ଘଦିନଠାରୁ ସେଗୁଡିକ ଅଚଳ ହୋଇଯାଇଛି । ଯାହାଫଳରେ ଚାରିଆଡ ଅନ୍ଧକାରମୟ ରହୁଛି ।

ସଂପାଦକୀୟ

# କାଶ୍ମୀରରେ ଆତଙ୍କୀଙ୍କ ନୂଆ ଫର୍ମୁଲା

ଭାରତର ଅବିଚ୍ଛେଦ୍ୟ ଅଙ୍ଗ କାଶ୍ମୀରରେ ଆତଙ୍କବାଦ ଦିନକୁ ଦିନ ଉଗ୍ରରୂପ ନେଉଥିବାର ଦେଖାଯାଇଛି। ଆତଙ୍କବାଦୀମାନେ ପ୍ରାୟ ପ୍ରତିଦିନ ନିରୀହ ସାଧାରଣ ଲୋକଙ୍କୁ ହତ୍ୟା କରିବା ଉଭୟ ସୁରକ୍ଷା ବାହିନୀ ତଥା ସ୍ଥାନୀୟ ଜନସାଧାରଣଙ୍କ ପାଇଁ ବିରାଟ ଆହ୍ୱାନ ରୂପେ ଉଭା ହୋଇଛି। ଗତ ତିନି ମାସ ମଧ୍ୟରେ ଆତଙ୍କବାଦୀମାନେ ନିଜର ଲକ୍ଷ୍ୟଭେଦୀ ଆକ୍ରମଣରେ ୧୬ ଜଣ ସାଧାରଣ ନାଗରିକଙ୍କ ଜୀବନ ଲୁଟିନେଇଛନ୍ତି। ଏମାନଙ୍କ ଭିତରେ ୧୦ ଜଣ କାଶ୍ମୀରୀ ମୁସଲମାନ ଓ ଛ'ଜଣ ହିନ୍ଦୁ ରହିଛନ୍ତି। ସେହିପରି ଗତ ପାଞ୍ଚ ମାସ ଭିତରେ ଗ୍ରେନେଡ୍ ଆକ୍ରମଣରେ ୩ ଜଣ ସାଧାରଣ ଲୋକଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ୧୩ ଜଣଙ୍କୁ ପିସ୍ତଲ ଦ୍ୱାରା ଗୁଳି କରି ହତ୍ୟା କରାଯାଇଛି। କାଶ୍ମୀର ଉପତ୍ୟକାରେ ନିରସ୍ତ୍ର ସାଧାରଣ ନାଗରିକଙ୍କୁ କେବଳ ହତ୍ୟା କରାଯାଇଛି ତା' ନୁହେଁ, ଆତଙ୍କବାଦୀମାନେ ନିରସ୍ତ୍ର ପୁଲିସକୁ ମଧ୍ୟ ଟାର୍ଗେଟ୍ କରି ହତ୍ୟା କରୁଛନ୍ତି। ଗତ ଜୁଲାଇ ୧୮ ତାରିଖରେ ଉଗ୍ରବାଦୀମାନେ ଦକ୍ଷିଣ କାଶ୍ମୀରର ପୁଲୱାମା ଠାରେ ଜଣେ ରେଳସୁରକ୍ଷା କର୍ମଚାରୀଙ୍କୁ ଗୁଳିକରି ହତ୍ୟା କରିଥିବାବେଳେ ଅନ୍ୟ ଜଣଙ୍କୁ ଗୁରୁତର ଭାବରେ ଆହତ କରିଥିଲେ। ଅନନ୍ତନାଗ ଜିଲ୍ଲାରେ ସୁରକ୍ଷା କର୍ମୀ ଓ ଆତଙ୍କବାଦୀମାନଙ୍କ ମଧ୍ୟରେ ଗୁଳି ବିନିମୟରେ ଜଣେ ହିଜବୁଲ କମାଣ୍ଡରର ମୃତ୍ୟୁ ଘଟିଛି। ତା' ନିକଟରୁ ଏକେ-୪୭ ବନ୍ଧୁକ ସମେତ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଜବତ୍ ହୋଇଛି। ଏବେ ଆତଙ୍କବାଦୀମାନେ ବାଛି ବିଛି ନିର୍ଦ୍ଦିଷ୍ଟ ଲୋକଙ୍କୁ ହତ୍ୟା କରୁଥିବାର ଲକ୍ଷ୍ୟ କରାଯାଉଛି। ଏହାଦ୍ୱାରା ସେମାନେ ଭୟର ବାତାବରଣ ସୃଷ୍ଟିକରିବା ସଙ୍ଗେ ସଙ୍ଗେ ଲୋକଙ୍କୁ ବାର୍ତ୍ତା ଦେବାକୁ ଚାହୁଁଛନ୍ତି ଯେ, କାଶ୍ମୀରରେ ଆତଙ୍କବାଦର ଅନ୍ତ ଘଟିବା ସମ୍ଭବ ନୁହେଁ। କାଶ୍ମୀରରେ ଯୁବକମାନଙ୍କୁ ଆତଙ୍କବାଦୀରେ ପରିଣତ କରି ପାକିସ୍ତାନ ନିଜ ପରାଜୟର ପ୍ରତିଶୋଧ ନେବାକୁ ଚାହୁଁଥିଲା ଭଳି ମନେ ହେଉଛି। ଗତ ୨୦୧୯ ଅଗଷ୍ଟ ୫ ତାରିଖରେ ଭାରତ ସରକାର ସମ୍ବିଧାନର ୩୭୦ ଧାରାକୁ ଉଚ୍ଛେଦ କରି କାଶ୍ମୀରର ସ୍ୱତନ୍ତ୍ର ମାନ୍ୟତା ଉଠାଇ ନେଇଥିଲେ। ଜାମ୍ମୁ-କାଶ୍ମୀର ଆଉ ସ୍ୱତନ୍ତ୍ର ରାଜ୍ୟ ନହୋଇ ତିନୋଟି କେନ୍ଦ୍ର ଶାସିତ ଅଞ୍ଚଳରେ ପରିଣତ ହୋଇଥିଲା। ଏହାପରେ ଜାମ୍ମୁ-କାଶ୍ମୀରରେ ଆତଙ୍କବାଦର ଅନ୍ତ ଘଟିବ ବୋଲି ସେତେବେଳେ ଧାରଣା ସୃଷ୍ଟି କରାଯାଇଥିଲା। ମାତ୍ର ଏହି ଆଶା କ୍ରମଶଃ ମଉଳି ଯିବାରେ ଲାଗିଛି ଓ ଆତଙ୍କବାଦୀମାନେ ଅଧିକ ହିଂସ୍ର ତଥା ରକ୍ତମୁଖା ହୋଇ ଉଠିଛନ୍ତି। ସମ୍ବିଧାନର ୩୭୦ ଧାରା ଉଚ୍ଛେଦ ପରେ କେନ୍ଦ୍ର ସରକାର କାଶ୍ମୀରବାସୀଙ୍କୁ ସଶକ୍ତ କରିବା ଉଦ୍ଦେଶ୍ୟରେ ଅନେକ କଲ୍ୟାଣମୂଳକ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ଯୁବକମାନଙ୍କୁ ନିଯୁକ୍ତିର ସୁଯୋଗ ଦିଆଯାଇଛି ଓ ପର୍ଯ୍ୟଟକଙ୍କ ଆଗମନ ବୃଦ୍ଧି ପାଇଛି। ବଡ଼ ବଡ଼ ବ୍ୟବସାୟିକ ସଂସ୍ଥା ରାଜ୍ୟରେ ପୁଞ୍ଜି ନିବେଶ କରିବାକୁ ଆରମ୍ଭ କଲେଣି। ସମ୍ଭବତଃ ଏହି କାରଣରୁ ଆତଙ୍କବାଦୀ ସଂଗଠନଗୁଡ଼ିକ ଅତିମାତ୍ରାରେ ହତୋତ୍ସାହିତ ହୋଇ ପଡ଼ିଛନ୍ତି। ବହୁ ସଂଖ୍ୟାରେ ଆତଙ୍କବାଦୀ ନିପାତ ହୋଇଯିବା ପରେ ଏବେ ସେମାନେ 'ଟାର୍ଗେଟ୍ କିଲିଂ' ବା ଲକ୍ଷ୍ୟଭେଦୀ ହତ୍ୟାର ତାଣ୍ଡବ ରଚାଇବାର ଯୋଜନା କରି ସେହି-ଅନୁଯାୟୀ କାର୍ଯ୍ୟ ଆରମ୍ଭ କରିଛନ୍ତି। କୁଲଗାମରେ ବ୍ୟାଙ୍କ ଭିତରେ ପ୍ରବେଶ କରି ଜଣେ ବ୍ୟାଙ୍କ ମ୍ୟାନେଜରଙ୍କୁ ସେମାନେ ହତ୍ୟା କରିଛନ୍ତି। ଆତଙ୍କବାଦୀମାନଙ୍କର ଏହି ନୂତନ ରଣନୀତିକୁ ଉଚିତ୍ ଜବାବ ଦେବା ଲାଗି ଆମ ସୁରକ୍ଷା ବାହିନୀ ସଦାସର୍ବଦା ଜାଗତିଆର ରହିବାକୁ ପଡ଼ିବ। ନଚେତ୍ ନିରୀହ ନାଗରିକଙ୍କ ରକ୍ତରେ ହୋଲି ଖେଳିବାକୁ ସେମାନେ ସୁଯୋଗ ପାଇବେ।

# ମୋ ଜୀବନ ପଛେ ନର୍କେ ପଡ଼ିଥାଉ...

ମାୟାଧର ନାୟକ

ଭାରତର ମହାମହିମ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କୁ ଶପଥ ଗ୍ରହଣ ଉତ୍ସବରେ ତାଙ୍କ କଣ୍ଠରୁ ଉଚ୍ଚାରିତ ସନ୍ଥକବି ଭୀମ ଭୋଇଙ୍କ ପଦାବଳି ଦେଶବାସୀ ବିଶେଷକରି ଓଡିଶାକୁ ଉତ୍ସାହିତ କରିଛି । **"ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ, ଦେଖୁଦେଖୁ କେବା ସହୁ । ମୋ ଜୀବନ ପଛେ ନର୍କେ ପଡିଥାଉ; ଜଗତ ଉଦ୍ଧାର ହେଉ ।"** ଏଇଭଳି ପଦେ କବିତା ପୃଥିବୀରେ ଆଉ କିଏ କେଉଁଠି ଲେଖିଛନ୍ତି ଏପର୍ଯ୍ୟନ୍ତ, ବିଶେଷକରି ମୋ ଦୃଷ୍ଟିକୁ ଆସିନାହିଁ । ଏଭଳି ସମ୍ବେଦନଶୀଳ ସ୍ରଷ୍ଟା ବିଶ୍ୱସାହିତ୍ୟ ଆକାଶରେ ଦେଖାଦେବା ସମ୍ଭବ ହୋଇଥିବା ଯୋଗୁ କେବଳ ଓଡ଼ିଶା ନୁହେଁ, ଆମେ ସାରା ବିଶ୍ୱର ଜନଗଣ ସେହି ଦୁଃସାହସିକ, ବିପ୍ଲବୀ, ସାଧକ, ପିତୃମାତୃହରା, ନିର୍ଯ୍ୟାତିତ, ମୂଲିଆ, ଗାଈଚରାଳି, ଅପାଠୁଆ, ମହାଜ୍ଞାନୀ, ଆଦିବାସୀଙ୍କ ମଉଡମଣି ଅନ୍ଧ, କନ୍ଧ ଓ ସନ୍ଥକବି ଦରଦୀ କବି, ସାଲିସ୍ ବିହୀନ କବି, ଗଣକବି ଭୀମଭୋଇଙ୍କ ମହାନୁଭବ ନିକଟରେ ଚିରଦିନ ଋଣୀ ରହିଥିବା ।

ଏଇ ଭୁବନବିଖ୍ୟାତ ଭାବୋଚ୍ଛ୍ୱାସମୟ ପଦାବଳୀ କଲିକତାର ଜାତୀୟ ପାଠାଗାର ସମ୍ମୁଖରେ ଯେଭଳି ଶୋଭାପାଉଛି, ଜାତିସଂଘରେ ମଧ୍ୟ ସେହିଭଳି ସ୍ୱତନ୍ତ୍ର ମର୍ଯ୍ୟାଦାର ସହ ସ୍ଥାନ ପାଇଛି । ଏହା କମ୍ ବଡ ଗର୍ବ ଓ ଗୌରବର କଥା ନୁହେଁ – ଏହାହିଁ ଆଧୁନିକ ।

ସନ୍ଥକବି ଭୀମଭୋଇ ୧୮୫୦ ମସିହାରେ ଜନ୍ମଗ୍ରହଣ କରି ୧୮୯୫ ମସିହାରେ ମାତ୍ର ୪୫ ବର୍ଷ ବୟସରେ ପ୍ରାଣତ୍ୟାଗ କରିଛନ୍ତି। ସ୍ତୁତିଚିନ୍ତାମଣି, ଶ୍ରୁତିନିଷେଧ ଗୀତା, ଆଦିଅନ୍ତ ଗୀତା, ବ୍ରହ୍ମନିରୂପଣ ଗୀତା, ନିର୍ବେଦସାଧକ, ପଦ୍ମକଳ୍ପ ଭଳି ଅନେକ କାବ୍ୟକବିତା ରଚନା କରିଯାଇଛନ୍ତି । ତାଙ୍କ ତୁଣ୍ଡରୁ ଯେଉଁ ଗଙ୍ଗାର ଧାରା ନିର୍ଗତ ହୋଇଛି, ତାହା କେବଳ ଭାରତରେ ପ୍ରବାହିତ ହୋଇନି, ସମଗ୍ର ବିଶ୍ୱକୁ ଶୀତଳ ଜଳରେ ସିଞ୍ଚନ କରିଦେଇଛି ।

ଓଡ଼ିଶାର ଅନ୍ୟତମ ବରପୁତ୍ର ଡକ୍ଟର ମାୟାଧର ମାନସିଂହ ଭୀମଭୋଇଙ୍କ ଶ୍ରେଷ୍ଠ ପଦାବଳୀକୁ ଇଂରାଜୀରେ ଅନୁବାଦ କରି ଆନ୍ତର୍ଜାତୀୟ ସ୍ତରରେ ଜାତିସଂଘରେ ଲିପିବଦ୍ଧ କରାଇଛନ୍ତି । ମର୍ମାନୁବାଦ "ଉଷକ୍ଟ ସଭୟରରୟ ମବଭ ଭରବକ୍ସ ଷ୍ପକ୍ଟ ଷ୍ପରର ଷ୍ପଙ୍କମଷ ଛ୍ଚସଷ୍ପରକ୍ସଚ ବଞ୍ଚକ୍ଟଭଶ ଷ୍ପଷର ଙ୍ଗକ୍ଟକ୍ସଷୟ'ଷ୍ପ ମକ୍ସରବଷ୍ପଙ୍କକ୍ସରଷ୍ପ ? ଖରଷ୍ପ ଛ୍ଚର ଷ୍ପଷ୍ପବଚ ସଭ ଷରକ୍ଷଷ ଲକ୍ଟକ୍ସ ରଙ୍ଗରକ୍ସ, ସଲ ଷ୍ପଷର ଙ୍ଗକ୍ଟକ୍ସଷୟ ଷ୍ପଷରକ୍ସରଭଚ ଭର ଷ୍ପବଙ୍ଗରୟ." କାର୍ଲ ମାର୍କ୍ସଙ୍କ ଚିନ୍ତାଧାରା ଭଳି ଭୀମଭୋଇ ମଧ୍ୟ ଶ୍ରେଣୀହୀନ ସମାଜବ୍ୟବସ୍ଥାର ପ୍ରବର୍ତ୍ତକ, ସମାଜବାଦୀ ଆନ୍ଦୋଳନର ପ୍ରବକ୍ତା ଏବଂ ମାନବବାଦର ପ୍ରଚାରକ ଥିଲେ । ଜଣେ ନିରକ୍ଷର, ଅନ୍ଧ, କନ୍ଧ ଆଦିବାସୀ କବି ବିଶ୍ୱଚିନ୍ତାରେ ନିମଗ୍ନ ହେବା କ୍ୱଚିତ୍ ଦେଖାଯାଏ । ତାଙ୍କୁ ମଧ୍ୟ ସାଧାରଣ ମଣିଷର ସଭାକବି କହିଲେ ଅତ୍ୟୁକ୍ତି ହେବନାହିଁ ।

ଭୀମଭୋଇ ଗୋଟିଏ କଥା ପ୍ରମାଣ କରିଯାଇଛନ୍ତି – ଯେଉଁଠି ବିପର୍ଯ୍ୟୟ, ସେଇଠି ଜୟଜୟ । ସେ ଯେତେବେଳେ ନାରଦ ଭୂମିକାରେ ଅବତୀର୍ଣ୍ଣ ହୋଇ ସତ୍ୟକୁ ସତ୍ୟ ମିଥ୍ୟାକୁ ମିଥ୍ୟା କହିଚାଲୁଥିଲେ, ଗାଇଗାଇ କଣ୍ଠ ଫଟାଇ ଦେଉଥିଲେ, ସେତେବେଳେ ରାଜାରାଜୁଡା, ବ୍ରିଟିଶ୍ ଗୁପ୍ତଚରମାନଙ୍କଠାରୁ କମ୍ ଗାଳି ଖାଇନାହାଁନ୍ତି – ତାଙ୍କୁ ସମସ୍ତେ ବିଶେଷକରି ସାମନ୍ତବାଦୀ, ସାମ୍ରାଜ୍ୟବାଦୀମାନେ ନିର୍ଯାତନା ଦେଇ କୋଣଠେସା କରିଦେଇଛନ୍ତି, କିନ୍ତୁ ସେ ସାଧନାପଥରୁ କେବେ ବିରତ ହୋଇନାହାଁନ୍ତି ।

ଭୀମଭୋଇ ସାହିତ୍ୟରେ ବିଶ୍ୱଚେତନା ଭରପୁରା ସମଗ୍ର ବିଶ୍ୱବ୍ରହ୍ମାଣ୍ଡର ଯନ୍ତ୍ରଣାକୁ ଅନୁଭବକରି ସେ ସହ୍ୟକରି ପାରିନାହାଁନ୍ତି । ସେ ସମସ୍ତଙ୍କ ଦୁଃଖମୋଚନ କରିବା ପାଇଁ ପ୍ରାଣର ପ୍ରାର୍ଥନା କରିଛନ୍ତି । ବିଶ୍ୱର ଦୁଃଖକୁ ସେ ଅନ୍ତରରେ ଅନୁଭବ କରି ତାଙ୍କ ପଦାବଳୀରେ ଶୁଣାଇଛନ୍ତି, ଆଜି ମଧ୍ୟ କୌଣସି ବିପ୍ଳବୀକବି ସେଭଳି ପଦାବଳୀ ରଚନା କରିପାରିନାହଁନ୍ତି । ତେଣୁ ତାଙ୍କ ପଦ୍ୟ କାଳଜୟୀ । ଆଜିବି ସୂର୍ଯ୍ୟାଲୋକ ପରି ଜକ୍‌ଜକ୍ ହୋଇ ରହିଛି, ଏ ବିଶ୍ୱବ୍ରହ୍ମାଣ୍ଡ ଥିଲା ପର୍ଯ୍ୟନ୍ତ ରହିଥିବ ମଧ୍ୟ ।

ଭୀମଭୋଇ ଥିଲେ ଓଡିଆ ଆଧୁନିକ କବିତାର ଜନକ । କେବଳ ଓଡ଼ିଆ ସାହିତ୍ୟ ନୁହେଁ, ବିଶ୍ୱସାହିତ୍ୟରେ ତାଙ୍କର କେବଳ ପଦେ କବିତା "ପ୍ରାଣୀଙ୍କ ଆରତ... ଜଗତ ଉଦ୍ଧାର ହେଉ" ଆଜି ମଧ୍ୟ ବିଶ୍ୱର ଆଧୁନିକ ସାହିତ୍ୟରେ ସ୍ୱତନ୍ତ୍ରସ୍ଥାନ ଦଖଲ କରିରହିଛି । ଆଧୁନିକ କାବ୍ୟଜଗତର ମଉଡ଼ମଣି ଆଦିବାସୀ କବି ଭୀମଭୋଇଙ୍କର ଅନ୍ତଃଦୃଷ୍ଟି ଓ ବହିଃଦୃଷ୍ଟି ମଧ୍ୟରେ ତାରତମ୍ୟ ନାହିଁ । ଅନ୍ତର ଯେଉଁଭଳି ବାହାରକୁ ପ୍ରଭାବିତ କରୁଥାଏ, ବାହାର ସେଇଭଳି ଅନ୍ତରକୁ ଭେଦ କରିଯାଏ । ଭୀମଭୋଇଙ୍କ ଅନ୍ତର ବାହାର ଏକାକାର ହୋଇ ଯାଇଥିଲା । ଏହାହିଁ ତାଙ୍କର ବୈଶିଷ୍ଟ୍ୟ ।

ସଙ୍କଟ, ସମ୍ପତ୍ତି, ଦାନବମାନବ, ଶତ୍ରୁ ମିତ୍ର, ସୁଖଦୁଃଖ, ହର୍ଷବିଷାଦ, ପାପପୁଣ୍ୟ, ସତ୍ୟମିଥ୍ୟା ସବୁ ଏକାକାର ହୋଇଯାଇଛି ଭୀମଭୋଇଙ୍କ ଠାରେ । ଶୀତକାକର, ଖରାବର୍ଷା, ପାଣିପବନ ତାଙ୍କୁ ବାଧୁନଥିଲା, କେବଳ ବାଧୁଥିଲା ପ୍ରାଣୀଙ୍କ କଷଣ । କେବଳ ସତ୍ୟପଥରେ ହିଁ ଜଗତର ମଙ୍ଗଳ ହେବ ବୋଲି ଦୃଢ଼ମନା ହୋଇ ସତ୍ୟର ଜୟଜୟକାର, ଜୀବନର ଜୟଗାନ କରି ଚାଲିଛନ୍ତି । ସେଦିନର ଜୟଗାନ ଆଜି କୋଟିକଣ୍ଠରେ ଗୁଞ୍ଜରଣ ସୃଷ୍ଟି କରିଛି ।

ଭୀମଭୋଇ ଅନ୍ଧ ଥିଲେ, କି କନ୍ଧ ଥିଲେ, ପାଠୁଆ ଥିଲେ କି ମୂର୍ଖ ଥିଲେ, ସଂସାର ଜଞ୍ଜାଳରେ ଜଡ଼ିତ ଥିଲେ କି ନାହିଁ, ଏ ସଂପର୍କରେ ବହୁ ଜ୍ଞାନୀପଣ୍ଡିତ ବ୍ୟକ୍ତି ବର୍ଣ୍ଣନା କରି ଯାଇଛନ୍ତି । ଆମେ ଏଠାରେ ଏସବୁ ରହସ୍ୟକୁ ଉନ୍ମୋଚନ ନକରି କେବଳ ତାଙ୍କର ଚିନ୍ତା, ଚେତନାରେ ସାହିତ୍ୟ, ପୁରାଣ, ଲୋକସାହିତ୍ୟକୁ ଏକାକାର କରି ତାଙ୍କ ଅଜଣାରେ ସେ ଆଧୁନିକ ସାହିତ୍ୟର ଅଗ୍ରଦୂତ ହୋଇଛନ୍ତି, କେବଳ ବହୁ କାବ୍ୟକବିତା, ଜଣାଣ ଭଜନ, ମହିମା ଧର୍ମପ୍ରଚାରକୁ ଏଠାରେ ନ ବଖାଣି, ପଦେ କବିତା ଆଜି କୋଟି କଣ୍ଠରେ ବସା ବାନ୍ଧି ଦେଇଥିବାରୁ ସେ ମହାନ୍ ହୋଇଯାଇଛନ୍ତି ବୋଲି ଆମର ମନେହୁଏ । ଯଦିଓ ତାଙ୍କର ଜନ୍ମବୃତାନ୍ତ ରହସ୍ୟମୟ, ଜନ୍ମିତ ସ୍ଥାନ ନେଇ ବହୁ ବାଦବିବାଦ ଏବଂ ତାଙ୍କର ଜୀବନରେ ଅନେକ ଅଲୌକିକ ଘଟଣା ଘଟିଯାଇଛି, ଏସବୁ ଇତିହାସର ବିଷୟବସ୍ତୁ । କିନ୍ତୁ ଆମେ ସେଆଡ଼କୁ ପଶି ମନ୍ଥନ କରିବା ଅପେକ୍ଷା ତାଙ୍କ ଜୀବନମନ୍ଥନରୁ ଯେଉଁ ଅମୃତବାଣୀ ପାଇଛେ, ସେହି ହିଁ ଆମର କାଳଜୟୀ ସମ୍ପତ୍ତି ଏବଂ ସେହି ହିଁ ଆମ ସମ୍ମୁଖରେ ମହାତ୍ମା ଭୀମ ଭୋଇ ।

ଆଜି ଓଡ଼ିଶାର ଜ୍ଞାନୀ, ଗୁଣୀ, ବିଜ୍ଞଜନମାନେ ଭୀମ ଭୋଇଙ୍କୁ ଯଥାର୍ଥ ସମ୍ମାନ ଦେଇ ପାରିନାହାନ୍ତି । ତାଙ୍କ ରଚନାର ସତ୍ୟାସତ୍ୟ ରହସ୍ୟ ମଧ୍ୟ ଏପର୍ଯ୍ୟନ୍ତ ଗବେଷକମାନେ ଭେଦ କରିପାରିନାହାନ୍ତି ।

ଏପର୍ଯ୍ୟନ୍ତ ଆମେ ମହାତ୍ମା ଭୀମଭୋଇଙ୍କୁ ଠାବ କରି ପାରିନାହାଁନ୍ତି । ଆମ ଓଡ଼ିଶାର ବହୁ ପ୍ରାଚୀନ, ଆଧୁନିକ କବି, ଲେଖକ, ବିଦେଶ ସାହିତ୍ୟକୁ ଅବଶ୍ୟ ଅନୁକରଣ କରିଛନ୍ତ; କିନ୍ତୁ ଏଇମାଟିର ଭୀମଭୋଇଙ୍କୁ ଚିହ୍ନିପାରିଲେ ନାହିଁ । ସେଇଥିପାଇଁ ଆଜି ଯେଉଁମାନେ ଆଧୁନିକ ସାହିତ୍ୟର ପ୍ରବକ୍ତା ବୋଲି ଡିଣ୍ଡିମ ପିଟୁଛନ୍ତି – ସେମାନଙ୍କ ପିତାମହ ଭୀମ ଭୋଇଙ୍କୁ ଭୁଲିଯାଉଛନ୍ତି ।

ପ୍ରାଣୀଙ୍କ ଆରତକୁ ଉଲ୍ଲେଖ କରିଥିବା ଭୀମ ଭୋଇଙ୍କର ପୃଥିବୀପ୍ରସିଦ୍ଧ ପଦାବଳୀ ବାହାରକୁ ସରଳ ମନେ ହେଉଥିଲେ ହେଁ ଏହାର ଭିତରଟା ଏକ ବ୍ୟଞ୍ଜନାତ୍ମକ ବ୍ୟାପ୍ତିକୁ ସୂଚାଇଦିଏ । ପ୍ରଥମ ପଦରେ ସୂଚିତ 'ପ୍ରାଣୀ' ହେଉଛି ସମୁଦାୟ ପ୍ରାଣଧାରୀ ସତ୍ତାର ପ୍ରତୀକ । ଅନ୍ନମୟ କୋଷରୁ ଉନ୍ନୀତ ହୋଇ ପ୍ରାଣମୟ କୋଷରେ ଉପନୀତ ଏ ବିଶାଳ ଜୀବଜଗତ 'ଆରତ'ରେ ଅତିଷ୍ଠ – ଅର୍ଥାତ୍ ଜୀବନ ଓ ମୃତ୍ୟୁର ମଧ୍ୟବର୍ତ୍ତୀ ଇଲାକାରେ ଜୀବ ଭୟ, ଆତଙ୍କ ଓ ଆଶଂକାରେ ଅନବରତ ଉତ୍ପୀଡ଼ିତ । କବି ଭୀମ ଭୋଇ ଏହି ଭୟାର୍ତ୍ତ ଜୀବନର ଆତ୍ମିକ ଦୁଃସ୍ଥିତିକୁ ଅସହ୍ୟ ମଣିଛନ୍ତି । କ୍ଲେଶ, କଷ୍ଟ, କଷଣରେ କବଳିତ ପ୍ରାଣୀ । ମାତ୍ର 'ଆରତ' ଶବ୍ଦ ପରେ ଯେଉଁଠି ସେ 'ଦୁଃଖ' ଶବ୍ଦ ଉଚ୍ଚାରଣ କରିଛନ୍ତି ଏବଂ ଏହି 'ଦୁଃଖ'କୁ ଅପ୍ରମିତ ବୋଲି ତାତ୍ପର୍ଯ୍ୟଟିଏ ଦେଇଛନ୍ତି, ସେଠି ସରଳ ଶବ୍ଦଟିରେ ବ୍ରହ୍ମବ୍ୟଞ୍ଜନାଟିଏ ଛାଡ଼ିଯାଇଛନ୍ତି । କ'ଣ ସେ ବ୍ୟଞ୍ଜନା ସେ ବ୍ୟଞ୍ଜନା – ଦୁଃଖ କିଏ ଅନୁଭବ କରେ ? ଗଧ, ଘୋଡା, ହାତୀ ନା କୁମ୍ଭୀର ? ମାନବେତର ପ୍ରାଣୀ 'ଆରତ'ରେ ଆକ୍ରାନ୍ତ ହେଉଥିବାବେଳେ ମଣିଷର ହିଁ ଥାଏ 'ଦୁଃଖ'ର ଅବବୋଧ । ବୁଦ୍ଧ ଏହି ଦୁଃଖକୁ କାମନାର କାରକ ରୂପେ କୀର୍ତ୍ତିତ କରିଯାଇଛନ୍ତି । କାମନାର କ୍ରମବୃଦ୍ଧି ମଣିଷଜୀବନରେ ଆଣେ ଭ୍ରମବୃଦ୍ଧି – ଆଣେ ଦୁଃଖ । କବି ଭୀମ ଭୋଇ 'ଆରତ' ଶବ୍ଦରେ ପ୍ରାଣପୀଡ଼ାକୁ ସୂଚାଇଥିବାବେଳେ 'ଦୁଃଖ' ଶବ୍ଦଟିରେ ଆତ୍ମପୀଡ଼ାକୁ ଆଭାସିତ କରିଛନ୍ତି – ଯାହା ମଣିଷଜୀବନ ସହିତ ଏକାନ୍ତ ପ୍ରାଯୁଜ୍ୟ ରକ୍ଷା କରେ ।

ବୈଷ୍ଣବଧର୍ମର ବୈତାଳିକ ଚଣ୍ଡୀ ଦାସ 'ସବାର ଉପରେ ମାନୁଷ ସତ୍ୟ' ଉଦ୍‌ଘୋଷଣ କରି ମଣିଷକୁ ଜୀବନର ମୁଖ୍ୟ କେନ୍ଦ୍ର ବୋଲି ବ୍ୟକ୍ତ କରିଥିବାବେଳେ ମହିମା ଧର୍ମର ମହାତ୍ମା ଭୀମ ଭୋଇ ତାଙ୍କର ପୃଥିବୀପ୍ରସିଦ୍ଧ ପଦଟିରେ କେଉଁଠି ବି 'ମଣିଷ' ଶବ୍ଦ ଉଚ୍ଚାରଣ ନ କରି ସୁଦ୍ଧା 'ଦୁଃଖ ଅପ୍ରମିତ' ଉଲ୍ଲେଖ କରିବା ଦ୍ୱାରା ମାନବିକ ମର୍ମବେଦନାର ଅବବୋଧକୁ ହିଁ ବ୍ୟଞ୍ଜିତ କରିଯାଇଛନ୍ତି । ଇଏ କିଛି କମ୍ କଥା କି ? ଏଥିରେ ଉଲ୍ଲିଖିତ ହୋଇଛି ଉର୍ଦ୍ଧ୍ୱଚେତନାର ଅଭିବ୍ୟକ୍ତି । ପୁଣି 'ଅପ୍ରମିତ' ଶବ୍ଦଟି ଜନ୍ମଜନ୍ମାନ୍ତରର ଯାତନାକୁ ସୂଚାଉଛି । ଜନ୍ମପୁନର୍ଜନ୍ମର ବନ୍ଧନୀରେ ମଣିଷର ଆତ୍ମା ଘଟରୁ ଘଟାନ୍ତର ପରିଗ୍ରହ କରେ ଏବଂ ପ୍ରତ୍ୟେକ ଜୀବନକୁ ଜୀବନ୍ତ ମରଣ ତୁଲ୍ୟ ଅନୁଭବ କରିଥାଏ । ହିନ୍ଦୁତତ୍ତ୍ୱର ଏହି ଜନ୍ମଜନ୍ମାନ୍ତରର ଚକ୍ରବନ୍ଧନକୁ 'ଦୁଃଖ ଅପ୍ରମିତ' ଭଳି ଶବ୍ଦଯୁଗଳ ମାଧ୍ୟମରେ ବଡ ବ୍ୟଞ୍ଜନାତ୍ମକ ଭାବରେ କହିଛନ୍ତି ଭୀମ ଭୋଇ । 'ଅପ୍ରମିତ' – ଗଣି ହେଉନାହିଁ, କଳି ହେଉନାହିଁ – ଏ ଜନ୍ମର ଦୁଃଖ ନୁହେଁ ଖାଲି – ଏକ ପରେ ଏକ ଅନେକ ଅନେକ ଜନ୍ମର ଯାତନାରେ ଜର୍ଜରିତ ଏହି ଚିତ୍ରକଳ୍ପ – 'ଅପ୍ରମିତ' !

ଦେହରେ ବଞ୍ଚୁଥିବା ସତା ହୁଏତ ସହିନେଇପାରେ ଏ ଜୀବନଯାତନା; ମାତ୍ର ଆତ୍ମାରେ ବିହରୁଥିବା ପୁରୁଷ କ'ଣ ସହିପାରିବ ଏ ଆରତ ? ଏ ଦୁଃଖ ଅପ୍ରମିତ ? ଭୀମ ଭୋଇ ମହିମାଧର୍ମର ମହାତ୍ମା -ସାଧାରଣ ପଦ୍ୟକାର କି କୋଷବଦ୍ଧ କବି ହୋଇଥିଲେ କ'ଣ ତାଙ୍କ ଲେଖନୀରୁ ଏପ୍ରକାର ଲୋତକବର୍ଷଣ ହୋଇପାରିଥାନ୍ତା ? ସେଥିପାଇଁ ସେ କହିଛନ୍ତି – 'ଦେଖୁଦେଖୁ କେ ବା ସହୁ ? ହେଲେ ଏ 'ଦେଖିବା' କ'ଣ ଖାଲି ଚାହିଁବା ନା ଅନାଇବା ? ଏ 'ଦେଖିବା' ହେଉଛି 'ଦ୍ରଷ୍ଟା'ର ଦୃଷ୍ଟାନ୍ତ – ବେଦରେ କବିକୁ କୁହାଯାଇଛି 'କ୍ରାନ୍ତଦର୍ଶୀ' । କବି ଏଠି ଦ୍ରଷ୍ଟା । ଭବିଷ୍ୟ-ଦୃଷ୍ଟିର ଭାବଉଚ୍ଛଳ ଦ୍ରଷ୍ଟା – ଭୀମ ଭୋଇ ଏହି ଭାବବାଦୀ ଭବିଷ୍ୟଦୃଷ୍ଟିର ଅବିସ୍ମରଣୀୟ କବିର୍ମନୀଷୀ ।

ଏହି ପୃଥିବୀପ୍ରଖ୍ୟାତ ପଦର ପରବର୍ତ୍ତୀ ପାଦରେ ଭୀମ ଭୋଇ ନିଗାଡ଼ି ଦେଇଛନ୍ତି ମହାମାନବିକ ମନ୍ତ୍ରଧ୍ୱନି – 'ମୋ ଜୀବନ ପଛେ ନର୍କେ ପଡ଼ିଥାଉ'... । ଏ ଜୀବନ ସହିତ ଅବବୋଧରେ ସଂପୂର୍ଣ୍ଣ ସାମିଲ୍ ହୋଇଯାଇ 'ମୋ ଜୀବନ' ଉଚ୍ଚାରଣ କଲେ ମହାତ୍ମା କବି । ଏଠି ବ୍ୟକ୍ତିପୁରୁଷ ବିବର୍ତ୍ତିତ ହୋଇ ପାଲଟିଛି ସମୂହସତାର ପ୍ରତିନିଧି । ଅହଂର ଅନ୍ତ ଘଟିଛି ଅଶ୍ରୁରେ । ଅନ୍ତରାତ୍ମାରୁ ଆସିଛି ଚୈତ୍ୟପୁରୁଷର ମର୍ମ-ମାଙ୍ଗଳିକ – 'ଜଗତ ଉଦ୍ଧାର ହେଉ'...

ଏହି ପଦରେ ବ୍ୟବହୃତ ୧୬ଟି ଯାକ ଶବ୍ଦ ମନ୍ତ୍ର ଶବ୍ଦ । ପ୍ରତ୍ୟେକ ଶବ୍ଦ ଏଠାରେ ସ୍ୱକୀୟ ବ୍ରହ୍ମର ଶରୀରାତ୍ମକ ପ୍ରକାଶ । ଏଠାରେ 'ନର୍କ' କହିଲେ ସମକାଳର ଅସାର ସଂସାର ଦ୍ୱାରା ଉପୁଜିଥିବା ମୋହ ଓ ମମତାହୀନତାର ମାନଚିତ୍ରଟିଏ । ଆମେ ଯଦି ପୃଥିବୀରେ ସ୍ୱର୍ଗ ସକାଶେ ସଂଗ୍ରାମ କରିବା, ଆମକୁ ତେବେ ମଇଦାନ କରିବାକୁ ପଡ଼ିବ ଏଠାକାର ନର୍କକୁ। ଏ 'ନର୍କ' ପୁରାଣର ପରିକଳ୍ପ ନୁହେଁ, ଛିନ୍ନଭିନ୍ନ ଜୀବନର ଚିତ୍ରକଳ୍ପ ।

ଭୀମ ଭୋଇଙ୍କୁ କୋଟି ଦଣ୍ଡବତ । ସେ ଚେତନାର ଚାରଣ । ଜୀବନର ଜାଗରଣ ଚାହିଁଛନ୍ତି ସେ, ଅଙ୍ଗୀକାର କରିଛନ୍ତି ଆତ୍ମୋତ୍ସର୍ଗକୁ । ଯିଏ ଯେତେବଡ଼ କବି, ପଣ୍ଡିତ ବୋଲାଉଥାଉ, ବରଂ ଚନଚନ କାଗଜରେ ବହି ଛପାଇ ବାଣ୍ଟୁଥାଉ, କିନ୍ତୁ ଅନ୍ୟତମ ବିଶ୍ୱକବି ଭୀମ ଭୋଇଙ୍କ ପଦାବଳୀ... "ମୋ ଜୀବନ ପଛେ ନର୍କେ ପଡିଥାଉ, ଜଗତ ଉଦ୍ଧାର ହେଉ"ର ମାର୍ମିକ ଅର୍ଥକୁ ହୃଦୟଙ୍ଗମ କରି ଜଗତ ଉଦ୍ଧାରପାଇଁ କାବ୍ୟରେ କବିତାରେ ସତ୍ୟ ରଚିଗଲେ ତାହାହିଁ ହେବ ଭୀମ ଭୋଇଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି ।

# ଭଗବାନ ବିଷ୍ଣୁ ଓ ନାରଦ ମୁନି

ଥରେ ନାରଦ ମୁନି ଭଗବାନ ବିଷ୍ଣୁଙ୍କୁ ପଚାରିଲେ, ହେ ଭଗବାନ ଏହି ସମୟରେ ଆପଣଙ୍କର ସବୁଠାରୁ ପ୍ରିୟ ଭକ୍ତ କିଏ ? ବିଷ୍ଣୁ ତ ସ୍ୱୟଂ ଭଗବାନ, ସେ ନାରଦ ମୁନିଙ୍କ କଥା ବୁଝିଗଲେ ଆଉ ମୁରୁକି ହସି ଉତ୍ତର ଦେଲେ 'ମୋର ସବୁଠୁ ପ୍ରିୟ ଭକ୍ତ ଗାଁରେ ରହୁଥିବା ଜଣେ ମାମୁଲି କୃଷକ।' ଏହା ଶୁଣି ନାରଦ ଟିକେ ନିରାଶ ହୋଇଗଲେ। ପୁଣି ଏକ ପ୍ରଶ୍ନ କଲେ, 'ହେ ଭଗବାନ ଆପଣଙ୍କ ବଡ଼ ଭକ୍ତ ତ ମୁଁ, ହେଲେ ସବୁଠୁ ପ୍ରିୟ ମୁଁ କିପରି ହୋଇପାରିଲି ନାହିଁ ? ଭଗବାନ ବିଷ୍ଣୁ ନାରଦ ମୁନିଙ୍କୁ କହିଲେ ଏହାର ଉତ୍ତର ତୁମେ ନିଜେ ହିଁ ଦେଇପାରିବ। ଦିନେ ତାଙ୍କ ଘରକୁ ଯାଅ, ତାଙ୍କର ସମସ୍ତ କାମକୁ ତଦାରଖ କର ପୁଣି ଆସି ମତେ କୁହ। ନାରଦ ମୁନି ଏହି ପ୍ରଶ୍ନର ଉତ୍ତର ପାଇବାକୁ ବ୍ୟାକୁଳ ଥିଲେ, ଏଣୁ ସେ ତା'ପର ଦିନ ବଡ଼ି ଭୋରରୁ କୃଷକ ଘରେ ପହଞ୍ଚିଲେ। ଦେଖିଲେ ସଙ୍ଗେ ସଙ୍ଗେ କୃଷକ ଜଣକ ବିଛଣା ତ୍ୟାଗ କରିଛି। ପ୍ରଥମେ ସେ ଘରେ ରଖିଥିବା ଗୃହପାଳିତ ପଶୁ ଓ ପକ୍ଷୀଙ୍କୁ ଖାଇବାକୁ ଦେଲା। ଏହାପରେ ନିତ୍ୟକର୍ମ ସାରି ମୁହଁ, ହାତ ଧୋଇ ଶୀଘ୍ର ଶୀଘ୍ର ଭଗବାନଙ୍କ ନାମ ନେଇ ପ୍ରାର୍ଥନା କଲା। ଶୁଖିଲା ରୁଟି ଦୁଇପଟ ଖାଇ କ୍ଷେତକୁ ଚାଲିଗଲା। ସାରା ଦିନ କ୍ଷେତରେ କାମ କରି ସମୟ ସରାଇ ଦେଲା। ସନ୍ଧ୍ୟାରେ ଘରକୁ ଫେରି ଗୃହପାଳିତ ପଶୁଙ୍କୁ ଯଥା ସ୍ଥାନରେ ବାନ୍ଧି ଖାଇବାକୁ ଦେଲା। ହାତଗୋଡ଼ ଧୋଇ ଭଗବାନଙ୍କୁ ଟିକେ ପ୍ରାର୍ଥନା କଲା। ଏହାପରେ ପରିବାର ଲୋକଙ୍କ ସହ ଖାଇପିଇ ଶୋଇଗଲା।



ହେମନ୍ତ କୁମାର ସାହୁ

ଏବେ ନାରଦ ମୁନି କୃଷକଙ୍କର ସବୁ କାର୍ଯ୍ୟ କଳାପ ଦେଖି ଭଗବାନ ବିଷ୍ଣୁଙ୍କ ପାଖକୁ ଫେରିଲେ। ଆଉ କହିଲେ, ଭଗବାନ ଆଜି ଦିନଟା ମୁଁ ସେ କୃଷକ ସହିତ ଥିଲି। ହେଲେ ସେ ଠିକ୍ ଭାବରେ ବି ଟିକେ ଆପଣଙ୍କ ନାମ ନେଉନଥିଲା। ସକାଳୁ ଥରେ ଓ ସନ୍ଧ୍ୟାରେ ଶୀଘ୍ର ଶୀଘ୍ର ଆପଣଙ୍କ ନାମ ନେଉଛି। ହେଲେ ମୁଁ ଦିନ ରାତି ୨୪ ଘଣ୍ଟା ଆପଣଙ୍କ ନାମ ନେଉଛି, ଏହାପରେ ବି ସେ କ'ଣ ଆପଣଙ୍କ ସବୁଠୁ ପ୍ରିୟ ଭକ୍ତ। ଭଗବାନ ବିଷ୍ଣୁ ନାରଦ ମୁନିଙ୍କ କଥା ଶୁଣି କହିଲେ, ଏହି ପ୍ରଶ୍ନର ଉତ୍ତର ତୁମେ ନିଜେ ହିଁ ମତେ ଦେବ। ଭଗବାନ ବିଷ୍ଣୁ ଏକ ଅମୃତ ଭରା ମାଠିଆ ନାରଦ ମୁନିଙ୍କୁ ଧରାଇଲେ। କହିଲେ ଏହି ମାଠିଆ ନେଇ ତୁମେ ତିନି ଭୁବନ ବୁଲି ଆସ। ହେଲେ ଧ୍ୟାନ ରଖିଥିବ ଯେପରି ଏହି ମାଠିଆରୁ ବୁନ୍ଦିଏ ବି ଅମୃତ ତଳେ ପଡ଼ିବ ନାହିଁ। ଭଗବାନ ବିଷ୍ଣୁ ନାରଦଙ୍କୁ ପଚାରିଲେ ଆଚ୍ଛା ନାରଦ ତୁମେ ଏହି ମଧ୍ୟରେ ମୋର ନାମ କେତେଥର ନେଇଛ। ମତେ କେତେ ସ୍ମରଣ କରିଛ। ନାରଦ କହିଲେ ପ୍ରଭୁ ମୋର ତ ସମସ୍ତ ଧ୍ୟାନ ଏହି ଅମୃତ ମାଠିଆ ଉପରେ ଥିଲା। ପୁଣି ଆପଣଙ୍କୁ ଧ୍ୟାନ କେତେବେଳେ କରିଥାନ୍ତି। ଭଗବାନ ବିଷ୍ଣୁ କହିଲେ, ହେ ନାରଦ ଦେଖ ସେ କୃଷକ ତାର ସମସ୍ତ କର୍ମ କରିବା ମଧ୍ୟରେ ମତେ ନିୟମିତ ଭାବରେ ସ୍ମରଣ କରିବାକୁ ଭୁଲୁ ନାହିଁ। ନିୟମିତ ଭାବରେ ସେ ମୋର ନାମ ଧରୁଛି। ଯିଏ ନିଜ କର୍ମ ମଧ୍ୟରେ ମତେ ସ୍ମରଣ କରେ, ମୋର ନାମ ଧରେ ସେ ହିଁ ମୋର ପ୍ରିୟ ଭକ୍ତ। ତୁମେ ତ ଦିନ ରାତି ଖାଲି ବସି ବସି ମୋର ନାମ ଜପ କରୁଛ। ହେଲେ ତୁମକୁ ଯେତେବେଳେ ମୁଁ କିଛି କର୍ମ ଦେଲି, ସେତେବେଳେ ତୁମେ ସେ କର୍ମ ମଧ୍ୟରେ ମତେ ସ୍ମରଣ କରିବାକୁ ସମୟ ପାଇଲ ନାହିଁ। ଏଥର ନାରଦ ତାଙ୍କର ଭୁଲ ବୁଝିପାରିଲେ। ଭଗବାନ ବିଷ୍ଣୁଙ୍କ ପାଦ ତଳେ ପଡ଼ି କହିଲେ 'ପ୍ରଭୁ ଆପଣ ମୋର ଗର୍ବ ଓ ଅହଂକାର ଭାଙ୍ଗିଦେଲେ। ମୁଁ ମୋ ଭୁଲ ବୁଝିପାରିଲି। ଧନ୍ୟ ଆପଣ, ଧନ୍ୟ ଆପଣଙ୍କ ମହିମା।

# ସ୍ୱାଧୀନତାର ଅମୃତ ମହୋତ୍ସବ

ହୃଷିକେଶ ପ୍ରଧାନ

ମନରେ ପ୍ରଶ୍ନ ଆସୁଛି, ଏକ ରାଷ୍ଟ୍ର କେବଳ ଗୋଟିଏ ଦିନ ଅପେକ୍ଷା ମାସ ବ୍ୟାପି ସ୍ୱାଧୀନତା ଉତ୍ସବ ପାଳନ କରିବା ଉଚିତ ନୁହେଁ କି ? ସ୍ୱାଧୀନତା ପ୍ରାପ୍ତି ପାଇଁ ଅନେକ ସଂଗଠନର ଅତୁଳନୀୟ ଅବଦାନ ରହିଛି । ହୁଏତ, ସେମାନେ ପରସ୍ପରଠାରୁ ସମ୍ପୂର୍ଣ୍ଣ ଭିନ୍ନ ଥିଲେ, କିନ୍ତୁ ସେମାନଙ୍କ ଲକ୍ଷ୍ୟ ଓ କାର୍ଯ୍ୟ ଥିଲା ଅନନ୍ୟ। ସମଗ୍ର ଦେଶରେ ଅତୀତରେ ଘଟିଥିବା ବହୁ ଆନ୍ଦୋଳନ ଓ ବଳିଦାନକୁ ଉପଯୁକ୍ତ ସମ୍ମାନ ଦେବା ଆମର ନୈତିକ କର୍ତ୍ତବ୍ୟ । ସ୍ୱାଧୀନତା ମାସରେ ଆମେ ସ୍ୱାଧୀନତାର ସପ୍ତାହକୁ ସୁସଙ୍ଗଠିତ କରି ତତ୍ ସହିତ ସ୍ୱାୟତ୍ତ ଶାସନର ବିଭିନ୍ନ ଦୃଷ୍ଟିକୋଣକୁ ସ୍ପଷ୍ଟ ଭାବେ ଦର୍ଶାଇ ଜନସାଧାରଣଙ୍କ ମଧ୍ୟରେ ବୃହତ୍ ରାଜନୈତିକ ସଚେତନତା ସୃଷ୍ଟି କରିବା ଉଚିତ । ବ୍ୟବହାରିକ ଭାବେ, ସ୍ୱାଧୀନତାର ଅର୍ଥ ହେଉଛି, ଔପନିବେଶିକ ପରିଚୟ ବିନା ଦେଶର ସାର୍ବଭୌମ ଗଣତନ୍ତ୍ରକୁ ଯଥୋଚିତ ସମ୍ମାନପୂର୍ବକ ନିଜସ୍ୱ ସଶସ୍ତ୍ର ସେନା, ଶିକ୍ଷା, ଗବେଷଣା, ସ୍ୱାସ୍ଥ୍ୟ, ଶକ୍ତି ଓ ଅନ୍ୟାନ୍ୟ ବିଭାଗରେ ସ୍ୱତନ୍ତ୍ରତାକୁ ବଜାୟ ରଖିବା। ଗୋଟିଏ ଦିନରେ ତିନିଘଣ୍ଟା ମଧ୍ୟରେ ସେସବୁକୁ କେବଳ ପ୍ରଜ୍ଞାପନ ମେଢ଼ ମାଧ୍ୟମରେ ପ୍ରଦର୍ଶିତ କରିବା ପରିବର୍ତ୍ତେ ସେ ସମସ୍ତଙ୍କ ପ୍ରଗତିକୁ ସଠିକ୍ ଅନୁପାଳନ କଲେ ଏହାର ଗୁରୁତ୍ୱ ବଜାୟ ରହିପାରିବ । ସ୍ୱାଧୀନତାର ମାସ ବ୍ୟାପି ଉତ୍ସବ ପାଳନ କରିବା ଦ୍ୱାରା ଏହା ଅଧିକ ସମୃଦ୍ଧ, ସୁଦୀର୍ଘ ଓ ବହୁ ତଥ୍ୟ ସମ୍ବଳିତ ଅନୁଭୂତି ପ୍ରଦାନ କରିବ ।

ଏହା ସ୍ପଷ୍ଟ ଯେ ଔପନିବେଶିକ ଯୁଆଳିରୁ ଆମର ମୁକ୍ତି ଏକ ଭିନ୍ନ ପ୍ରକ୍ରିୟା ରୂପେ ସଂଗଠିତ ହୋଇଛି। ଆମର ଭୌଗୋଳିକ ଓ ପ୍ରାଚୀନ ଐତିହ୍ୟକୁ ଦୃଷ୍ଟିରେ ରଖି ଆମ ସାମ୍ବିଧାନିକ ଆତ୍ମା। ପାଶ୍ଚାତ୍ୟ ଏବଂ ସ୍ୱଦେଶୀ ଢାଞ୍ଚାର ସମାନ ଦୃଷ୍ଟାନ୍ତମୂଳକ ଉପାଦାନଗୁଡ଼ିକୁ ଅନ୍ତର୍ଭୁକ୍ତ କରେ । ବାସ୍ତବରେ, ଆମ ସମ୍ବିଧାନର ଖସଡ଼ା ପ୍ରସ୍ତୁତି ଏକ ମହତ୍ କାର୍ଯ୍ୟ, ଯାହା ବିଷୟରେ ଆମେ ଅଧିକ ସୂଚନା ଦେବା ଆବଶ୍ୟକ । ପ୍ରାରମ୍ଭରୁ, ଭାରତ ଗଣତନ୍ତ୍ରରେ ଏକ ଦୃଢ଼ ଅନ୍ତର୍ଭୁକ୍ତିକରଣ ଆଭିମୁଖ୍ୟ ରହିଆସିଛି। ଜାତୀୟ ତଥା ରାଜ୍ୟ ସ୍ତରରେ କ୍ୟାବିନେଟ୍ ଗୁଡ଼ିକ ଅଣ-ପ୍ରତିନିଧିତ୍ୱ କିମ୍ବା ଦଳିତ ସମ୍ପ୍ରଦାୟର ସଦସ୍ୟ କିମ୍ବା ଅର୍ଥନୈତିକ ଓ ରାଜନୈତିକ ଇଚ୍ଛାଶକ୍ତି ଠାରୁ ବହୁ ଦୂରରେ ଥିବା ସଦସ୍ୟ ପାଇବାକୁ ଚେଷ୍ଟା କରିଛନ୍ତି ।

ସ୍ୱାଧୀନତାର ତିନି ବର୍ଷ ମଧ୍ୟରେ ଗ୍ରହଣ କରାଯାଇଥିବା ସମ୍ବିଧାନ ଆମକୁ ଏକ ଶୀର୍ଷସ୍ତରରେ ପହଞ୍ଚାଇଛି । ଏଥିରେ ବହୁବଚନତା ଓ ବହୁ ତତ୍ତ୍ୱର ସହଭାଗିତା ଦେଖାଦିଏ । ଏହା ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରୁଥିବାବେଳେ ଏଥିରେ ସ୍ୱାର୍ଥ ପାଇଁ ମଣିଷକୁ ଶୋଷଣ କରିବାର କିଛିଟା ପ୍ରତିବନ୍ଧକ ଅଛି । ରାଷ୍ଟ୍ରଦ୍ୱାରା ପରିଚାଳିତ ବା ଗ୍ରହଣ କରାଯାଇଥିବା କିଛି ଉପଯୋଗୀ ମିଶ୍ର ଅର୍ଥନୀତି, ଏକ ବ୍ୟାପକ ଜନକଲ୍ୟାଣକାରୀ ଦୃଷ୍ଟିକୋଣ, ଏକ ତୃତୀୟ ବିଶ୍ୱର ଆବଶ୍ୟକତା ପାଇଁ ବିକାଶମୂଳକ ଯୋଜନା (ସମ୍ପ୍ରତି ସାଧାରଣରେ ବିମୁଦ୍ରୀକରଣ) – ଏବଂ ସ୍ୱତନ୍ତ୍ର ଭାବେ ଗ୍ରହଣ କରାଯାଇଥିବା 'ମଧ୍ୟମ ପଥ'ର ଅଂଶବିଶେଷ ନୀତି ଆଶ୍ଚର୍ଯ୍ୟଜନକ। ସେଥିରେ ସମସ୍ତଙ୍କ ପାଇଁ ଏକ ବୈଜ୍ଞାନିକ ସ୍ୱଭାବ ଓ ଆଧୁନିକ ଶିକ୍ଷାର ପ୍ରୋତ୍ସାହନର ସୁଯୋଗ ରହିଛି। ଏହା ଅବଶ୍ୟ ଏକ ନୈତିକତାର ଉଦାହରଣ ଯେଉଁଥିରେ ଉଭୟ ଉପଭୋକ୍ତାଙ୍କ ସ୍ୱାର୍ଥରକ୍ଷା ଓ ଆଧ୍ୟାତ୍ମିକତାକୁ ସମାନ୍ତରାଳ ଭାବରେ ଅନୁସରଣ କରାଯାଇଛି ! ତତ୍କାଳୀନ ନେତା ଏବଂ ବିଶେଷଜ୍ଞଗଣ ଏପରି ଏକ ଯୋଜନା ସ୍ଥିର କରିବାକୁ ସହମତ ହୋଇଥିଲେ ଯେପରିକି ଆଗାମୀ ପିଢ଼ି ସେମାନଙ୍କ ବ୍ୟବହାରିକ ଜ୍ଞାନ ଓ ଅଭିଜ୍ଞତା ପାଇଁ ଗର୍ବ କରିପାରିବ । କୌଣସି ନୀତିର ସମାହାର ଏପରି ନୁହେଁ ଯେ ପରବର୍ତ୍ତୀ ଉପଯୋଗକାରୀ ଏହାର ସଠିକ୍ ବିଚାର କରିପାରିବେନି । ତେଣୁ, ଆମେ ବୁଝିବା ଉଚିତ ଯେ ଏପର୍ଯ୍ୟନ୍ତ ଆମେ କରିଥିବା କାର୍ଯ୍ୟ ସଂକୀର୍ଣ୍ଣ ନୁହେଁ; ବରଂ ଦୁର୍ବଳ କାର୍ଯ୍ୟକାରିତା ହିଁ କୌଣସି ଦୋଷତ୍ରୁଟିର ମୁଖ୍ୟ କାରଣ।

ତେଣୁ, ଏକ ସ୍ମରଣୀୟ ଦିବସ, କେବଳ ଉତ୍ସବ ପାଳନର ମାଧ୍ୟମ ହୋଇପାରେନା, ଏହା ଅବଶ୍ୟ ଆମ ସ୍ୱଚ୍ଛ ଓ ନ୍ୟାୟପୂର୍ଣ୍ଣ ନୀତି ପ୍ରତି ଏକ ଧନ୍ୟବାଦ, ଏକ ପୁନଃନିଶ୍ଚିତତାର ଅନୁଭବ ଏବଂ ଆମ ପ୍ରତିବଦ୍ଧତାର ନବୀକରଣ ହୋଇପାରେ । ବେଳେବେଳେ ଲାଗୁଛି ଯେ, ଆମର ବର୍ତ୍ତମାନର ଅଧିକାର ଓ ସ୍ୱାଧୀନତା ପ୍ରାପ୍ତିର ୭୫ ବର୍ଷ ପୂର୍ବେ ଦଶନ୍ଧି ଧରି ଆମ ପୂର୍ବଜମାନେ ଦେଖିଥିବା ସ୍ୱାଧୀନତାର ସ୍ୱପ୍ନକୁ ଆମେ ଭୁଲିଯାଇଛୁ । ସ୍ୱାଧୀନତାର ବିଷୟବସ୍ତୁ ବ୍ୟବହାରିକ ଭାବେ ଆମକୁ ଏକ ପରିବାରର ସଦସ୍ୟ ରୂପେ ପ୍ରତିଫଳିତ ହେବାକୁ ଆଗେଇ ନେଇପାରେ । ତେଣୁ, ଏହାକୁ ଦୃଷ୍ଟିରେ ରଖି ଗାନ୍ଧିଜୀ ଅର୍ଥନୈତିକ ସ୍ୱାଧୀନତାର ଏକ ଗୁରୁତ୍ୱପୂର୍ଣ୍ଣ ଦିଗକୁ ଅଙ୍କନ କରିଥିଲେ ।

ଅଣ ଔପନିବେଶିକତା ଏକ ସାମ୍ରାଜ୍ୟ ଶକ୍ତି ଦ୍ୱାରା ଭାରତୀୟ ପ୍ରାକୃତିକ ସମ୍ପଦର ଡକାୟତି ବନ୍ଦ କରିଛି । ଏହା ଆମକୁ ଆଧୁନିକ ଯୁଗକୁ ଆଣି ଜନ ପ୍ରତିନିଧିତ୍ୱ ସରକାରର ଅନ୍ତର୍ଭୁକ୍ତ ହୋଇଥିବା ବିକାଶ ପଥରେ ସାମିଲ କରିଛି । ଏହା ଅତୀତର ଶିକୁଳିଗୁଡ଼ିକୁ ଦୋହଲାଇ ଦେଇ ସେ ସମୟରେ ଆମ ସମାଜର ସମସ୍ତ ସ୍ତର ପାଇଁ ଏକ ସମୃଦ୍ଧ ତଥା ପ୍ରଗତିଶୀଳ ଭବିଷ୍ୟତ ଦର୍ଶନର ଶୁଭାରମ୍ଭ କରିଛି। ସମ୍ବିଧାନରେ ପ୍ରଦତ୍ତ 'ରାଷ୍ଟ୍ରନୀତି ନିୟାମକ ନିର୍ଦ୍ଦେଶାବଳୀ', ବିବିଧ ଅଭାବରେ ଜୀବନଧାରଣ କରୁଥିବା ବହୁଜନଙ୍କ ଉନ୍ନତି ଆଣିବାର ଗୁରୁଦାୟିତ୍ୱ ବହନ କରିଛି, ସାମ୍ପ୍ରତିକ ପିଢିରେ ଯାହାର ସ୍ଥିତି କୌଣସି ସୁଯୋଗ ଦେଇନାହିଁ ।

ଏକ ସାମାଜିକ ତଥା ଅର୍ଥନୈତିକ ବ୍ୟବଧାନକୁ କେବଳ ଏକ ସକରାତ୍ମକ ସରକାରୀ କାର୍ଯ୍ୟସୂଚୀ ହିଁ ଦୂର କରିପାରିବ । ବେଳେବେଳେ ଆମେ ବ୍ୟାପକ ସମର୍ଥନ ପାଇଁ ଅନେକ ଛୋଟଛୋଟ ଉପାୟରେ ଜାତୀୟ ସ୍ୱାର୍ଥ ଓ ସେବାରେ ନିୟୋଜିତ ହୋଇ ପ୍ରତିକ୍ରିୟା ପ୍ରକାଶ କରୁ । ତେଣୁ, ଏହି ପରିପ୍ରେକ୍ଷୀରେ, ୧୯୬୧ ମସିହାରେ ହ୍ୱାଇଟ୍ ହାଉସର ଉଦ୍‌ଘାଟନୀ ଉତ୍ସବରେ ରାଷ୍ଟ୍ରପତି ଜେ.ଏଫ୍. କେନେଡ଼ି କହିଥିଲେ, "ନିଜକୁ ନିଜେ ପଚାର, ତୁମେ ନିଜ ଦେଶ ପାଇଁ କ'ଣ କରିପାରିବ ?" ଏକତିରିଶ ଦିନର ଏହି ସ୍ୱାଧୀନତା ମାସ ଏପରି ପ୍ରଶ୍ନଗୁଡ଼ିକ ପଚାରିବା ପାଇଁ ଓ ସଠିକ୍ ଉତ୍ତର ଆବିଷ୍କାର କରିବାକୁ ପର୍ଯ୍ୟାପ୍ତ ସମୟ ଅବଶ୍ୟ ପ୍ରଦାନ କରିବ । ସ୍ଥଳ ବିଶେଷରେ ଆମ ଗଣତନ୍ତ୍ର ତା'ର ମୂଲ୍ୟବୋଧ ହରାଇ ଜଣତନ୍ତ୍ରରେ ପରିଣତ ହୋଇଛି, ତଥାପି ଆମକୁ ସମସ୍ତ ପ୍ରତିକୂଳତା ସତ୍ତ୍ୱେ ଦେଶର ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାକୁ ସବୁଠାରୁ ଉତ୍ତମ ଶାସନ ବ୍ୟବସ୍ଥା ବୋଲି ବୁଝିବାକୁ ହେବ। ଖୁସିର କଥା, ଚଳିତ ବର୍ଷ ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଅବସରରେ 'ହର ଘର ତ୍ରିରଙ୍ଗା' ଅଭିଯାନକୁ ବ୍ୟାପକ କରିବାକୁ ଅଗଷ୍ଟ ୧୩ ରୁ ୧୫ ତାରିଖ ପର୍ଯ୍ୟନ୍ତ ନିଜ ନିଜ ଘରେ ଜାତୀୟ ପତାକା ଉଡ଼ାଇବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି। କିନ୍ତୁ, ମୋ ମତରେ ଏକ ରାଷ୍ଟ୍ର ତା' ସ୍ୱାଧୀନତାର ଉତ୍ସବ କେବଳ ଗୋଟିଏ ଦିବସ ବା ଏହି ତିନିଦିନରେ ସୀମିତ ନରଖି ଏକ ମାସ କାଳ ବ୍ୟାପି ପାଳନ କରିବା ଉଚିତ ।



# ମୁଁ କମ୍ପ୍ରମାଇଜ୍ ନ କରିବାରୁ ଆଜି ମୁଁ ପଛରେ

ବଲିଉଡ୍ ସୁନ୍ଦରୀ ତଥା ନିଜର ବୋଲ୍ଡନେସ୍ ପାଇଁ ପରିଚିତ ମଲ୍ଲିକା ଶେରାୱତ୍ ନିଜ ଅଭିନୟର ଯାଦୁ ପରଦାରେ ଦେଖାଇ ସମସ୍ତଙ୍କ ପ୍ରିୟଭାଜନ ହୋଇପାରିଛନ୍ତି। ମଲ୍ଲିକା ଶେରାୱତ, ଯିଏ ଚଳଚ୍ଚିତ୍ରରେ ଅନ୍ତରଙ୍ଗ ଦୃଶ୍ୟ ଦେଇ ବାସ୍ତବ ଜୀବନରେ ଦବଙ୍ଗ ଆଟିଚ୍ୟୁଟ ରଖିବାକୁ ପସନ୍ଦ କରନ୍ତି। ଗତ କିଛି ଦିନ ହେବ ମଲାଇକା ତାଙ୍କ ବ୍ୟକ୍ତିଗତ ମନ୍ତବ୍ୟକୁ ନେଇ ଚର୍ଚ୍ଚାରେ ରହି ଆସୁଛନ୍ତି। ଏହି ଅଭିନେତ୍ରୀ କ୍ରମାଗତ ଭାବରେ ବଲିଉଡ ଇଣ୍ଡଷ୍ଟ୍ରୀର କଳା ଗୁମର ଖୋଲିବାରେ ଲାଗିଛନ୍ତି। ଏବେ ପୁଣିଥରେ ସେ ଏମିତି କିଛି କହିଛନ୍ତି ଯାହାକୁ ନେଇ ଚର୍ଚ୍ଚା ଜୋର ଧରିଛି। ମଲ୍ଲିକା ବର୍ତ୍ତମାନ ପୁଣିଥରେ ନୂତନ ସାକ୍ଷାତକାର ଦେଇ ଇଣ୍ଡଷ୍ଟ୍ରିର ଖୋଲା ସତ୍ୟ ବିଷୟରେ ଅବଗତ କରାଇଛନ୍ତି। ଏକ ସାକ୍ଷାତକାରରେ ମଲ୍ଲିକା ଇଣ୍ଡଷ୍ଟ୍ରିରେ ଘଟୁଥିବା କାଷ୍ଟିଂ କାଉଚ୍ ବିଷୟରେ କହିଥିଲେ। ସେ କହିଛନ୍ତି, ଯେତେବେଳେ ସେ ଆପୋଷ ବୁଝାମଣା କରିବାକୁ ମନା କରିଥଲେ, ସେତେବେଳେ ତାଙ୍କ ହାତରୁ ଅନେକ ପ୍ରୋଜେକ୍ଟ ଚାଲିଯାଇଥିଲା। କାରଣ ସେ କମ୍ପ୍ରମାଇଜ କରିନଥିଲେ। ସେଥିପାଇଁ ସେ ବହୁତ ବଡ କ୍ଷତି ସହିଥିଲେ। ସେ କହିଥିଲେ ସବୁ ଏ ଷ୍ଟାର ଅଭିନେତା ତାଙ୍କ ସହ କାମ କରିବାକୁ ମନା କରିଦେଇଥିଲେ। କାରଣ ସେମାନଙ୍କୁ ସେହି ଅଭିନେତ୍ରୀ ପସନ୍ଦ ଥିଲେ ଯେଉଁମାନେ ତାଙ୍କ ଇସାରାରେ ନାଚୁଥିଲେ। କିନ୍ତୁ ମୁଁ ସେମିତି ନୁହେଁ କି ମୋ ପର୍ସନାଲିଟି ବି ସେମିତି ନୁହେଁ। ମଲ୍ଲିକା ଆହୁରି କହିଛନ୍ତି- ମୁଁ କାହାର ଇଚ୍ଛା ଅନୁଯାୟୀ ନିଜକୁ ଚଳାଇ ପାରିବି ନାହିଁ। ଯଦି ଜଣେ ହିରୋ ଆପଣଙ୍କୁ ରାତି ୩ଟାରେ ଡାକନ୍ତି ଏବଂ କୁହନ୍ତି – ମୋ ଘରକୁ ଆସନ୍ତୁ, ତେବେ ଆପଣଙ୍କୁ ଯିବାକୁ ପଡିବ। କାରଣ କ୍ୟାରିୟର ବଢାଇବାକୁ ତାଙ୍କ ସହ କମ୍ପ୍ରମାଇଜ ପଡେ। ଯେହେତୁ ମୁଁ କରିପାରିନଥିଲି, ସେଥିପାଇଁ ମୋ କ୍ୟାରିୟର ଆଗକୁ ବଢିପାରିନଥିଲେ।

# ୬୦୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ହତ୍ୟା କରି ରକ୍ତ ପିଇଥିଲେ ବାଥୋରୀ

୧୬୦୦ ଖ୍ରୀଷ୍ଟାବ୍ଦରେ ଏପରି ଜଣେ ମହିଳା ଥିଲେ, ଯାହାଙ୍କୁ ଦୁନିଆର ସବୁଠାରୁ ମାରାତ୍ମକ ମହିଳା ଭାବରେ ପରିଗଣିତ କରାଯାଇଥିଲା। କାହିଁକି ନା କିଛି ଲୋକ କଥା ଓ କିଛି ପୁସ୍ତକରୁ ମିଳିଥିବା ତଥ୍ୟରୁ ଜଣାପଡ଼ିଛି ଯେ, ନିଜର ରୂପ ଓ ଯୌବନକୁ ବଜାୟ ରଖିବା ପାଇଁ ମହିଳା ଜଣଙ୍କ ୬୦୦ ରୁ ଅଧିକ ଲୋକଙ୍କୁ ହତ୍ୟା କରିଥିଲେ ଓ ସେମାନଙ୍କ ରକ୍ତ ପିଇଥିଲେ। ଏହି ମହିଳାଙ୍କ ସମ୍ପର୍କରେ ଗିନିଜ ୱାର୍ଲ୍ଡ ରେକର୍ଡରେ ମଧ୍ୟ କିଛି ଆର୍ଟିକିଲ ପ୍ରକାଶ ପାଇଥିଲା। ଡେଲି ଷ୍ଟାର ରିପୋର୍ଟ ଅନୁଯାୟୀ, ହଙ୍ଗେରୀର ଏହି ମହିଳାଙ୍କ ନାମ କାଉଣ୍ଟେସ୍ ଏଲିଜାବେଥ୍ ବାଥୋରୀ। ସେ ୧୫୬୦ ଖ୍ରୀଷ୍ଟାବ୍ଦରେ ଏକ ଜମିଦାର ପରିବାରରେ ଜନ୍ମଗ୍ରହଣ କରିଥିଲେ। ବର୍ତ୍ତମାନ ଲୋଭାସିଆରେ ଥିବା କାଚାଟିସ୍ ଦୁର୍ଗରେ ସେ ସେତେବେଳେ ଏକ ଚମତ୍କାର ଜୀବନ ଅତିବାହିତ କରିଥିଲେ। ମହିଳା ଜଣଙ୍କ ନିଜକୁ 'କାଉଣ୍ଟେସ୍ ଡ୍ରାକୁଲା' ନାମରେ ପରିଚିତ କରାଇଥିଲେ। ଜାଣିଶୁଣି କୃଷକଘରର ଝିଅମାନଙ୍କୁ ସେମାନଙ୍କ ପରିବାରଠାରୁ ଅପହରଣ କରି ଆଣି କାରାଗାରରେ ରଖୁଥିଲା ଏବଂ



ପରେ ସେମାନଙ୍କୁ ହତ୍ୟା କରିଦେଉଥିଲା। ବାଥୋରୀର ବର୍ବରତା କେବଳ ହତ୍ୟାରେ ଅଟକି ନଥିଲା। ସେ ପୀଡିତାଙ୍କୁ ନିର୍ଯାତନା ଦେବା ପାଇଁ ନିଷ୍ଠୁର ପଦ୍ଧତି ଆପଣାଉଥିଲା। ସେ ପିନ୍ ଦ୍ୱାରା ଝିଅମାନଙ୍କ ନଖ ଉପାଡ଼ିଦେବା ସହ ସେମାନଙ୍କର ସ୍ତନ, ଆଙ୍ଗୁଠି ଏବଂ ଯୌନାଙ୍ଗ କାଟିବା ପରେ ଝିଅମାନଙ୍କୁ ଥଣ୍ଡା ସ୍ଥାନରେ ଛାଡିଦେଉଥିଲା। ସେ କେବଳ କୃଷକ ଏବଂ ଗରିବ ଝିମାନଙ୍କୁ ନିର୍ଯାତନା ଦେଉନଥିଲା ବରଂ ଧନୀଘରର ଝିଅମାନଙ୍କୁ ମଧ୍ୟ ସମାନ ଢ଼ଙ୍ଗରେ ହତ୍ୟା କରୁଥିଲା। ବାଥୋରୀ ପୀଡିତାଙ୍କୁ ହତ୍ୟା କରିବା ପରେ ସେମାନଙ୍କ ରକ୍ତରେ ସ୍ନାନ କରି ରୁପ ଓ ଯୌବନର ଚମକ ବଢ଼ାଇବା ପାଇଁ ସେହି ରକ୍ତକୁ ପିଉଥିଲା। ବାଥୋରୀ ବିଶ୍ୱାସ କରୁଥିଲା ଯେ ଏହା ତାର ଯୌବନକୁ ଦୀର୍ଘ ବର୍ଷ ବଜାୟ ରଖିବାରେ ସାହାଯ୍ୟ କରିବ। ବାଥୋରୀ ବହୁତ ଧନୀ ଥିଲା। ଏଭଳି ପରିସ୍ଥିତିରେ ତାଙ୍କ ଇଚ୍ଛା ବିନା କେହି ତା ନିକଟକୁ ଯାଇପାରୁନଥିଲେ। ବାରମ୍ବାର ଏଭଳି ହତ୍ୟା ଘଟିଚାଲିବା ପରେ ଏହାକୁ ନେଇ ଖୋଳତାଡ଼ ଆରମ୍ଭ ହୋଇଥିଲା। ୧୫୯୦ ରୁ ୧୬୧୦ ମଧ୍ୟରେ ଅନେକ ହତ୍ୟା କରିଥିଲା। ପରିଶେଷରେ, ଡିସେମ୍ବର ୧୬୧୦ରେ ଚାରିଜଣ ସେବକଙ୍କ ସହିତ କାଉଣ୍ଟେସ୍ ଡ୍ରାକୁଲା ଓରଫ୍ ବାଥୋରୀକୁ ଗିରଫ କରାଯାଇଥିଲା। ବାଥୋରୀ ବିରୁଦ୍ଧରେ ୮୦ ଜଣ ଝିଅଙ୍କୁ ହତ୍ୟା କରିଥିବା ଅଭିଯୋଗ ହୋଇଥିଲା। କିନ୍ତୁ କାଉଣ୍ଟେସର ଡାଏରୀ ଦେଖିଥିବା ଜଣେ ସାକ୍ଷୀ କହିଥିଲେ ଯେ ହତ୍ୟାର ସଂଖ୍ୟା ପ୍ରକୃତରେ ୮୦ ନୁହେଁ ବରଂ ୬୫୦ ଥିଲା। ଏହା ପରେ କାଉଣ୍ଟେସକୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରାଯାଇଥିଲା ଏବଂ ୧୬୧୪ ଖ୍ରୀଷ୍ଟାବ୍ଦରେ ୫୪ ବର୍ଷ ବୟସରେ ବାଥୋରୀର ମୃତ୍ୟୁ ହୋଇଥିଲା।



# ସୂର୍ଯ୍ୟାଲୋକ ବଢ଼ାଏ ପୁରୁଷଙ୍କ ଭୋକ

ମଣିଷ ଉପରେ ସୂର୍ଯ୍ୟାଲୋକର ଏକ ଅଜଣା ପ୍ରଭାବ ସମ୍ପର୍କରେ ଗବେଷଣାରୁ ଜଣାପଡ଼ିଛି। ସୂର୍ଯ୍ୟାଲୋକ ଆମ ଶରୀରରେ ଭିଟାମିନ୍ 'ଡି' ସୃଷ୍ଟି କରେ ବୋଲି ଆମେ ଆଗରୁ ଜାଣିଛନ୍ତି। ତେବେ ଏହା ବିଶେଷ କରି ପୁରୁଷମାନଙ୍କଠାରେ କ୍ଷୁଧା ଉଦ୍ରେକ କରୁଥିବା ଏକ ପ୍ରକାର ହରମୋନ କ୍ଷରଣରେ ସହାୟକ ହୋଇଥାଏ ବୋଲି ଏକ ଅନୁଧ୍ୟାନରୁ ଜଣାଯାଇଛି। ସେଥିପାଇଁ କିଛି ସମୟ ଖରାରେ ଚଲାବୁଲା କଲେ ଭୋକ ଲାଗିଥାଏ ବୋଲି ସ୍ପଷ୍ଟ ହୋଇଛି। ତେଲ୍ ଆବିଭ୍ ବିଶ୍ୱବିଦ୍ୟାଳୟ ଭେଷଜ ବିଭାଗର କିଛି ଗବେଷକ ସୂର୍ଯ୍ୟାଲୋକରେ ଥିବା ଅତିବାଇଗଣୀ ରଶ୍ମିର ମନୁଷ୍ୟ ଶରୀରରେ ପ୍ରଭାବ ସମ୍ପର୍କରେ ଅନୁଧ୍ୟାନ କରିବା ଅବସରରେ ଏପରି ନିର୍ଯାସରେ ଉପନୀତ ହୋଇଛନ୍ତି। ଏହି ଅତିବାଇଗଣୀ ରଶ୍ମି ପ୍ରତି ପୁରୁଷ ଓ ମହିଳାଙ୍କ ଶରୀର ସଂପୂର୍ଣ୍ଣ ଭିନ୍ନ ଭାବରେ ପ୍ରତିକ୍ରିୟା ପ୍ରଦର୍ଶନ କରୁଛନ୍ତି କି ନାହିଁ ତାହା ସ୍ପଷ୍ଟ ହୋଇନାହିଁ। ତେବେ ପୁରୁଷମାନଙ୍କ ପାକସ୍ଥଳୀରେ ଝରୁଥିବା ଘ୍ରେଲିନ୍ ନାମକ ହରମୋନ୍ କ୍ଷରଣକୁ ଏହା ତ୍ୱରାନ୍ୱିତ କରିଥାଏ। ଅଧିକ ସମୟ ଖରାରେ ରହିଲେ ଚର୍ମକୋଷରେ ରହିଥିବା ଡିଏନ୍ଏ ନଷ୍ଟ ହୋଇ ଘ୍ରେଲିନ୍ କ୍ଷରଣକୁ ସୁଗମ କରିଥାଏ। ଏହି ଘ୍ରେଲିନ୍ ହିଁ ପୁରୁଷ ମନରେ କ୍ଷୁଧାଭାବ ଜାଗ୍ରତ କରିଥାଏ ଏବଂ ସେହି ଭୋକପ୍ରବଣତା ସେମାନଙ୍କୁ ଅଧିକ ଖାଦ୍ୟ ଗ୍ରହଣ ସହ ଓଜନବୃଦ୍ଧିରେ ସହାୟକ ହୋଇଥାଏ ବୋଲି ଗବେଷକମାନେ ନିଶ୍ଚିତ ହୋଇଛନ୍ତି। ଏହି କାରଣରୁ ଗ୍ରୀଷ୍ମଦିନେ ପୁରୁଷମାନେ ଅଧିକ ଆହାର ଗ୍ରହଣ କରିବା ସହ ଦୈନିକ ପ୍ରାୟ ୩୦୦ କ୍ୟାଲୋରି ଅଧିକ ଉପଯୋଗ କରନ୍ତି ବୋଲି ଜଣାପଡ଼ିଛି। ଅପରପକ୍ଷେ, ମହିଳାଙ୍କ ଶରୀରରେ ଥିବା ଇଷ୍ଟ୍ରୋଜେନ୍ ହରମୋନ୍ ଏହି ପ୍ରକ୍ରିୟାର ପ୍ରତିବନ୍ଧକ ସାଜିଥାଏ। ତିନି ହଜାର ସ୍ୱେଚ୍ଛାସେବୀଙ୍କୁ ନେଇ ଦୀର୍ଘ ତିନି ବର୍ଷ ଧରି ଏକ ଅନୁଧ୍ୟାନ ଚାଲିବା ପରେ ଏହି ନିଷ୍କର୍ଷ ମିଳିପାରିଛି।

# ପରିବର୍ତ୍ତନକାରୀ ବସ୍



ଜାପାନ୍‌ରେ ଏକ ବସ୍ ଉନ୍ମୋଚିତ ହୋଇଛି, ଯାହା ସମସ୍ତଙ୍କୁ ଚକିତ କରିଦେଇଛି। କାରଣ ଏହି ବସ୍ ରାସ୍ତାରେ ତ ଚାଲିପାରେ ତା'ସହ ରେଳ ଟ୍ରାକ୍ ଉପରେ ଟ୍ରେନ୍ ପରି ମଧ୍ୟ ଚାଲିପାରେ। ଜାପାନ୍ କାଇଓରେ ଏହି ବସ୍-ଟ୍ରେନ୍‌ର ହାଇବ୍ରିଡ୍ ପ୍ରଦର୍ଶିତ ହୋଇଥିଲା। ନିଜର ରବର ଟାୟର ସହାୟତାରେ ରାସ୍ତା ଉପରେ ଚାଲିପାରିବା ସହ ଏଥିରେ ଥିବା ଟ୍ରେନ୍ ମୋଡ୍‌କୁ ଗଲେ ଲୁହାର ଚକ ଆପେ ଆପେ ବାହାରିଆସେ ଓ ରବର ଚକ ଉପରକୁ ଉଠିଯାଏ। ଫଳରେ ଏହା ରେଳ ଟ୍ରାକ୍‌ରେ ବି ଚାଲିପାରେ। ଏହି ବସଟି ତା'ର ପରିବର୍ତ୍ତନ ପାଇଁ ମାତ୍ର ୫ସେକେଣ୍ଡ୍ ସମୟ ନେଇଥାଏ। ଏହା ଡିଜେଲ୍‌ରେ ଚାଲିବ ଓ ବିଭିନ୍ନ ରଙ୍ଗରେ ଉପଲବ୍ଧ ହେବ। ଏକାଥରେ ୨୧ ଜଣ ଯାତ୍ରୀଙ୍କୁ ନେଇ ଘଣ୍ଟା ପ୍ରତି ୬୦ କି.ମି ବେଗରେ ଏହି ଗାଡ଼ିଟି ଯାଇଥାଏ। ଏହି ବସ୍ ଚାଲିବା ଫଳରେ ଲୋକଙ୍କ ଅନେକ ସମସ୍ୟା ଦୂର ହେବ ବୋଲି କମ୍ପାନୀ ଆଶା କରିଛି।

# ପୁଣି ଏକାଠି ହେବେ କଙ୍ଗନା ଓ ମଧୁର ଭଣ୍ଡାରକର

ବଲିଉଡ୍ କୁଇନ୍ ପଦ୍ମଶ୍ରୀ କଙ୍ଗନା ରଣାୱତଙ୍କ ନିକଟରେ ଗୋଟିଏ ପରେ ଗୋଟିଏ ସିନେମା ବକ୍ସ ଅଫିସ୍‌ରେ ଭଲ ପ୍ରଦର୍ଶନରୁ ବାଦ୍ ପଡିଥିଲା। କିନ୍ତୁ ନିଜ ପ୍ରଚେଷ୍ଟାରେ ସିନେମାର ଆଗଧାଡ଼ିର ନାୟିକା ଭାବେ ଗଢ଼ି ତୋଳିଛନ୍ତି। ସେଇଥିପାଇଁ ତ ଆଗକୁ ତାଙ୍କର ବଡ ସିନେମା ପରଦାକୁ ଆସିବାକୁ ଯାଉଛି। ତାଙ୍କର ବହୁ ଚର୍ଚ୍ଚିତ ଫିଲ୍ମ ଏମରଜେନ୍ସିର ଫାଷ୍ଟ ଲୁକ୍‌ଠାରୁ ଆରମ୍ଭକରି ଟିଜର ପର୍ଯ୍ୟନ୍ତ ସବୁକିଛି ଦର୍ଶକଙ୍କ ମନ ମୋହିଛି। ଅନେକ ଲୋକ କହୁଛନ୍ତି ଏହି ଚରିତ୍ର ପାଇଁ କଙ୍ଗନା ପର୍ଫେକ୍ଟ ଚଏସ୍। ଏଥିରେ ସେ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଚରିତ୍ରରେ ନଜର ଆସିବେ। ତା ସହିତ ବି ଅନେକ ସିନେମା ଲାଇନ୍‌ରେ ଅଛି। ସେଥିରେ ଚାରଚାନ୍ଦ୍ ଲଗାଇବା ପାଇଁ ଏବେ ସେ ଏକାଠି ହୋଇଛନ୍ତି ମଧୁର୍ ଭଣ୍ଡାରକରଙ୍କ ସାଙ୍ଗେ। ଫ୍ୟାସନ୍ ଫିଲ୍ମରେ କଙ୍ଗନା ମଧୁର ଭଣ୍ଡାରକରଙ୍କ ନିର୍ଦ୍ଦେଶନାରେ କାମ କରିଥିଲେ। ଏହା ତାଙ୍କ କ୍ୟାରିୟରରେ ଟର୍ଣ୍ଣିଂ ପଏଣ୍ଟ୍ ଆଣିଦେଇଥିଲା। ଏବେ ଅତି ଶୀଘ୍ର ସେ ମଧୁରଙ୍କର ଆଗାମୀ ଫିଲ୍ମରେ ନଜର ଆସିବେ ବୋଲି ଖବର ମିଳୁଛି। ଏହି ସିନେମାଟି କାଶ୍ମୀରୀ ସିଙ୍ଗରଙ୍କ ଉପରେ ଟେରିରିଷ୍ଟ୍ ଆକ୍ରମଣ ଓ ହତ୍ୟାକାଣ୍ଡ ଉପରେ ଆଧାରିତ। ନ୍ୟାସ୍‌ନାଲ୍ ଆୱାର୍ଡ ପ୍ରାପ୍ତ ନିର୍ଦ୍ଦେଶକ ମଧୁର୍ ଭଣ୍ଡାରକର ୪ଟି ନ୍ୟାସ୍‌ନାଲ୍ ଆୱାର୍ଡ ପାଇଥିବା ଅଭିନେତ୍ରୀ ପଦ୍ମଶ୍ରୀ କଙ୍ଗନା ରଣାୱତ୍‌ଙ୍କୁ ନିଜର ଏହି ସିନେମାରେ କାଷ୍ଟ କରିବାକୁ ମନବଳାଇ ସାରିଥିବା ଶୁଣିବାକୁ ମିଳୁଛି। ରିପୋର୍ଟ ଅନୁଯାୟୀ ମଧୁର୍ ଆଉ ଏକ ନାରୀ କୈନ୍ଦ୍ରିକ ସିନେମା ନିର୍ମାଣ କରିବାକୁ ଯାଉଛନ୍ତି। ନିଜ ଫିଲ୍ମ ବବ୍ଲି ବାଉନ୍ସରା ରିଲିଜ୍ ପରେ ସେ ଏହି ଫିଲ୍ମରେ କାମ କରିବେ। କଙ୍ଗନାଙ୍କ ସାଙ୍ଗେ ନିର୍ମାଣ ହେବାକୁଥିବା ତାଙ୍କ ଏହି ଫିଲ୍ମଟି, ଏକ କାଶ୍ମୀରୀ ସିଙ୍ଗରଙ୍କୁ ଟେରିରିଷ୍ଟମାନେ ମର୍ଡର କରିଦେଇଥିବା ସତ୍ୟ ଘଟଣା ଉପରେ ଆଧାରିତ।



# ଓଡିଶାରେ ପ୍ରସ୍ତାବିତ ଗାନ୍ଧୀବାଦୀ ଗ୍ରାମ ସ୍ୱରାଜ ପାଇଲଟ୍ ପ୍ରୋଜେକ୍ଟର ପ୍ରସ୍ତାବିତ 4G ଆଶ୍ରମରେ ଗାନ୍ଧୀଜୀଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ





ବୁଗୁଡ଼ା ୧୭/୩(ନି.ପ୍ର): ଗଞ୍ଜାମ ଜିଲ୍ଲାର ବୁଗୁଡ଼ା ବ୍ଲକ ଅନ୍ତର୍ଗତ ମାଣିତାରା ପଞ୍ଚାୟତର ମକରାପଲ୍ଲୀ ଗ୍ରାମରେ ପ୍ରସ୍ତାବିତ 4G ଆଶ୍ରମ ପରିସରରେ ମହାତ୍ମା ଗାନ୍ଧୀଙ୍କ ଦାଣ୍ଡି ଯାତ୍ରା ଦିବସ ଅବସରରେ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କାର୍ଯ୍ୟକ୍ରମ ମାର୍ଚ୍ଚ ୧୨ ତାରିଖରେ ଅନୁଷ୍ଠିତ ହୋଇଥିଲା। ପୁନେର ଜାତୀୟ ମହିଳା ସଂଗଠନର ସଭାପତି ଶ୍ରୀମତୀ ରମା ରାଉତଙ୍କ ତତ୍ତ୍ୱାବଧାନରେ ଏବଂ ବରିଷ୍ଠ ସାମ୍ବାଦିକ ଅନିଲ କୁମାର ମହାରଣାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରଫେସର ଡକ୍ଟର କାଳୀ ଚରଣ ରାଉତ, ପରିବେଶବିତ୍ ଡକ୍ଟର ସତ୍ୟ ତାପସ, ମାଣିତାରା ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରିନ୍ସପାଲ ଅନୁପ କୁମାର ପଣ୍ଡା ଏବଂ ଅଧ୍ୟାପକ ଦିଲୀପ କୁମାର ଆଚାର୍ଯ୍ୟ ଅତିଥି ଭାବରେ ଯୋଗ ଦେଇ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରିଥିଲେ। ଗାନ୍ଧୀବାଦୀ ସାମାଜିକ କର୍ମୀ ଶ୍ରୀମତୀ ରମା ରାଉତ କହିଛନ୍ତି ଯେ 4G ଆଶ୍ରମର ପ୍ରଥମ ଏ ହେଉଛି ଗାନ୍ଧୀ ଯାହା ଗାନ୍ଧୀବାଦୀ ଆଦର୍ଶ ସତ୍ୟ ଏବଂ ଅହିଂସା ପାଇଁ ବୁଝାଏ, ଦ୍ୱିତୀୟ ଏ ହେଉଛି ଗଙ୍ଗା ଯାହା ସମସ୍ତ ନଦୀ ଏବଂ ଜଳଜୀବର ସୁରକ୍ଷା ଏବଂ ସଂରକ୍ଷଣ ପାଇଁ ବୁଝାଏ, ତୃତୀୟ ଏ ହେଉଛି ଗିରିରାଜ ହିମାଳୟ ଯାହା ସମସ୍ତ ପର୍ବତ, ଜଙ୍ଗଲ ଏବଂ ବନ୍ୟ ପ୍ରାଣୀର ସୁରକ୍ଷା ଏବଂ ସଂରକ୍ଷଣ ପାଇଁ ବୁଝାଏ ଏବଂ ଚତୁର୍ଥ ଏ ହେଉଛି ଗ୍ରାମ ସ୍ୱରାଜ ଯାହା ଆମର ଗ୍ରାମଗୁଡ଼ିକୁ ଗାନ୍ଧୀବାଦୀ ଆଦର୍ଶ ଗ୍ରାମରେ ପରିଣତ କରିବା ପାଇଁ ବୁଝାଏ। ଅଧ୍ୟାପକ ଶ୍ରୀ ଆଚାର୍ଯ୍ୟ ପରିବେଶ ସୁରକ୍ଷା ଏବଂ ମହାତ୍ମା ଗାନ୍ଧୀଙ୍କ ଆଦର୍ଶ ବିଷୟରେ କହିଥିଲେ। ପ୍ରଫେସର ଡକ୍ଟର ରାଉତ ବ୍ୟାଖ୍ୟା କରିଥିଲେ ଯେ ମହାତ୍ମା ଗାନ୍ଧୀଙ୍କ ପାଇଁ ସତ୍ୟ ହେଉଛି ପ୍ରକୃତ ଚରମ ଲକ୍ଷ୍ୟ / ଜୀବନର ଅର୍ଥ ଏବଂ ଅହିଂସା ହେଉଛି ଏହାର ଉପାୟ / ପଥ, ଏବଂ ସତ୍ୟକୁ ଅନୁଭବ କରିବା, ଈଶ୍ୱରଙ୍କୁ ଅନୁଭବ କରିବା ଏବଂ ଆଧ୍ୟାତ୍ମିକ ନୀତିଗତ ପୂର୍ଣ୍ଣତାକୁ ଅନୁଭବ କରିବା ସମାନ। ଯେକୌଣସି ସାମାଜିକ ବର୍ଗ ଏବଂ ଲିଙ୍ଗର ଯେକୌଣସି ବ୍ୟକ୍ତି ନିଜ କ୍ଷମତା ଅନୁଯାୟୀ ସର୍ବୋତ୍ତମ ଉପାୟରେ ସମାଜର ସେବା କରି ନିଜ କର୍ମଫଳ ପ୍ରତି ନିରନ୍ତର ଭାବରେ, ଆଧ୍ୟାତ୍ମିକ ଭାବରେ, ନୈତିକ ଭାବରେ ଉଚ୍ଚରୁ ଉଚ୍ଚତର ହେବା ପାଇଁ ନିରନ୍ତର ପ୍ରୟାସ କରି ନିଜର କ୍ଷମତା ଅନୁଯାୟୀ, ଭଗବଦ୍ ଗୀତାରେ ବର୍ଣ୍ଣିତ, ଆଧ୍ୟାତ୍ମିକ ଭାବରେ ନୈତିକ ଭାବରେ ଉଚ୍ଚତର ହେବା ପାଇଁ ନିରନ୍ତର ପ୍ରୟାସ କରି ଆଧ୍ୟାତ୍ମିକ ନୈତିକ ପୂର୍ଣ୍ଣତା ହାସଲ କରିପାରିବେ। ଡକ୍ଟର ସତ୍ୟ ତାପସ କୃଷି ଜମି କିପରି ପ୍ରାକୃତିକ ଭାବରେ ଉର୍ବର ହୋଇପାରିବ ଏବଂ ବର୍ଷାଜଳକୁ କିପରି ସଂରକ୍ଷଣ କରି ଚାଷ ପାଇଁ ବ୍ୟବହାର କରାଯାଇପାରିବ ତାହା ବ୍ୟାଖ୍ୟା କରିଥିଲେ। ଅନିଲ କୁମାର ମହାରଣା ସ୍ୱାଗତ ଭାଷଣ ଦେଇଥିଲେ, ଅତିଥିମାନଙ୍କୁ ପରିଚୟ କରାଇଥିଲେ ଏବଂ ଧନ୍ୟବାଦ ପ୍ରସ୍ତାବ ଦେଇଥିଲେ। କାର୍ଯ୍ୟକ୍ରମରେ ସମିତି ସଦସ୍ୟ ଜୟଦେବ ପ୍ରଧାନ, ସୁବାଷ ଚନ୍ଦ୍ର ସାମଲ, ଦିବାକର ସାମନ୍ତରାୟ, ତ୍ରିନାଥ ଗୌଡ଼, ବଂଶୀଧର ରାଉତ, ସୀମାଞ୍ଚଳ ପ୍ରଧାନ, ପିତାମ୍ବର ରାଉତ, ରମେଶ ଚନ୍ଦ୍ର ସାହୁ, ନୀଳାଞ୍ଚଳ ପ୍ରଧାନ, ଅକ୍ଷୟ କୁମାର ରାଉତ, ବସନ୍ତ କୁମାର ପ୍ରଧାନ, ଜୟଦେବ ରାଉତ, ସୁନୀଲ କୁମାର ପ୍ରଧାନ, ସୁଶାନ୍ତ କୁମାର ସାହୁଙ୍କ ସମେତ ଅନେକ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ। ଶେଷରେ, ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସାଇରାମ ରାଉତ, ସାଇକୃଷ୍ଣ ରାଉତ, ଗୌତମ ରାଉତ, ସୁଧାଂଶୁ ଶେଖର ରାଉତ, ନୀଳମାଧବ ରାଉତ, ଅଭିଳାଷ ମହାରଣା ଇତ୍ୟାଦି ଯୁବ ଗୋଷ୍ଠୀ ପରିଚାଳନାରେ ସହଯୋଗ କରିଥିଲେ।

## ଏଣ୍ଟୁରୁ ବାବୁ ଆକ୍ରମଣ ଘଟଣାରେ ପୁଣି ୨ ଜଣ ଗିରଫ

ପୋଲସରା ୧୭/୩(ନି.ପ୍ର): ପୋଲସରା ଅଞ୍ଚଳର ଏଣ୍ଟୁରୁବାବୁ ଭାବେ ପରିଚିତ ଥିବା ବାବୁ ପ୍ରଧାନ ଙ୍କୁ କିଛି ଦିନେ ପୂର୍ବେ ମରଣାନ୍ତକ ଆକ୍ରମଣ ଘଟଣାରେ ପୋଲସରା ପୋଲିସ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ । ସେହି ଘଟଣାର ତଦନ୍ତ ଜାରୀରହି ବୁଧବାର ଦିନ ପୋଲସରା ପୋଲିସ, ପୋଲସରା ମିଲ୍ ସାହିର ବାଦଲ ପ୍ରଧାନ ଓ ନୂଆ ସାହିର ରାଜୁ ସାହୁ କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡିଛି । ପୂର୍ବ ସୂଚନା ପ୍ରକାରେ ଏକ ବାହାଘର ଭୋଜି ପ୍ରୋସେସନ୍ରେ ବାବୁ ପ୍ରଧାନ ସହ ମିକୁ,ଚିକୁ ଓ ଗୁଡ୍ଡୁ ସାହୁ ପାଟିତୁଣ୍ଡ ହୋଇଥିଲା । ପରେ ଉକ୍ତ ଘଟଣାକୁ କେନ୍ଦ୍ର କରି ଘଟଣାରେ ସଂପୃକ୍ତ ଥିବା ଯୁବକ ମାନେ ବାବୁ ପ୍ରଧାନଙ୍କୁ ପୁଣି ବସଷ୍ଟାଣ୍ଡ ନିକଟରେ ମରଣାନ୍ତକ ଆକ୍ରମଣ କରିଥିଲେ । ଘଟଣା ସ୍ଥଳରୁ କିଛି ଯୁବକଙ୍କ ସହଯୋଗରେ ବାବୁ ପ୍ରଧାନଙ୍କୁ ପୋଲସରା ସ୍ୱାସ୍ଥ୍ୟ କେନ୍ଦ୍ରକୁ ଅଣାଯାଇଥିଲା । ସେଠାରେ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେବାରୁ ବାବୁଙ୍କୁ ପ୍ରଥମେ ବ୍ରହ୍ମପୁର ଓ ପରେ କଟକ ବଡ଼ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସମ୍ପୃକ୍ତ ଘଟଣାକୁ ନେଇ ଆହତ ବାବୁ ପ୍ରଧାନଙ୍କ ସ୍ତ୍ରୀ ପୂଜାରାଣୀ ପୋଲସରା ଥାନାରେ ଲିଖିତ ଅଭିଯୋଗ କରିଥିଲେ ।

## ଦିବ୍ୟାଙ୍ଗ ରକ୍ତଦାତା ଙ୍କ ମହାନତା

ପାଟଣା ୧୭/୩(ନି.ପ୍ର): ପାଟଣା ବ୍ଲକ ଚିଲିଦା ଗ୍ରାମର ଲିପୁନ କୁମାର ମହାନ୍ତ ଟ୍ରକ ଡ୍ରାଇଭରଭାବେ କାର୍ଯ୍ୟ କରୁଥିବା ସମୟରେ ଦୁର୍ଘଟଣାରେ ଡାହାଣ ଗୋଡ଼ ହରେଇ ବସିଥିଲେ। ବାପା ମଧ ଇହଧାମ ତ୍ୟାଗ କରିଛନ୍ତି। ସଂସାର କହିଲେ ବୁଢ଼ୀ ମା ଓ ଲିପୁନ। ତଥାପି ମନୋବଳ ନଭାଙ୍ଗି ପରିବାର ଚଳାଇବା ପାଇଁ ସଂଘର୍ଷ ଜାରି ରଖିଛନ୍ତି। ଜିଲ୍ଲା ପ୍ରଶାସନ ପକ୍ଷରୁ ରିମୋଟ ଚାଳିତ ଦିବ୍ୟାଙ୍ଗ ଯାନ ବଣ୍ଟନ ସମୟରେ ଭରସା ପରିବାର ଟ୍ରଷ୍ଟର ପାଟଣା ବ୍ଲକ ସଂଯୋଜକ ଲେମ୍ବୁ ମହାନ୍ତଙ୍କ ମାଧ୍ୟମରେ ସୂଚନା ପାଇ କେନ୍ଦୁଝରରୁ ଦିବ୍ୟାଙ୍ଗ ଯାନ ପାଇଥିଲେ। ଭରସା ପରିବାର ଟ୍ରଷ୍ଟର ତତ୍କାଳ ରକ୍ତଦାନ ତଥା ଅନ୍ୟାନ୍ୟ ସେବା କାର୍ଯ୍ୟ ସମ୍ବନ୍ଧରେ ଅବଗତ ହେବା ପରେ ସେ ନିଜ ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ପାଇଁ ଇଚ୍ଛୁକ ହେବା ସହିତ ସେହି ଦିନ ହିଁ ପ୍ରଥମେ ଜଣେ ରୋଗୀଙ୍କୁ ରକ୍ତଦାନ କରିଥିଲେ। ସେହି ଦିନଠାରୁ ଆଜି ପର୍ଯ୍ୟନ୍ତ ପ୍ରତ୍ୟେକ ତିନି ମାସ ବ୍ୟବଧାନରେ ଭରସା ପରିବାର ଟ୍ରଷ୍ଟର ପ୍ରତିଷ୍ଠାତା ଲମ୍ବୋଦର ମହାନ୍ତଙ୍କୁ ଯୋଗାଯୋଗ କରି ନିଜେ ରକ୍ତଭଣ୍ଡାର ଆସି ସ୍ୱେଚ୍ଛାକୃତ ରକ୍ତଦାନ କରିଚାଲିଛନ୍ତି। ଆଜିକୁ ମିଶେଇ ସେ ୫ମ ଥର ପାଇଁ ରକ୍ତଦାନ କରି ସାରିଲେଣି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ଯୁଗଳ କିଶୋର ମହାନ୍ତ ନାମକ ରୋଗୀଙ୍କୁ ଆଜି ସେ ରକ୍ତଦାନ କରିଛନ୍ତି। ତାଙ୍କର ନିଃସ୍ୱାର୍ଥପର ସେବା ଭାବନାକୁ ଭରସା ପରିବାର ଟ୍ରଷ୍ଟର ପ୍ରତିଷ୍ଠାତା ତଥା ସଭାପତି ଲମ୍ବୋଦର ମହାନ୍ତ ତଥା ଅନ୍ୟାନ୍ୟ ପ୍ରମୁଖ କର୍ମକର୍ତ୍ତା ସାଧୁବାଦ ଜଣାଇଛନ୍ତି।ସରକାରଙ୍କ ପକ୍ଷରୁ ତାଙ୍କୁ ଆର୍ଥିକ ସହାୟତା ମିଳିଲେ ବ୍ୟବସାୟ କରି ପରିବାର ପ୍ରତିପୋଷଣ କରିବା ପାଇଁ ସୁବିଧା ହେବ ବୋଲି ଦିବ୍ୟାଙ୍ଗ ଲିପୁନ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

## ପିପିଳିଆ ଡିଗ୍ରୀ କଲେଜରେ ଛାତ୍ରୀ ଙ୍କ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦଯାପିତ

ପାଟଣା ୧୭/୩(ନି.ପ୍ର): କେନ୍ଦୁଝର ଜିଲ୍ଲା ପିପିଳିଆ ସ୍ଥିତ ଲକ୍ଷ୍ମୀନାରାୟଣ ଡ଼ିଗ୍ରୀ କଲେଜରେ ଚାଲିଥିବା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର କଲେଜର ଅଧକ୍ଷ ଦୈତାରୀ ମହାନ୍ତଙ୍କ ଅଧକ୍ଷତା ରେ ଉଦଯାପିତ ହୋଇଯାଇଛି । ଏହି ଉପଲକ୍ଷେ ଆତ୍ମରକ୍ଷା ତାଲିମ୍ ଶିବିରର ସଂଯୋଜିକା ଅଧ୍ୟାପିକା ରଶ୍ମିତା ସାହୁ ପ୍ରାରମ୍ଭିକ ଭାଷଣ ଦେଇଥିଲେ । ଅନ୍ୟତମ ଅତିଥି ଭାବରେ ଓଡ଼ିଆ ବିଭାଗର ଅଧ୍ୟାପକ ମନୋରଞ୍ଜନ ପଲେଇ, ଇତିହାସ ବିଭାଗର ଅଧ୍ୟାପକ ତପନ କୁମାର ମହାନ୍ତ, ଗଣିତ ବିଭାଗର ଅଧ୍ୟାପକ ପଙ୍କଜ କୁମାର ଶତପଥି,ଅଧ୍ୟାପକ ରୁଦ୍ରନାରାୟଣ ମହାନ୍ତ ଓ ମାଷ୍ଟର ଟ୍ରେନର୍ ଲକ୍ଷ୍ମୀ ପ୍ରିୟା ପତି ନିଜ ନିଜର ଅଭିମତ ରଖିଥିଲେ । ଆତ୍ମରକ୍ଷା ତାଲିମ୍ ନେଉଥିବା ୧୫୧ ଜଣ ଛାତ୍ରୀଙ୍କୁ ଅତିଥି ମାନଙ୍କ ଦ୍ୱାରା ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ପ୍ରାଣୀ ବିଜ୍ଞାନ ଅଧ୍ୟାପିକା ପ୍ରିୟଙ୍କା ଦାଶ କାର୍ଯକ୍ରମକୁ ପରିଚାଳନା କରିଥିଲେ । କାର୍ଯକ୍ରମକୁ ଲୋଟସ ମହାନ୍ତ, ଲକ୍ଷ୍ମୀଧର ମହାନ୍ତ, ଚତୁର୍ଭୁଜ ମହାନ୍ତ ଓ ରତ୍ନାକର ମହାନ୍ତ ସହଯୋଗ କରିଥଲେ ।

## ବନାଗ୍ନି ପୋଡ଼ି ଗଲା ଶହ ଶହ ୟୁକାଲିପଟାସ ଗଛ

ପାଟଣା ୧୭/୩(ନି.ପ୍ର): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ବଡ଼ ପାଟଣା ପଞ୍ଚାୟତର ସ୍ୱାମ ମୁଣ୍ଡା ସାହି ନିକଟରେ ଥିବା ଏକ ୟୁକାଲିପଟାସ ଓ ଆକାଶିଆ ଜଙ୍ଗଲରେ କେହି ଦୃର୍ବୃତ୍ତ ଆଜି ଦିନ ୧ ଟା ସମୟରେ ନିଆଁ ଲଗାଇ ଦେବାରୁ ଶହ ଶହ ଗଛ ପୋଡି ଯାଇଛି ।ଏବେ ଗଛ ମୂଳେ ଶୁଖିଲା ପତ୍ର ପଡି ଥିବାରୁ ନିଆଁ ସଙ୍ଗେ ସଙ୍ଗେ ଚାରିଆଡେ ବ୍ୟାପି ଯାଇଥିଲା।ଏହି ସମୟରେ କେନ୍ଦୁଝର ରୁ ପାଟଣା ଫେରୁଥିବା ଗଣମାଧ୍ୟମ ପ୍ରତିନିଧି ଦଶରଥ ବାରିକ୍ ସେଠାରେ ପହଞ୍ଚି ନିଆଁ ଲାଗିଥିବା ଦେଖି ୧୧୨ ରେ କଲ କରି ଜଣାଇଥିଲେ ମଧ୍ୟ ଦମକଳ ପାଖରେ ନଥିବାରୁ ସଙ୍ଗେ ସଙ୍ଗେ ପାଟଣା ବନପାଳ କୁ ଫୋନ କରି ଜଣାଇଥିଲେ । ଖବର ପାଇ ବନ କର୍ମଚାରୀ ଅଟଳ ବିହାରୀ ସେଠୀ ,ସଞ୍ଜୟ ମହାନ୍ତ, କାର୍ତ୍ତିକ ମହାନ୍ତ ମୁରଲୀଧର ମହାନ୍ତ ,ଉମେଶ ମହାନ୍ତ, ଭାସ୍କର ନାଏକ, ପହଞ୍ଚି ନିଆଁ କୁ ଲିଭାଇ ପାଇଁ ଚେଷ୍ଟା କରି ବିଫଳ ହୋଇଥିଲେ। ପୁନର୍ବାର ୧୧୨ ରେ କଲ କରିବା ପରେ ସାହାରପଡା ଅଗ୍ନିଶମ ବାହିନୀ ପହଞ୍ଚି ନିଆଁ କୁ ଆୟତ୍ତ କରିବାରେ ସଫଳ ହୋଇଥିଲେ।

## ନୂତନ ପ୍ରଜାତିର ଆରିଅସୋମା ତାମିଲିକମ ମାଛ ଚିହ୍ନଟ



ବ୍ରହ୍ମପୁର ୧୭/୩(ନି.ପ୍ର): ଗୋପାଳପୁର ଭାରତୀୟ ପ୍ରାଣୀ ସର୍ଭେକ୍ଷଣ କେନ୍ଦ୍ର ଏବଂ କେରଳା ସ୍ଥିତ ନ୍ୟାସନାଲ ବ୍ୟୁରୋ ଅଫ ଫିସ ଜେନେଟିକ ରିସୋରସେସ ମିଳିତ ସହଯୋଗରେ ନୂତନ ପ୍ରଜାତିର ମାଛ ଆରିଅସୋମା ତାମିଲିକମ ଚିହ୍ନଟ ହୋଇଛି । ଏହି ମାଛକୁ ଆରିଅସୋମା ବଂଶର ଏକ ନୂତନ କୋଚିଆ ପ୍ରଜାତିର ତାମିଲନାଡୁ ଏବଂ କେରଳା ଉପକୂଳରୁ ଆବିଷ୍କାର କରଯାଇଛି। ଗୋପାଳପୁର ଭାରତୀୟ ପ୍ରାଣୀ ସର୍ଭେକ୍ଷଣ କେନ୍ଦ୍ରର ବୈଜ୍ଞାନିକ ଡ଼ ଅନିଲ ମହାପାତ୍ର କହିଛନ୍ତି ଏହି ନୂତନ ମାଛର ନାମ “ଆରିଅସୋମା ତାମିଲିକମ” ନାମ ରଖାଯାଇଛି କାରଣ ଏହା ତାମିଲନାଡୁ, କେରଳା ଉପକୂଳରୁ ମିଳିଥିବାରୁ ତାମିଲ ଭାଷାକୁ ନେଇ ଏହାର ନାମ କରଣ କରାଯାଇଛି। ଏହି ମାଛଟିକୁ ତାମିଲନାଡୁର ତୁତକୋଡ଼ି ମତ୍ସ୍ୟକେନ୍ଦ୍ର ଠାରେ ୨୦୨୧ ମସିହାରେ କେରଳର ପରମଶିଭମ କୋଡେଶ୍ୱରନଙ୍କୁ ମିଳିଥିଲା। ଏହି ମାଛକୁ ପ୍ରଥମେ କେରଳ ସ୍ଥିତ ନ୍ୟାସନାଲ ବ୍ୟୁରୋ ଅଫ ଫିସ ଜେନେଟିକ ରିସୋରସେସ ସେଣ୍ଟରରେ ପରୀକ୍ଷା ନିରୀକ୍ଷା କରାଯାଇଥିଲା। ପରେ ତାହାର ଅଧିକ ତଥ୍ୟ ସଂଗ୍ରହ ପାଇଁ ଗୋପାଳପୁର ଜେଡ ଏସ ଆଇକୁ ଅଣାଯାଇଥିଲା। ଏଠାରେ ବୈଜ୍ଞାନିକ ଅନିଲ ମହାପାତ୍ର, ବୈଜ୍ଞାନିକ ଥିପ୍ରାମାଲାଇ ଥାଙ୍ଗାପ୍ପାନପିଲାଇ ଅଜିତ କୁମାର, ସ୍ମୃତି ରେଖା ଆଚାର୍ଯ୍ୟ ଏବଂ ପରମସିଭମ୍ କୋଡେଶ୍ୱରନ୍ ମିଳିତରେ ଡ଼ିଏନଏ ଆଦି ଉପରେ ପରୀକ୍ଷା ନିରୀକ୍ଷା କରାଯାଇଥିଲା। ପରେ ଏହି ମାଛଟି ମାଇଟୋକଣ୍ଡ୍ରିଆଲ୍ ଜିନ କ୍ରମରେ ଶତକଡା ୧୩.୪ ଜେନେଟିକ ଭିନ୍ନତା ରହିଥିବାରୁ ଏହାକୁ ନୂତନ ପ୍ରଜାତିର ମାଛ ଭାବେ ଚିହ୍ନଟ ହୋଇଥିଲା। ଏହି ମାଛର ରଙ୍ଗ ଦୁଇ ପ୍ରକାର। ଉପର ଅଂଶଟି କଳା ଏବଂ ତଳ ଅଂଶଟି ଟିକିଏ କଳା ଫିକା ରହିଛି। ଏହା ଏକ ମେରୁଦଣ୍ଡ ପ୍ରାଣୀ ହୋଇ ଥିବାରୁ ମେରୁଦଣ୍ଡରେ ମୋଟ ୧୧୬-୧୨୧ ଟି ଖଣ୍ଡ ହାଡ଼ ରହିଛି। ଏହାର ଲମ୍ବ ୩୦ ସେଣ୍ଟିମିଟର ରହିଛି। ଏହି ମାଛ ବିଷାକ୍ତ ନୁହନ୍ତି। ଏହି ମାଛ ଗୁଡ଼ିକୁ କୁକୁଡ଼ା ଖାଦ୍ୟ ଭାବେ ବ୍ୟବହାର କରାଯାଇଥାଏ। ଏମାନେ ସମୁଦ୍ରର ତଳ ଅଂଶରେ ବସବାସ କରିଥାନ୍ତି। ଆଜି ଏହାର ସମ୍ପୂର୍ଣ୍ଣ ବିବରଣୀ ଅନ୍ତଃଜାତୀୟ ଖ୍ୟାତି ସମ୍ପର୍ଣ୍ଣ ପତ୍ରିକା ଜୁ ଟାକ୍ସା ରେ ପ୍ରକାଶ ପାଇଥିବା ଏବଂ ଅଧିକ ତଥ୍ୟ ସଂଗ୍ରହ କରାଯାଉଥିବା ନେଇ ଜେଡ ଏସ ଆଇର ବୈଜ୍ଞାନିକ ଡ଼. ଅନିଲ ମହାପାତ୍ର କହିଛନ୍ତି।

## କନ୍ଧମାଳ ମହୋତ୍ସବ ପାଇଁ ମଶାଲ ଓ ମାସ୍କଟ ର ଶୁଭାରମ୍ଭ



ବାଲିଗୁଡା ୧୭/୩(ନି.ପ୍ର): କନ୍ଧମାଳ ଜିଲ୍ଲା ସଦର ମହକୁମା ଫୁଲବାଣୀରେ ଚଳିତ ମାସ ମାର୍ଚ୍ଚ ୨୧ ରୁ ୨୫ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ପଲ୍ଲୀଶ୍ରୀ ମେଳା ଓ କନ୍ଧମାଳ ମହୋତ୍ସବ ପରିପ୍ରେକ୍ଷୀରେ ମଶାଲ ଓ ମାସ୍କଟ ର ଶୁଭାରମ୍ଭ ହୋଇଛି । ଆଦିମ ଜନଜାତି କୁଟିଆ ଆଦିବାସୀ ମାନଙ୍କ ଉତ୍ପତ୍ତି ସ୍ଥଳ ତୁମୁଡିବନ୍ଧ ବ୍ଲକ ର ଗୁମା ପଞ୍ଚାୟତ କ୍ରଞ୍ଚା ନିକଟ ଜଙ୍ଗଲ ମଧ୍ୟରେ ରହିଥିବା ସପାଙ୍ଗଡା ରୁ ପୂଜା ପାଠ ହୋଇ ଶୁଭାରମ୍ଭ ହୋଇଛି । କୁଟିଆ ଜନଜାତି ର ରୀତିନୀତି ରେ ଦିଶାରୀ ପୂଜା ପାଠ କରି ଶୁଭାରମ୍ଭ କରିଥିଲା । ମଶାଲ ଓ ମାସ୍କଟ କୁ ସ୍ଥାନୀୟ ପାରମ୍ପରିକ ନାଚ ଗୀତ ଓ ବାଦ୍ୟ ଯନ୍ତ୍ର ମାଧ୍ୟମରେ ସ୍ୱାଗତ କରାଯାଇ ବେଲଘର କୁଟିଆ ଜନଜାତି କାର୍ଯ୍ୟାଳୟ ପର୍ଯ୍ୟନ୍ତ ଆଣିବା ପରେ ତୁମୁଡିବନ୍ଧ, କୋଟଗଡ ଓ ବାଲିଗୁଡା ବ୍ଲକ ରେ ପ୍ରବେଶ କରିଥିଲା। ସ୍ଥାନୀୟ ଆଦିବାସୀ ମହାବିଦ୍ୟାଳୟ ରୁ ସ୍ୱାଗତ କରାଯିବା ସହ ମିନି ଷ୍ଟାଡିୟମ କୁ ଆଣି ରଖାଯାଇଥିଲା କ୍ଷ ପରେ ପରେ କ.ନୂଆଗାଁ ବ୍ଲକ ଧୂଙ୍ଗିଆଦେଇ ଠାକୁରାଣୀଙ୍କ ପାଖରେ ପୂଜା ଅର୍ଚ୍ଚନା ପରେ ବ୍ଲକ ବିଡିଓ ଶୁଭ୍ରାଞ୍ଜଳି ପ୍ରଧାନ, ପଞ୍ଚାୟତ କାର୍ଯ୍ୟ ନିବାହୀ ଅଧିକାରୀ କେଶବ ଚନ୍ଦ୍ର କାମ୍ପୋ, ଶୁଭମ ମହାପାତ୍ର, ନିର୍ବାହୀ ଯନ୍ତ୍ରୀ ପ୍ରକାଶ ଚନ୍ଦ୍ର ସେଠି ଙ୍କ ସମେତ ବ୍ଲକର ସମସ୍ତ ପଞ୍ଚାୟତ ନିର୍ବାହୀ ଅଧିକାରୀ ଓ ଜିଲ୍ଲା ବିଜେପି ସଭାପତି ପଣ୍ଡିତ ବିଶିମାଝି, ବ୍ଲକ ଅଧକ୍ଷା ସୁଲୋଚନା ଦଳବେହେରା ଏବଂ ବିଭିନ୍ନ ଏସଏସଜି ମହିଳା ସଂଗଠକ ସଭ୍ୟା ପ୍ରମୁଖ ଉପସ୍ଥିତ ରହିବା ସହ ପାରମ୍ପରିକ ନୃତ୍ୟ ଡାକୁଲ (ସିଂଘ ନାଚ),ଢୋଲ, ନିଶାନ,ତାସା ସହ ଏକ ବାଇକ ରାଲି କରି ଏକ ରାଲି ଓ ପୂଜାଅର୍ଚ୍ଚନା କରି ବ୍ଲକ ଅଞ୍ଚଳରୁ ବିଦାୟ ନେଇ ଥିବାବେଳେ ଜିଲ୍ଲାର ୧୨ ବ୍ଲକରେ ମଶାଲ ଓ ମାସ୍କଟ ବୁଲିବା ସହ କନ୍ଧମାଳ ମହୋତ୍ସବ ର ବାର୍ତ୍ତା ପହଞ୍ଚାଇବା ସହ କିଭଳି କନ୍ଧମାଳ ମହୋତ୍ସବ ସୁରୁଖୁରୁରେ ଅନୁଷ୍ଠିତ ହୋଇ ଶେଷ ହେବ, ସେ ନେଇ ଶୁଭ ମନାସିଥିଲେଫ ଜିଲ୍ଲାର ୧୨ ବ୍ଲକରେ ମଶାଲ ଓ ମାସ୍କଟ ବୁଲିବା ସହ କନ୍ଧମାଳ ମହୋତ୍ସବ ର ବାର୍ତ୍ତା ପହଞ୍ଚାଇବ ।

## ବେଲଗୁଣ୍ଠା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଜାତୀୟ ସ୍ୱାସ୍ଥ୍ୟ ମିଶନ୍ କାର୍ଯ୍ୟାଳୟରେ ତାଳା ; ଆନ୍ଦୋଳନରେ କର୍ମଚାରୀ ; ରୋଗୀ ହନ୍ତସନ୍ତ

ବେଲଗୁଣ୍ଠା ୧୭/୩(ନି.ପ୍ର): ନିଜର ଦୁଇ ଦଫା ଦାବି ଯଥା କ୍ୟାଡର୍ ପୁନର୍ଗଠନ, ନିୟମିତକରଣ ଏବଂ ଦରମା ଅଭିବୃଦ୍ଧି ନେଇ ସମଗ୍ର ରାଜ୍ୟରେ ଚାରିଦିନ ହେବ ଜାତୀୟ ସ୍ୱାସ୍ଥ୍ୟ ମିଶନ୍ ର କର୍ମଚାରୀମାନେ ଆନ୍ଦୋଳନରେ ବସିଛନ୍ତି । ଏହାର ସିଧାସଳଖ କୁପ୍ରଭାବ ପଡ଼ିଛି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସ୍ୱାସ୍ଥ୍ୟ ସେବା ଉପରେ ଓ ଜାତୀୟ ସ୍ୱାସ୍ଥ୍ୟ ମିଶନ୍ କର୍ମଚାରୀ ସଂଘର ରାଜ୍ୟସଭାପତି ଅନୁରୋଧ ପଣ୍ଡାଙ୍କ ଆହ୍ୱାନ୍ କ୍ରମ ବେଲଗୁଣ୍ଠା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ସମସ୍ତ ଜାତୀୟ ସ୍ୱାସ୍ଥ୍ୟ ମିଶନ୍ ର କର୍ମଚାରୀ ମାନେ ମଧ୍ୟ କାର୍ଯ୍ୟାଳୟରେ ତାଲା ପକାଇ ଆନ୍ଦୋଳନରେ ବସିଛନ୍ତି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ବି.ପି.ଏମ୍, ବି.ଏ.ଏମ୍,ବି.ଡି.ଏମ୍ ଙ୍କ ସମେତ ଟି.ବି,ମ୍ୟାଲେରିଆ ଭଳି ଅନ୍ୟାନ୍ୟ ବିଭାଗର ସମସ୍ତ କର୍ମଚାରୀ ଆନ୍ଦୋଳନରେ ଯୋଗ ଦେଇଥିବା ବେଳେ ବେଲଗୁଣ୍ଠା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱାସ୍ଥ୍ୟସେବାରେ ବିପର୍ଯ୍ୟୟ ସୃଷ୍ଟି ହୋଇଛି। ରୋଗୀମାନେ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସି ନିରାଶରେ ଫେରି ଯାଉଥିବା ଦେଖିବାକୁ ମିଳିଛି । କିନ୍ତୁ ଏଥିପ୍ରତି ସରକାର ଦୃଷ୍ଟି ଦେଉନଥିବା ଯୋଗୁଁ ସଂଘ କ୍ଷୋଭ ପ୍ରକାଶ କରିଛି।

## ପିକକ ପକ୍ଷରୁ ଶିଶୁ ସୁରକ୍ଷା ସମିତି ସଦସ୍ୟ ମାନଙ୍କ ତାଲିମ ଶିବିର

ପାଟଣା ୧୭/୩(ନି.ପ୍ର): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ମୁଖ୍ୟାଳୟ ପିକକ୍ କାର୍ଯ୍ୟାଳୟ ସଭାଗୃହ ଠାରେ ଗ୍ରାମ୍ୟ ଓ ପଞ୍ଚାୟତ ସ୍ତରୀୟ ଶିଶୁ କଲ୍ୟାଣ ଓ ସୁରକ୍ଷା କମିଟିର ସଦସ୍ୟ ମାନଙ୍କ ତାଲିମ ଶିବିର ଆଜି ଅନୁଷ୍ଠିତ ହେଇଯାଇଛି । ପିକକ୍ ର କେନ୍ଦୁଝର ଜିଲ୍ଲା ସଂଯୋଜକ ସତ୍ୟନାରାୟଣ ମହାନ୍ତ ଉପସ୍ଥିତ ଗ୍ରାମ୍ୟ ଓ ପଞ୍ଚାୟତ ସ୍ତରୀୟ ଶିଶୁ କଲ୍ୟାଣ ଓ ସୁରକ୍ଷା କମିଟି ର ସଦସ୍ୟ ମାନଙ୍କର ତାଲିମ ଶିବିର ର ଉଦ୍ଦେଶ୍ୟ ଓ ଏହାର କାର୍ଯ୍ୟକ୍ରମ ଆଦି ବିଷୟରେ କହିଥିଲେ । ଉକ୍ତ ତାଲିମ ଶିବିର ରେ ପାଟଣା ଓ ଘଟଗାଁ ବ୍ଲକ ର ୨୫ ଟି ଗ୍ରାମ ର ଗ୍ରାମ୍ୟ ସ୍ତରୀୟ ଶିଶୁ କଲ୍ୟାଣ କମିଟି ର ପ୍ରାୟ ୫୦ ଜଣ ସଦସ୍ୟ ସଦସ୍ୟା ଯୋଗ ଦେଇଥିଲେ। ଏହି ଅବସର ରେ ପିକକ୍ ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ଅନୁରାଧା ମହାନ୍ତି ଯୋଗଦେଇ ଉପସ୍ଥିତ ଥିବା ଗ୍ରାମ୍ୟ ସ୍ତରୀୟ ଶିଶୁ କଲ୍ୟାଣ କମିଟି ର ସଦସ୍ୟ ଓ ସଦସ୍ୟା ମାନଙ୍କୁ ଶିଶୁ ଅଧିକାର , ବଞ୍ଚିବାର ଅଧିକାର, ବିକାଶ ର ଅଧିକାର , ଶିଶୁ ସୁରକ୍ଷା ର ଅଧିକାର ଓ ଅଂଶଗ୍ରହଣ ର ଅଧିକାର ଆଦି ବିଷୟରେ ସବିଶେଷ ଅବଗତ କରାଇଥିଲେ । ଏହା ସହିତ ଶିଶୁ ସୁରକ୍ଷା ର ବିଭିନ୍ନ ସାମ୍ବିଧାନିକ ବ୍ୟବସ୍ଥା , ପୋକ୍ସୋ ଆଇନ - ୨୦୧୨, ଶିଶୁ ଶ୍ରମିକ ଆଇନ , ବାଲ୍ୟ ବିବାହ ଆଇନ ଓ ଶିଶୁ ଚାଲାଣ ବନ୍ଦ ଆଦି ବିଷୟରେ ମଧ୍ୟ ଅବଗତ କରାଇଥିଲେ । ଏହାପରେ ଶ୍ରୀମତୀ ମହାନ୍ତି ଗ୍ରାମ୍ୟ ଓ ପଞ୍ଚାୟତ ସ୍ତରୀୟ ଶିଶୁ କଲ୍ୟାଣ ଓ ସୁରକ୍ଷା କମିଟିର ଗଠନ, କାର୍ଯ୍ୟ ଓ ଦାୟିତ୍ୱ ବିଷୟରେ ଆଲୋଚନା କରିଥିଲେ । ସଦସ୍ୟ ମାନଙ୍କ ମଧ୍ୟରେ ମିଳିତ ବିଚାର ବିମର୍ଷ ହେଇଥିଲା। ଏହି କାର୍ଯ୍ୟକ୍ରମ ରେ ଉପସ୍ଥିତ ସଦସ୍ୟ ମାନେ ଚାରୋଟି ଦଳ ରେ ଭାଗ ହେଇ ସେମାନେ ବାର୍ଷିକ ଯୋଜନା ପ୍ରସ୍ତୁତ କରି ଏହାକୁ ସମସ୍ତଙ୍କ ସାମ୍ନା ରେ ଉପସ୍ଥାପନା କରିଥିଲେ । ଏହି କାର୍ଯ୍ୟକ୍ରମ କୁ ପିକକ୍ ର ପୂଜା ପଣ୍ଡା , ଝସକେତନ ମହାନ୍ତ , ଦ୍ରୌପଦୀ ବେଜ୍, ସୁନେଲି, ମେଘମାଳା, ସୁଚିତ୍ରା ଓ ଲକ୍ଷ୍ମୀକାନ୍ତ ପ୍ରମୁଖ ପରିଚାଳନା କରିଥିଲେ ।

## ସ୍ୱାସ୍ଥ୍ୟ ସେବାର ଭିତ୍ତିଭୂମି ବିକାଶ ପାଇଁ ଦାବିକଲେ ଆସିକା ସାଂସଦ

ପୋଲସରା/ବୁଗୁଡା ୧୭/୩(ନି.ପ୍ର): ଗଞ୍ଜାମ ଜିଲ୍ଲାର ଆସିକା ସଂସଦୀୟ କ୍ଷେତ୍ରରେ ସ୍ୱାସ୍ଥ୍ୟ ସେବାର ଭିତ୍ତିଭୂମି ବିକାଶ ପାଇଁ ସ୍ୱତନ୍ତ୍ର କେନ୍ଦ୍ରୀୟ ଅନୁଦାନ ପାଇଁ ସଂସଦରେ ଦାବୀ କରିଛନ୍ତି ଆସିକା ସାଂସଦ ଅନୀତା ଶୁଭଦର୍ଶିନୀ ପଟ୍ଟନାୟକ। ସଂସଦର ଚଳିତ ଅଧିବେଶନରେ ସ୍ୱାସ୍ଥ୍ୟ ବିଭାଗ ଆଲୋଚନାରେ ଭାଗନେଇ ସେ ଏଥିନିମନ୍ତେ ଦୁଇଶହ କୋଟି ଟଙ୍କାର କେନ୍ଦ୍ରୀୟ ଅନୁଦାନ ଦାବୀ କରିଛନ୍ତି। ନିଜ ସଂସଦୀୟ କ୍ଷେତ୍ରର କିଛି ଅଞ୍ଚଳର ରୋଗୀଙ୍କୁ ସାଧାରଣ ଚିକିତ୍ସା ନିମନ୍ତେ ଶହ ଶହ କିଲୋମିଟର ଦୂର ବ୍ରହ୍ମପୁର ଯିବାକୁ ପଡୁଛି। ବର୍ତ୍ତମାନ ରାଜ୍ୟରେ ଡବଲ ଇଞ୍ଜିନି ସରକାର ଥିବାରୁ ନିଜ ସଂସଦୀୟ କ୍ଷେତ୍ରର ରୋଗୀଙ୍କୁ ଅପାତଃକାଳୀନ ଉନ୍ନତ ସେବା ଉପଲବ୍ଧ କରାଇବାପାଇଁ ନିଜ ସଂସଦୀୟ କ୍ଷେତ୍ରର କେନ୍ଦ୍ର ସ୍ଥଳରେ ଏକ ଅତ୍ୟାଧୁନିକ ନିଦାନକେନ୍ଦ୍ର ନିର୍ମାଣ କରିବା ସହିତ ଆସିକା ସାଂସଦୀୟ କ୍ଷେତ୍ରର ପ୍ରତ୍ୟେକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେରେ ପ୍ରଧାନମନ୍ତ୍ରୀ ଜନଔଷଧି କେନ୍ଦ୍ର ନିର୍ମାଣ କରିବାପାଇଁ ଦାବୀ ରଖିଛନ୍ତି ଆସିକା ସାଂସଦ ଅନୀତା ଶୁଭଦର୍ଶିନୀ ପଟ୍ଟନାୟକ।

## ଦୁଇ କେନାଲ ବନ୍ଧ ରାସ୍ତା ନର୍ମାଣରେ ଅନୀୟମିତତା - ଗ୍ରାମବାସୀଙ୍କ ଅଭିଯୋଗ , ଉଚ୍ଚ ସ୍ତରୀୟ ତଦନ୍ତ ପାଇଁ ଦାବି



ନିଶ୍ଚିନ୍ତକୋଇଲି ୧୭/୩(ନି.ପ୍ର): ଗ୍ରାମାଂଚଳରେ ଗମନାଗମନ ଓ ଚାଷୀମାନଙ୍କ ଚାଷ ଜମିକୁ ସୁଚାରୁ ରୂପେ ପାଣି ଯୋଗାଇ ଦେବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଥିଲା ବେଳେ ବିଭାଗୀୟ କର୍ମଚାରୀ ଓ ଠିକାଦାରଙ୍କ ମନମୁଖୀ ପାଇଁ ଚାଷୀମାନେ ସୁଚାରୁ ରୂପେ ପାଣି ପାଇପାରୁନଥିବା ସହ ଯାତାୟାତରେ ଘୋର ବ୍ୟାଘାତ ସୃଷ୍ଟି ହେଉଛି ବୋଲି ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି । ଅଭିଯୋଗରୁ ପ୍ରକାଶ ଯେ ଚିତ୍ରୋତ୍ପଳା ଓ ମହାନଦୀ ଦ୍ୱୀପାଂଚଳର ଥିବା ଦୁଇଟି କେନାଲ ଯଥା ଚିତ୍ରୋତ୍ପଳା ଦକ୍ଷିଣ ପାର୍ଶ୍ୱ ଓ ଅନ୍ୟଟି ମହାନଦୀର ବାମପାର୍ଶ୍ୱ । ଉଭୟ କେନାଲରୁ ବାବୁଜଙ୍ଗ, ପିଇଁପୁର, ସଫିପୁର, ଉତ୍ତରକୂଳ, ସୁଦାମବତୀ, ଧାରୀବିଲ, ଜୟତଳଙ୍ଗ, ମେହେନ୍ଦିପୁର, ସାହାସପୁରଆଦି ଅଂଚଳର ଚାଷୀମାନେ ପାଣି ପାଇବା ସହ ଯାତାୟାତ ପାଇଁ ଏହି କେନାଲ ବନ୍ଧକୁ ମୁଖ୍ୟ ଭାବରେ ଗ୍ରହଣ କରିଥାଆନ୍ତି । ସୂଚନାଯୋଗ୍ୟ ଯେ ଜଳସଂପଦ ବିଭାଗ ଅଧିନସ୍ଥ ଜୟତଳଙ୍ଗ ମାଇନର କେନାଲ ବନ୍ଧ ରାସ୍ତା (ସଫିପୁରଠାରୁ ପିଁପୁର) ଓ ମେହେନ୍ଦୀପୁର ସବ୍‌ମାଇନର କେନାଲର ପିଁପୁରଠାରୁ ସାସପୁର ରାସ୍ତାର ନବୀକରଣ ପାଇଁ କଟକ ସଦର ବିଧାୟକ ଇଂ. ପ୍ରକାଶ ସେଠୀ ଗତ ଜାନୁୟାରୀ ୧ ତାରିଖରେ ଶିଳାନ୍ୟାସ କରିଥିଲେ । ଶିଳାନ୍ୟାସ ପରେ ଦାୟିତ୍ୱ ନେଇଥିବା ଠିକାଦାର ଦୁଇ ଚାରି ଦିନ ଭିତରେ ଆବଶ୍ୟକ ମୁତାବକ ମେଣ୍ଟାଲ ମୋରମ ନ ପକାଇ କାମ ସାରି ଜାଗା ଛାଡି ପଳାଇଯାଇଛି । କାମ ହେଉଥିବା ସମୟରେ ବିଭାଗୀୟ କର୍ମଚାରୀ କିମ୍ବା କନିଷ୍ଠ ଯନ୍ତ୍ରୀଙ୍କୁ ଦେଖିବାକୁ ମିଳିନଥିଲା । ସ୍ଥାନୀୟ ଲୋକମାନେ ଠିକାଦାରଙ୍କୁ ଅଭିଯୋଗ କଲେ ବି କୌଣସି ସୁଫଳ ମିଳିନଥିଲା କି ବିଭାଗୀୟ କର୍ମଚାରୀଙ୍କୁ ଫୋନ୍ ଯୋଗେ ଅଭିଯୋଗ ଜଣାଇବା ପାଇଁ ଚାହିଁଥିଲେ ବି ଯନ୍ତ୍ରୀ ଫୋନ୍ ଉଠାଇନଥିଲେ । ଫଳରେ ସମଗ୍ର ଅଂଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ବିଭାଗୀୟ ଉଚ୍ଚ ପଦାଧିକାରୀ ସହ କଟକ ଜିଲ୍ଲାପାଳ ଏହି କାର୍ଯ୍ୟର ପୁଙ୍ଖାନୁପୁଙ୍ଖ ତଦନ୍ତ କଲେ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଲୋକଲୋଚନକୁ ଆସିବ ବୋଲି ମତ ପ୍ରକାଶ ପାଇଛି ।

## ବିଭାଗୀୟ ଅଧିକାରୀଙ୍କ ଅବହେଳା -ସେତୁ ମଝିରେ ଗର୍ତ୍ତ



ନିଶ୍ଚିନ୍ତକୋଇଲି ୧୭/୩(ନି.ପ୍ର): ନିଶ୍ଚିନ୍ତକୋଇଲି ଗ୍ରାମ ଉନ୍ନୟନ ବିଭାଗ ଦ୍ୱାରା ନିର୍ମିତ ଚିତ୍ରୋତ୍ପଳା ନଦୀର ସେତୁ ନିର୍ମାଣର ୧ବର୍ଷ ନ ପୁରୁଣୁ ପୋଲର ସ୍ଥାନେ ସ୍ଥାନେ ଗର୍ତ୍ତ ସୃଷ୍ଟି ହେବା ସାଧାରଣରେ ପୋଲର ସ୍ଥାୟିତ୍ୱକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି । ପ୍ରାପ୍ତ ବିବରଣୀରୁ ପ୍ରକାଶ ଯେ ଲୁଣା-ଚିତ୍ରୋତ୍ପଳା ଦ୍ୱୀପାଂଚଳର ନଗସପୁରଠାରେ ଗତ ବିଜେଡି ସରକାରଙ୍କ ସମୟରେ ମାହାଙ୍ଗା ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନାଙ୍କ ଉଦ୍ୟମ ଫଳରେ ନଗସପୁରଠାରେ ଏକ ବିଜୁ ସେତୁ ନିର୍ମାଣ କରାଯାଇଥିଲା । ଏହି ସେତୁ ନଗସପୁର ଓ ବାବୁଜଙ୍ଗ ପଂଚାୟତକୁ ସଂଯୋଗ କରିବା ଫଳରେ ଜଗତ୍‌ସିଂହପୁର ଓ କଟକ ମଧ୍ୟରେ କଟକ, କେନ୍ଦ୍ରାପଡା, ଯାଜପୁର, ଜଗତସିଂହପୁର ଆଦି ଅଂଚଳ ସହିତ ଯୋଗଯୋଗ ହୋଇପାରୁଥିଲା । ପ୍ରାୟ ୨୫ କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ସେତୁ ତା. ୩.୭.୨୦୨୩ ରେ ସର୍ବସାଧାରଣଙ୍କ ଯାତାୟତ ପାଇଁ ଲୋକାର୍ପଣ କରାଯାଇଥିବା ବେଳେ ଏବେ ପୋଲର ମଝିରେ ମଝିରେ ଗର୍ତ୍ତ ସୃଷ୍ଟି ହୋଇ ରଡ୍ ଦେଖାଯାଉଛି । ମାତ୍ର ୧ ବର୍ଷ ବ୍ୟବଧାନରେ ପୋଲରୁ ରଡ୍ ବାହାରିଯିବା ସାଧାରଣରେ ବିସ୍ମୟ ପ୍ରକାଶ କରିଛି । ସୂଚନାଯୋଗ୍ୟ ଯେ ନିଶ୍ଚିନ୍ତକୋଇଲି ଗ୍ରାମ୍ୟ ଉନ୍ନୟନ ବିଭାଗରେ ସ୍ଥାୟୀ ସହକାରୀ ଯନ୍ତ୍ରୀ ନଥିବା ସାଙ୍ଗକୁ କନିଷ୍ଠ ଯନ୍ତ୍ରୀ ଦୀର୍ଘଦିନ ହେଲା ରହି ରାଜନୈତିକ ନେତାଙ୍କ ହାତବାରିଶି ସାଜି କୌଣସି କାମକୁ ସଠିକ୍ ଭାବରେ ଦେଖାଶୁଣା କରୁନଥିବା ଅଭିଯୋଗ ହୋଇଛି । ତତ୍ପରେ ପୋଲ ତିଆରି ସମୟରେ ରଡ୍ ଓ ଗୋଲା ସିମେ☐ ମାନ ପରୀକ୍ଷା ପାଇଁ ସ୍ୱତନ୍ତ୍ର ବିଭାଗ ସରକାରଙ୍କର ଥିଲେ ମଧ୍ୟ ବିଭାଗୀୟ ଅଧିକାରୀ ନିର୍ମାଣ ସମୟରେ ଉପସ୍ଥିତ ଥିଲେ ନା ନାହିଁ । ଏହି ପୋଲଟିର ମଝିରେ ଯେଉଁ ଗର୍ତ୍ତ ସୃଷ୍ଟି ହୋଇଛି ସେଥିପାଇଁ ମାନ ନିର୍ଦ୍ଧାରଣ ବିଭାଗ ନା ଗ୍ରାମ ଉନ୍ନୟନ ବିଭାଗ ଦାୟୀ ରହିବେ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

## ହାଟବନ୍ଧଠାରେ ରାଇରଙ୍ଗପୁର ପୋଷ୍ଟାଲ ଡିଭିଜନର ମୁକ୍ତାକାଶ ଶିବିର ଅନୁଷ୍ଠିତ

ମୟୂରଭଞ୍ଜ ୧୭/୩(ନି.ପ୍ର): ରାଇରଙ୍ଗପୁରସ୍ଥ ହାଟବନ୍ଧଠାରେ ରାଇରଙ୍ଗପୁର ପୋଷ୍ଟାଲ୍ ଡିଭିଜନ ପକ୍ଷରୁ ଭିନ୍ନ ପ୍ରକାର ଖୋଲା ଆକାଶ ତଳେ ମୁକ୍ତାକାଶ ସୁଭଦ୍ରା ଦେୟ ଶିବିର ଆୟୋଜନ କରାଯାଇଛି । ବୁଧବାର ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୪ ଘଟିକା ପର୍ଯ୍ୟନ୍ତ ଏହି କାର୍ଯକ୍ରମ ଚାଲିଥିଲା । ମୁକ୍ତାକାଶ ଶିବିରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଭାଇ ଏବଂ ଭାଉଜ ମଧ୍ୟ ସାମିଲ ହୋଇ ନିଜ ନିଜ ଆକାଉଣ୍ଟ ଖୋଲିଥିଲେ। ଏତତ୍ ବ୍ୟତୀତ ମୟୂରଭଞ୍ଜ ସାଂସଦଙ୍କ ବିଧବା ଭାଉଜ ହୀରାମଣି ମାରାଣ୍ଡି ମଧ୍ୟ ନିଜ ସୁଭଦ୍ରା ପ୍ରାପ୍ୟ ଗ୍ରହଣ କରିଥିଲେ ।କାର୍ଯ୍ୟକ୍ରମରେ ରାଇରଙ୍ଗପୁର ପୋଷ୍ଟାଲ ଡିଭିଜନର ସୁପରିଟେଣ୍ଡେଣ୍ଟ ଗୌରାଙ୍ଗ ବେହେରା, ଆଇପିବିଏମ ମ୍ୟାନେଜର ଜଗଜିତ ମହାନ୍ତ,ଅତିରିକ୍ତ ସୁପରିଟେଣ୍ଡେଣ୍ଟ ଟିକିନ କୁମାର ଦେବତା ,ରାଇରଙ୍ଗପୁର ପୋଷ୍ଟମାଷ୍ଟର ରାମେଶ୍ୱର ହେମ୍ବ୍ରମ ,ବେଣୁଧର ମଣ୍ଡଳ ଡିଓ ,ଭୁବନେଶ୍ୱର ସୁରେନ୍ଦ୍ର କୁମାର ଡିପିଏମ,ବିଷ୍ଣୁ ଚରଣ ନାୟକ,ରଜତ କୁମାର ନାୟକ, ଆଇପିବିଏମର ସସ୍ମିତା ନାୟକ, ଲହିତ୍ ମହାନ୍ତ,ମୃତ୍ୟୁଞ୍ଜୟ ମହାପାତ୍ର,ବାପୁନ୍ ସୋରେନ,ସେକ ମହସିନ ହୁସେନ ଧରିତ୍ରୀ ମୁର୍ମୁଙ୍କ ସମେତ ରାଇରଙ୍ଗପୁର ପୋଷ୍ଟ ଫୋରମ୍‌ର ସକ୍ରିୟ ସଦସ୍ୟ ତଥା ସମାଜ ସେବୀ ସୁରଥ କୁମାର ପଟ୍ଟନାୟକ, ଆଇନଜୀବୀ ସୁଧାଂଶୁ ମହାନ୍ତ,ରଞ୍ଜିତା ମହାନ୍ତ ତଥା ବିଜେପି ଜିଲ୍ଲା ନାରୀନେତ୍ରୀ ସୋନାଲି ବିଜୟଲକ୍ଷ୍ମୀ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ ।

## ବନ୍ଧୁକ ମୁନରେ ଲୁଟ ଘଟଣା,: ଗିରଫ ହେଲେ ୫ ଡକାୟତ: ସୁନା ରୂପା ଅଳଙ୍କାର,ଟଙ୍କା ସମେତ ବହୁ ସାମଗ୍ରୀ ଜବତ

ବାଲିଗୁଡା ୧୭/୩(ନି.ପ୍ର): କନ୍ଧମାଳ ଜିଲା ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ ତୁମୁଡ଼ିବନ୍ଧ ଥାନା ଅଞ୍ଚଳରେ ଦୀର୍ଘ ଦୁଇ ମାସ ଧରି ଆତଙ୍କ ଖେଳାଇଥିବା କୁଖ୍ୟାତ ଡକାୟତ ଗ୍ୟାଙ୍ଗକୁ ଗିରଫ କରିଛି ତୁମୁଡ଼ିବନ୍ଧ ପୋଲିସ। ତୁମୁଡ଼ିବନ୍ଧ ଥାନା ଅଞ୍ଚଳରେ ଏହି ଡକାୟତ ଗ୍ୟାଙ୍ଗ ମାସ୍କ ପିନ୍ଧି ବନ୍ଧୁକ ମୁନରେ ଡକାୟତି କରିବା ସହ ଭୁଜାଲି ଦେଖାଇ ଆତଙ୍କ ଖେଳାଇ ଠିକାଦାର ଓ ବ୍ୟବସାୟୀ ଘରେ ପଶି ଡକାୟତି କରୁଥିଲେ। ଏହି କୁଖ୍ୟାତ ଡକାୟତ ଗ୍ୟାଙ୍ଗର ମୋଟ୍ ? ପାଞ୍ଚ ଜଣ ଦୁର୍ଦ୍ଧାନ୍ତ ଡକାୟତଙ୍କୁ ଗିରଫ କରିବାରେ ସଫଳ ହୋଇଛି ପୋଲିସ। ଏହି ପାଞ୍ଚ ଜଣିଆ ଗ୍ୟାଙ୍ଗ ତୁମୁଡିବନ୍ଧ ଅଞ୍ଚଳରେ ମାସ୍କ ପିନ୍ଧି ଭୁଜାଲି ଓ ବନ୍ଧୁକ ମୁଣ୍ଡରେ ରଖି ଡକାୟତି କରିବା ପରେ ମୁନିଗୁଡ଼ା ଅଞ୍ଚଳର ବିଭିନ୍ନ ଜଙ୍ଗଲରେ ଯାଇ ଆତ୍ମଗୋପନ କରୁଥିଲେ। ତେବେ କୋଟଗଡ଼ରୁ ଏହି ଗ୍ୟାଙ୍ଗ ମୁନିଗୁଡ଼ା ଯାଉଥିବା ସମୟରେ ପୋଲିସ କାବୁ କରି ଗିରଫ କରିଥିବା ନେଇ ବାଲିଗୁଡା ଏସ୍ ?ଡିପିଓ ରମେନ୍ଦ୍ର ପ୍ରସାଦ ସୂଚନା ଦେଇଛନ୍ତି । ଏହି ପାଞ୍ଚ ଡକାୟତଙ୍କଠାରୁ ୧୫୦ ଗ୍ରାମ ସୁନା ଅଳଙ୍କାର, ୧୬ଗ୍ରାମ ରୁପା ଅଳଙ୍କାର ସମେତ ନଗଦ ୩୩୩୦୦ ଟଙ୍କା, ଦୁଇଟି ମୋବାଇଲ ଓ ପାଞ୍ଚଟି କଳା ମାସ୍କ ଜବତ କରିଛି ତୁମୁଡିବନ୍ଧ ପୋଲିସ। ଗିରଫ ୫ ଅଭିଯୁକ୍ତଙ୍କ ନାଁରେ ପୂର୍ବରୁ ମଧ୍ୟ ଚୋରି ଡକାୟତି ନେଇ ବିଭିନ୍ନ ଥାନାରେ ମାମଲା ରହିଥିବା ମଧ୍ୟ କହିଛନ୍ତି ବାଲିଗୁଡ଼ା ଏସ୍ ?ଡିପିଓ ରମେନ୍ଦ୍ର ପ୍ରସାଦ। ଗିରଫ ୫ ଅଭିଯୁକ୍ତ ହେଲେ ତୁମୁଡ଼ିବନ୍ଧ ଥାନା ମାଲିପଡ଼ାର ପ୍ରିୟରଞ୍ଜନ ମଣ୍ଡଳ, ମୋତିରାମ ପରାସେଠ୍ ?, ବୁଢ଼ାପଡାର ପିଙ୍କୁ ନାୟକ, ଶଗଡ଼ିଆ ସାହିର ରିଚାର୍ଡ ନାୟକ ଓ ଦାରିଙ୍ଗିବାଡ଼ି ଥାନା କୁପିବାଡ଼ିର ଜନକ ନାୟକ। ତେବେ ଗିରଫ ୫ ଅଭିଯୁକ୍ତଙ୍କ ବହୁତ ବଡ଼ ନେଟ୍ ?ୱର୍କ ରହିଥିବା ବେଳେ ଏହି ଗ୍ୟାଙ୍ଗରେ ଆଉ କେହି ସାମିଲ ରହିଛି ସେ ନେଇ ଅଧିକ ତଦନ୍ତ ଜାରି ରହିଥିବା କହିଛନ୍ତି ବାଲିଗୁଡ଼ା ଏସ୍ ?ଡିପିଓ ରମେନ୍ଦ୍ର ପ୍ରସାଦ।

# କୋଟପାଡ଼ର ସର୍ବପୁରାତନ ବିଦ୍ୟାଳୟରେ ଚଳିତବର୍ଷଠାରୁ ସହଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ ହେବ

କୋଟପାଡ **୧୭/୩(ନି.ପ୍ର):** ବିଦ୍ୟାଳୟ ବିଦ୍ୟାର ସୁମଧୁର ପୀୟୂଷ ବାଣ୍ଟେ, ଏହା ଅଲିଭା ଜ୍ଞାନଶିଖାର ଏକ ପବିତ୍ର ପୀଠ। କୋମଳମତି ଶିଶୁ ମାନସରେ ଭରିଦିଏ ମୁଠା ମୁଠା ଆଦର୍ଶର ଫୁଆରା, ସଜାଏ ଅନେକଙ୍କୁ ଜ୍ଞାନାକାଶର ଧ୍ରୁବତାରା, ସୃଷ୍ଟିକରେ ଆରୁଣି, ଉପମନ୍ୟୁ, ନଚିକେତା, ସ୍ୱାମୀ ବିବେକାନନ୍ଦ, ଛତ୍ରପତି ଶିବାଜୀଙ୍କ ଭଳି ବିଦ୍ୟାର୍ଥୀଙ୍କୁ। ବିଦ୍ୟାଳୟ ନିରବଚ୍ଛିନ୍ନ ସାଧନାର ପରିପ୍ରକାଶ କରି ଅନେକ ଯଶ ,ସମ୍ମାନ ,ଗୌରବ ,ଖ୍ୟାତି ତଥା ସଫଳତା ଅସଫଳତାର ଫେଣ୍ଟାଫେଣ୍ଟି ରୂପକୁ ସୂଚୀପତ୍ର ରୂପେ ବହନ କରେ ।ତାହାରି ସ୍ପର୍ଶରେ ପ୍ରଜ୍ୱଳିତ ହୁଏ ଶତ ସହସ୍ର ପ୍ରଜ୍ଞା ପ୍ରଦୀପ,ତାହାରି କାଉଁରୀ ସ୍ପର୍ଶେ ସୃଷ୍ଟି ହୁଏ ସମାଜର ଅନେକ କଲ୍ୟାଣକାରୀ ବ୍ୟକ୍ତିତ୍ୱ,ଭରିଦିଏ ସମାଜ ମୁଖେ ଶତ ସହସ୍ର ଉଦ୍ଦୀପନାର ସ୍ୱର, ମୁଠା ମୁଠା ହସର ଅବିର। ଆଜି ଆମେ ଆଲୋଚନା କରୁଛୁ କୋଟପାଡ଼ ଅଞ୍ଚଳର ସର୍ବ ପୁରାତନ ବିଦ୍ୟାଳୟ ମଧ୍ୟରୁ ବିରଳତମ ହୀରା ସରକାରୀ ଉଚ୍ଚ ବିଦ୍ୟାଳୟ, କୋଟପାଡ଼। ଏହା ୧୯୪୪ମସିହା ରେ ନିର୍ମିତ ହେଇଥିଲା ଏବଂ ଏହା ସ୍ୱାଧୀନତା ପୂର୍ବର ଅନେକ ଜୀବନ୍ତ ସାକ୍ଷ୍ୟ ବହନ କରେ ଯାହା ଏଯାବତ୍ ବର୍ଷୀୟାନ ଲୋକମାନଙ୍କ ସ୍ମୃତିରେ ଉଜ୍ଜିବୀତ। ଏହି ବିଦ୍ୟାଳୟ ସହିତ ଜଡିତ ରହିଛି ସମସ୍ତ କୋଟପାଡ଼ ଅଞ୍ଚଳର ବ୍ୟକ୍ତି ବିଶେଷଙ୍କର ବହୁତ ଗୁଡ଼ିଏ ମନଛୁଆଁ ଅନୁଭୂତି ।ସହସ୍ରାଧିକ ସଂଖ୍ୟାରେ ଏହି ବିଦ୍ୟାଳୟ ବଳିଷ୍ଠ ବ୍ୟକ୍ତିତ୍ୱ ସହ ଆଦର୍ଶ ନାଗରିକ ତିଆରି କରିଛି ଏବଂ ମାତୃଭୂମି ଓଡିଶା ତଥା ଭାରତ ଜନନୀର ମାନବ ସମ୍ବଳ ବିକାଶ ଦିଗରେ ନିଜ ଯୋଗଦାନ ଏଯାବତ୍ ଜାରି ରଖିବାରେ କୌଣସି ମତେ ଥକି ଯାଇନାହିଁ। ଏହି ବିଦ୍ୟାଳୟ ପାଇଁ କୋଟପାଡ଼ ଅଞ୍ଚଳର ସର୍ବାଙ୍ଗୀନ ଉନ୍ନତି ଓ ସାମାଜିକ ବିକାଶ ଧାରାରେ ପରିବର୍ତ୍ତନର ଶଙ୍ଖନାଦ ଗୁଞ୍ଜରିତ ହୋଇଛି ,ସତେ ଯେପରି ପ୍ରତୀୟମାନ ହୁଏ ଏହା ପିଢ଼ି ପରେ ପିଢ଼ି ସମସ୍ତଙ୍କୁ ହାତ ଧରି ଶିକ୍ଷାର ଅଲିଭା ଜ୍ୟୋତି ସହ ପରିଚିତ କରାଇବା ସହ ବଡ଼ ନୁହେଁ ବରଂ ଭଲ ତଥା ଆଦର୍ଶ ମଣିଷ ହୋଇ ମାଟି ନିମନ୍ତେ ଅନେକ କିଛି କରିଯିବାକୁ ବଦ୍ଧପରିକର ହେବା ଭଳି ନାଗରିକ ନିର୍ମାଣ କରିଛି। ସରକାରୀ ଉଚ୍ଚ ବିଦ୍ୟାଳୟ କୋଟପାଡ଼ ଆଜି ଅଜସ୍ର ବାଇମୁଣ୍ଡି ତିଆରି କରିଛି ଯାହାର ଚିନ୍ତା ଚେତନାରେ କୋଟପାଡ଼ ମାଟିର ପୂର୍ଣ୍ଣାଙ୍ଗ ବିକାଶ ସହ ମାଟିର ଗର୍ବ ଓ ଗୌରବର ଗାଥା ଝଙ୍କୃତ ହୋଇଛି ,ମାଟିର ଅଧିଷ୍ଠାତ୍ରୀ ଦେବୀ ମାଆ ମାଉଳିଙ୍କ ଅପାର କରୁଣାରୁ ଏବଂ ଗ୍ରାମଦେବୀ ମାଆ ଶୀତଳାଙ୍କ ଅଖଣ୍ଡ ଆଶିର୍ବାଦ ରୁ ଏହି ଧାରା ଆଗକୁ ମଧ୍ୟ ତ୍ୱରାନ୍ୱିତ ହେବ ବୋଲି ସର୍ବସାଧାରଣରେ ଆଲୋଚ୍ୟ ବିଷୟବସ୍ତୁ ପାଲଟିଛି ।ସରକାରୀ ଉଚ୍ଚ ବିଦ୍ୟାଳୟର ଇତିହାସରେ ଆଉ ଗୋଟିଏ ସ୍ୱର୍ଣୀମ ଅଧ୍ୟାୟ ଯୋଡ଼ି ହୋଇଛି । ବର୍ତ୍ତମାନ ବିଦ୍ୟାଳୟର ନାମ ପରିବର୍ତ୍ତନ




ହୋଇ ' ପି.ଏମ. ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ' ନାମ ଗ୍ରହଣ କରିଛି। ଆଗରୁ ଏଠାରେ କେବଳ ବାଳକ ମାନଙ୍କୁ ପାଠ ପଢିବା ପାଇଁ ସୁଯୋଗ ମିଳୁଥିଲା, ହେଲେ ଶିକ୍ଷାବର୍ଷ ୨୦୨୫-୨୬ ରୁ ଉଭୟ ବାଳକ ଓ ବାଳିକା ଏହି ବିଦ୍ୟାଳୟ ରେ ନାମଲେଖାଇ ପଢ଼ି ପାରିବେ। ପ୍ରଥମ ରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଏହି ବିଦ୍ୟାଳୟରେ ପଢା ସୁବିଧା ସହ ଛାତ୍ରଛାତ୍ରୀ ମାନେ ବିବିଧ ସୁବିଧା ଓ ସୁଯୋଗର ଲାଭବାନ ହୋଇପାରିବେ। ଯୋଗ୍ୟ ଓ ଅନୁଭବୀ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କ ଅନୁଧ୍ୟାନରେ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ, ରେଡକ୍ରସ୍, ଇକୋ କ୍ଲବ, ଶକ୍ତି କ୍ଲବ, ବିଜ୍ଞାନ ଓ ଗଣିତ କ୍ଲବ ପରି କୁଶଳୀ ତଥା ବହୁମୁଖି ପ୍ରତିଭାର ଧନୀ ବ୍ୟକ୍ତିତ୍ୱ ନିର୍ମାଣ ସକାଶେ ବିଭିନ୍ନ ପ୍ରକାରର ସହାୟକ ଶିକ୍ଷା ଗ୍ରହଣର ଲାଭ ପାଇପାରିବେ ।ବିଦ୍ୟାଳୟରେ ରହିଛି ସମସ୍ତ ପ୍ରକାରର ଶିକ୍ଷଣ ସୁବିଧା ଯେମିତି ଅତ୍ୟାଧୁନିକ କମ୍ପ୍ୟୁଟର ଲ୍ୟାବ, ବିଜ୍ଞାନ ପରୀକ୍ଷାଗାର, ପାଞ୍ଚ ହଜାର ରୁ ଉର୍ଦ୍ଧ୍ୱ ପୁସ୍ତକ ଥିବା ପୁସ୍ତକାଳୟ, ଶରୀର ଓ ସ୍ୱାସ୍ଥ୍ୟକୁ ସଠିକ୍ ରଖିବା ପାଇଁ ଭଲିବଲ୍ ପଡ଼ିଆ, ବାସ୍କେଟ୍ ବଲ୍ ପଡ଼ିଆ, ହକି ଓ ଫୁଟବଲ୍ ପଡ଼ିଆ। ସ୍ମାର୍ଟ ଶ୍ରେଣୀଗୃହ ଓ ଛାତ୍ର ଛାତ୍ରୀଙ୍କ ସୁରକ୍ଷା ନିମନ୍ତେ ଲାଗିଛି ସିସି ଟିଭି କ୍ୟାମେରା । ଏତଦ ବ୍ୟତୀତ ବିଦ୍ୟାଳୟର ପରିବେଶ ବହୁତ୍ ସ୍ୱଚ୍ଛ ଓ ସୁନ୍ଦର, ଆଭ୍ୟନ୍ତରୀଣ ବଗିଚାରେ ଅଛି କଦଳୀ ବଣ, ନାନା ପ୍ରକାରର ଫୁଲଗଛ ଓ ସେଠାରୁ ମହକି ଉଠେ ମନଲୋଭା ବାସନା। ବିଦ୍ୟାଳୟ ପରିସର ମଧ୍ୟରେ ଔଷଧୀୟ ବୃକ୍ଷ ବଗିଚା ମଧ୍ୟ ଶୋଭା ବଢ଼ାଉଛି । ବିଦ୍ୟାଳୟରେ ବିଗତ ବର୍ଷ ତଥା ଚଳିତ ବର୍ଷର କିଛି ଗୌରବ ମାନଙ୍କ ମଧ୍ୟରେ ରାଷ୍ଟ୍ରୀୟ ଓ ରାଜ୍ୟସ୍ତରୀୟ ବିଜ୍ଞାନମେଳାରେ ପୁରସ୍କୃତ ହେବା, ରାଷ୍ଟ୍ରୀୟ ଓ ରାଜ୍ୟସ୍ତରୀୟ ଖେଳ ପ୍ରତିଯୋଗିତାରେ ସଫଳତାର ସହ ଅଂଶଗ୍ରହଣ କରି ପୁରସ୍କୃତ ହେବା, ରାଜ୍ୟ ସ୍ତରୀୟ ସୁରଭି କାର୍ଯକ୍ରମରେ ଗୌରବ ରଖିବା, ଜିଲ୍ଲା ସ୍ତରୀୟ ରେଡ୍ କ୍ରସ କ୍ୟାମ୍ପ୍ ସଫଳର ସହିତ ଆୟୋଜନ କରିବା, ଓ ବିଭିନ୍ନ ଜିଲ୍ଲା ସ୍ତରୀୟ ତଥା ରାଜ୍ୟ ସ୍ତରୀୟ ପୁରସ୍କାର ପ୍ରାପ୍ତ କରିବା ଅଟେ। ଏହି ବିଦ୍ୟାଳୟ ଆମ କୋଟପାଡ଼ କୁ ଜିଲ୍ଲା, ରାଜ୍ୟ ତଥା ଦେଶର ବିଭିନ୍ନ ସ୍ଥାନରେ ସମ୍ମାନିତ କରିଛି। ଆଗକୁ ମଧ୍ୟ ଏହି ରୂପେ ପି.ଏମ୍. ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ କୋଟପାଡ଼ ନିମନ୍ତେ ଆହୁରି ସମ୍ମାନ୍ ଓ ଗୌରବ ସାଉଣ୍ଟିବ ବୋଲି ଆଶା । କୋଟପାଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦ ମଧ୍ୟରେ କେବଳ ଗୋଟିଏ ମାତ୍ର ବିଦ୍ୟାଳୟକୁ ଏହି 'ପି.ଏମ୍. ଶ୍ରୀ ବିଦ୍ୟାଳୟ' ଭାବରେ ପରିଗଣିତ କରା ଯାଇଛି, ପୂର୍ବରୁ ଜିଲ୍ଲାରେ ପି.ଏମ୍. ଶ୍ରୀ ଜବାହର ନବୋଦୟ ବିଦ୍ୟାଳୟ ଏବଂ ପି.ଏମ୍. ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ରହିଛି ।ଏହି ଜ୍ଞାନ ମନ୍ଦିରରୁ ସେବାର୍ଥି ହୋଇ ଯାଇଥିବା ଅଗଣିତ ଶିକ୍ଷା କୋଣାର୍କର ଶିବେଇ ସାମନ୍ତରା ଏବଂ ଧରମାଙ୍କୁ ଆଜି ମଧ୍ୟ ବିଦ୍ୟାଳୟ ମନେ ପକାଏ ।ଏହି ବିଦ୍ୟାଳୟ ସଜେଇଛି ଅନେକଙ୍କୁ ବିକାଶ ବିପ୍ଳବର ବାଇମୁଣ୍ଡି, ଜ୍ଞାନ ଗଙ୍ଗୋତ୍ରୀର ଭଗିରଥି ।ଗୁଣଗାନ କରେ ଏକତା ଓ ସମଭାବପନ୍ନତାକୁ ଏଯାବତ୍ ବାନ୍ଧି ରଖିଥିବା ସମସ୍ତ ମେରୁଖୁଣ୍ଟଙ୍କ ନିମନ୍ତେ ଯାହାଙ୍କ ଶ୍ରମ, ସଂକଳ୍ପ ଓ ସିଦ୍ଧିର ଲୋକଗୀତି ମୁକ୍ତ କଣ୍ଠେ ଗାଇଚାଲେ ।ଆପଣ ମାନଙ୍କ ସ୍ନେହ,ଭଲପାଇବା,ମୁଠାଏ ସମ୍ମାନ ଏବଂ ଅଜସ୍ର ଶୁଭକାମନା ଆଶା ରଖେ ଏହି ପିଏମ ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ,କୋଟପାଡ଼।

## ପତାକା ଉପ୍ରା ବିଦ୍ୟାଳୟ ରେ ବାର୍ଷିକ ଉତ୍ସବ ଅନୁଷ୍ଠିତ



ଆଠମଲ୍ଲିକ **୧୭/୩(ନି.ପ୍ର):** ଆଠମଲ୍ଲିକ ବ୍ଲକ ଅନ୍ତର୍ଗତ ଲୁହା ସିଙ୍ଗା ପଞ୍ଚାୟତ ପତକା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ବାର୍ଷିକ ଉତ୍ସବ ୨୦୨୫ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଅନୁଷ୍ଠିତ ସଭା ରେ ଶିକ୍ଷକ ନରେନ୍ଦ୍ର ମିର୍ଦ୍ଧା ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବରେ ଲୁହା ସିଙ୍ଗା ସରପଞ୍ଚ ସୁଦର୍ଶନ ଗାଇ ଗରିଆ, ମୁଖ୍ୟବକ୍ତା ଭାବରେ ଶିକ୍ଷକ ଛବି ନାରାୟଣ ସିଠ, ସଂମ୍ମାନିତ ଅତିଥି ଭାବେ ଅଏଡା ସେବା ସମବାୟ ସମିତି ର ସମ୍ପାଦକ ପଞ୍ଚାନନ ସାହୁ,ପ୍ରମୋଦ କୁମାର ପ୍ରଧାନ,ଅନ୍ୟତମ ଅତିଥି ଭାବରେ ମାଧବ କୁମାର ମେହେର, ପ୍ରଦୀପ ପ୍ରଧାନ,, ଚୈତନ୍ୟ ମାହାର, ପ୍ରଧାନ ଶିକ୍ଷୟତ୍ରୀ କଳ୍ପନା ମହାକୁଡ଼ ପ୍ରମୁଖ ଯୋଗଦେଇ ଶିକ୍ଷକ ଅଭିଭାବକ ଓ ଛାତ୍ର ଛାତ୍ରୀ ଗୋଟିଏ ସରଳ ରେଖା ରେ କାର୍ଯ୍ୟ କଲେ ଛାତ୍ର ଛାତ୍ରୀ ମାନେ ସଫଳତା ପାଇ ଶୀର୍ଷ ରେ ପହଂଚି ପାରିବେ ବୋଲି ମତବ୍ୟକ୍ତ କରିଥିଲେ। ପ୍ରାରମ୍ଭରେ ଅତିଥି ମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ସଭା କାର୍ଯ୍ୟ କୁ ଆରମ୍ଭ କରାଯାଇଥିଲା । ଏହି ଉପଲକ୍ଷେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତା ର କୃତି ପ୍ରତିଯୋଗୀ ଙ୍କୁ ପୁରସ୍କୃତ କରାଯାଇଥିଲା । ସ୍କୁଲ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ସମାଜ କୁ ବିଭିନ୍ନ ବାର୍ତ୍ତା ଦେଇ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଛାତ୍ର ଛାତ୍ରୀ ଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ ଅତି ଉଚ୍ଚ କୋଟି ର ହେବାରୁ ଦର୍ଶକ ମାନଙ୍କ ମଧ୍ୟରୁ ବହୁ ଦର୍ଶକ ଓ ଅତିଥି ମାନେ ମଧ ପୁରସ୍କୃତ କରିଥିଲେଫ ଶିକ୍ଷକ ବିନୟ କୁମାର ଦଳେଇ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷକ ବୁଦ୍ଧିମାନ ମେହେର, ବିନୟ କୁମାର ଦଳେଇ, ଗୋପାଳ ନାଏକ, ଚୈତନ୍ୟ ନାଏକ ସହଯୋଗ କରିଥିବା ବେଳେ ସାଂସ୍କୃତିକ କାର୍ଯ୍ୟକ୍ରମ କୁ ଶିକ୍ଷକ ମାଧବ କୁମାର ମେହେର ପରିଚାଳନା କରିଥିଲେ। ଶେଷରେ ପ୍ରଧାନ ଶିକ୍ଷୟତ୍ରୀ କଳ୍ପନା ମହାକୁଡ଼ ଧନ୍ୟବାଦ ଅର୍ପଣ କରିଥିଲେ।

## କୁମୁଣ୍ଡି ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ଓ ଆମ ସଂସ୍କୃତି ଆମ ଖେଳନା କାର୍ଯ୍ୟକ୍ରମ

ବେଲଗୁଣ୍ଠା **୧୭/୩(ନି.ପ୍ର):** ବେଲଗୁଣ୍ଠା ବ୍ଲକ କୁମୁଣ୍ଡି ପ୍ରାଥମିକ ବିଦ୍ୟାଳୟରେ ଚଳିତ ବର୍ଷର ବାର୍ଷିକ ଉତ୍ସବ ଏବଂ ଆମ ସଂସ୍କୃତି ଆମ ଖେଳନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ କୃଷ୍ଣ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବେଲଗୁଣ୍ଠା ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଗୋବିନ୍ଦ ଚନ୍ଦ୍ର ପାଢୀ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦ୍ଘାଟନ କରିବା ସହିତ ବାର୍ଷିକ ଉତ୍ସବର ମହତ୍ତ୍ୱ ସମ୍ପର୍କରେ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ସେହିପରି ସମ୍ମାନିତ ଅତିଥି ରୂପେ ଗାଙ୍ଗପୁର ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ମୃତ୍ୟୁଞ୍ଜୟ ପଣ୍ଡା ଯୋଗ ଦେଇ ଆମ ସଂସ୍କୃତି ଆମ ଖେଳନା କାର୍ଯ୍ୟକ୍ରମ ଛାତ୍ରଛାତ୍ରୀଙ୍କ ଶିଳ୍ପୀ ପ୍ରତିଭାକୁ ଜାଗ୍ରତ କରିଥାଏ ବୋଲି ପ୍ରକାଶ କରିଥିଲେ। ଅନ୍ୟତମ ଅତିଥି ରୂପେ ବିଦ୍ୟାଳୟ ପରିଚାଳନା କମିଟିର ପୂର୍ବତନ ଅଧ୍ୟକ୍ଷ ଭିକାରୀ ମହାରଣା ମଞ୍ଚାସୀନ ଥିଲେ । ପ୍ରଧାନ ଶିକ୍ଷକ ଶିଶିର କୁମାର ସ୍ୱାଇଁ ଅତିଥି ସ୍ୱାଗତ କରିବା ସହିତ ବିଦ୍ୟାଳୟର ବାର୍ଷିକ ବିବରଣୀ ପଠନ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶୀତା ପାଇଁ ଅନୁଷ୍ଠାନର କୃତି ଛାତ୍ରଛାତ୍ରୀଙ୍କୁ ପ୍ରଶଂସା ପତ୍ର ଏବଂ ଉପହାର ଦେଇ ଅତିଥି ମାନେ ପୁରସ୍କୃତ କରିଥିଲେ। ବିଦ୍ୟାଳୟର ପ୍ରତ୍ୟେକ କାର୍ଯ୍ୟକ୍ରମରେ ସହଯୋଗ କରୁଥିବା ପୁରାତନ ଛାତ୍ରଛାତ୍ରୀଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା । ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ଦୋଳରେ ବିଜେ ହୋଇ ଗାଁ ଗାଁ ରେ ଭୋଗ ଖାଇଲେ ଠାକୁର

କଣାସ **୧୭/୩(ନି.ପ୍ର):** ପୁରୀ ଜିଲ୍ଲା କଣାସ ବ୍ଲକ ବିଭିନ୍ନ ଗ୍ରାମରେ ଦୋଳରେ ବିଜେ ହୋଇ ଠାକୁର ଭୋଗ ଖିଆ ପର୍ବ ପାଳନ ହୋଇଛି । ପ୍ରତି ଗ୍ରାମରେ ଏହି ଦୋଳ ପୂର୍ଣ୍ଣିମା ପର୍ବ ମହା ଆଡ଼ମ୍ବରରେ ପାଳନ ହୋଇଛି ।ସେହିଭଳି ବର୍ଷକର ଏହି ଦୋଳ ପୂର୍ଣ୍ଣିମା ପର୍ବକୁ ଲୋକମାନେ ଚାହିଁରଥାନ୍ତି ।ଦେଶବିଦେଶରେ ରହିଥିବା ଲୋକମାନେ ଘରକୁ ଫେରିଥାନ୍ତି ।ଗାଁ ଗାଁରେ ଆଧ୍ୟତ୍ମିକ ଚେତନାରେ ପର୍ଯ୍ୟବେସିତ ଏହି ଗଣ ପର୍ବ ଦୋଳଯାତ୍ରା ସାଂସ୍କୃତିକ କାର୍ଯ୍ୟକ୍ରମ ମାନବ ସମାଜକୁ ପ୍ରଭାବିତ କରିଛି ।ଓଡିଆ ଜନଜୀବନରେ ବସନ୍ତ ଋତୁରେ ମହାପ୍ରଭୁ ଶ୍ରୀକୃଷ୍ଣ ଓ ପ୍ରାଣପ୍ରିୟା ରାଧାଙ୍କୁ ଦୋଳ ଶୋଭାଯାତ୍ରାର ଏହି ଉତ୍ସବର ପର୍ବ ପ୍ରତିଟି ଓଡିଆଙ୍କ ପାଇଁ ଅତ୍ୟନ୍ତ ଭାବପୂର୍ଣ୍ଣ ପାର୍ବଣ । ଏହି ଅବସରରେ କଣାସ ବ୍ଲକର ବିଭିନ୍ନ ପୁରପଲ୍ଲୀରେ ଆନନ୍ଦ ଉଲ୍ଲାସ ଓ ରଙ୍ଗ ଅବିରେ ଦୋଳ ପୂର୍ଣ୍ଣିମା ପର୍ବ ପାଳିତ ହୋଇଯାଇଛି । କଣାସ ଅଞ୍ଚଳର ବାବା ନିଳକଣ୍ଠେଶ୍ୱର,ବାବା ବୈଦ୍ୟନାଥ, କପିଳେଶ୍ୱର, ବାଲୁଙ୍କେଶ୍ୱର, ଇସାନେଶ୍ୱର, ଶ୍ରୀଶ୍ରୀ ରାଧାକାନ୍ତ ଦେବ, ଅନନ୍ତ ବାସୁଦେବ,ସିଦ୍ଧେଶ୍ୱର ଦେବ ଦୋଳ ବିମାନରେ ବସି ବାଜା, ବାଣ, ଶଙ୍ଖ, ତୁରୀ, ଆଲଟ, ଚାମ୍ବର ଛତି, ସୁଶୋଭିତ ଫୁଲମାଳ ସହ ଆଲୋକ ମାଳାରେ ସୁସଜ୍ଜିତ ହୋଇ ତଥା ନଦିଆ ସଂକିର୍ତନ ମଣ୍ଡଳୀ ସହିତ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ବିଭିନ୍ନ ଗ୍ରାମ ପରିକ୍ରମା କରି ଦାମୋଦରପୁର, ଗୋଲରା ,ଗଡ଼ସାହି, ବଢ଼ାସ,ବୈଦ୍ୟନାଥ ପାଟଣା,ଦୋକନ୍ଦା, କଣାସ, ଡ଼ିମିରି ,ବେଣାଗାଁ, ଝରଡା, ବିଜିପୁର, ବଡ଼ପୁଟ, ସାନପୁଟ, ହଳଦିଆପଡା,ବେହେଣ୍ଟା ଆଦି ଅନେକ ଗ୍ରାମରେ ଭୋଗ ଖାଇଥାନ୍ତି । ସେହିପରି ଶ୍ରୀ ଶୀରାଧାମୋହନ ଦେବ, ଶ୍ରୀ ଶ୍ରୀପତିତପାବନ ଦେବମଧ୍ୟ ଦୋଳବିମାନରେ ବସି ଗାଁ ପରିକ୍ରମା କରି ଭୋଗ ଖାଇଥିଲେ ।ଓଡ଼ିଶାର ବାର ମାସରେ ତେର ପର୍ବକୁ ଲୋକମାନେ ବେଶ ହସ ଖୁସିରେ ପାଳନ କରିଥାନ୍ତି ।

## ଉପଖଣ୍ଡ ଭତ୍ତା ହିତାଧିକାରୀ ସୁରକ୍ଷା ସମିତି ପକ୍ଷରୁ କାର୍ଯ୍ୟ କାରିଣୀ ବୈଠକ ଓ ନୂତନ କର୍ମକର୍ତ୍ତା ନିର୍ବାଚନ

ବାଲିଗୁଡ଼ା **୧୭/୩(ନି.ପ୍ର):** କନ୍ଧମାଳ ଜିଲ୍ଲା ବାଲିଗୁଡା ସ୍ଥିତ ଗାୟତ୍ରୀ ମନ୍ଦିର କଲ୍ୟାଣ ମଣ୍ଡପ ସଭାଗୃହ ଠାରେ ବାଲିଗୁଡା ଉପଖଣ୍ଡ ଭତ୍ତା ହିତାଧିକାରୀ ସୁରକ୍ଷା ସମିତି ପକ୍ଷରୁ ଏକ କାର୍ଯ୍ୟ କାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଭତ୍ତା ହିତାଧିକାରୀ ମାନଙ୍କ ସୁରକ୍ଷା ଓ ନ୍ୟାର୍ଯ୍ୟ ଦାବୀ ପୂରଣ ସମ୍ପର୍କରେ ଆଲଚନା ହୋଇଥିଲା। ଆମ ରାଜ୍ୟରେ ନୂତନ ସରକାର ଗଠନ ହେବା ପୂର୍ବରୁ ଏକ ହଜାର ଟଙ୍କା ପାଉ ଥିବା ଭତ୍ତା ହିତାଧିକାରୀ ତିନି ହଜାର ଟଙ୍କା ପାଇବେ ବୋଲି ପ୍ରତିଶୃତି ଦେଇଥିଲେ, କିନ୍ତୁ ଏପର୍ଯ୍ୟନ୍ତ ସରକାର ନିଜ ପ୍ରତିଶୃତି ରଖି ନାହାନ୍ତି ଯାହାରି ଫଳରେ ସମସ୍ତ ଙ୍କ ମନରେ ଅସନ୍ତୋଷ ଦେଖା ଦେଇଛି। ସରକାରଙ୍କ ଠାରୁ ପାଉଥିବା ଭତ୍ତା ରାଶି ଦ୍ୱାରା ଗରିବ, ବିଧବା, ଭିନ୍ନକ୍ଷମ, ବାର୍ଦ୍ଧକ୍ୟ, ସ୍ୱାମୀ ପରିତ୍ୟାକ୍ତା ଅସହାୟ ହିତାଧିକାରୀ ମାସ ତମାମ ସୁରୁଖୁରୁ ରେ ଅତି କଷ୍ଟର ସହ ଚଳି ଆସୁଥିବା ସ୍ଥଳେ, ଠିକ ସମୟ ରେ ଭତ୍ତା ନପାଇବା, ଓ ବ୍ୟାଙ୍କ ଦ୍ୱାରା ଭତ୍ତା ପାଉଥିବା ହିତାଧିକାରୀ ବହୁତ କଷ୍ଟ ରେ ଟଙ୍କା ଉଠାଉଛନ୍ତି, ଏବଂ ଅନେକ ସମୟରେ ବ୍ୟାଙ୍କ କର୍ମଚାରୀଙ୍କ ଦୁର୍ବ୍ୟବହାର ଯୋଗୁଁ ଅସନ୍ତୋଷ ପ୍ରକାଶ ପାଉଛି , ସରକାର ମଙ୍ଗଳ ଯୋଜନାରେ ଅସହାୟ ବିଧବା ର ଉପକାର ନିମନ୍ତେ ଯେଉଁ ସହାୟତା ରାଶି ପ୍ରଦାନ କରୁଛନ୍ତି, ତାହା ମଧ ହିତାଧିକାରୀ ଆବେଦନ କରୁଛନ୍ତି ସତ ହେଲେ ବର୍ଷ ବର୍ଷ ଧରି ଉକ୍ତ ଟଙ୍କା ମିଳିବାରେ ବିଳମ୍ବ ହେଉଛି, ଶେଷରେ ନିରାଶ ହୋଇ ନିଜ ଭାଗ୍ୟ କୁ ଆଦରି ରହୁଛନ୍ତି ହିତାଧିକାରୀ। ନୂତନ ଭତ୍ତା ମଞ୍ଜୁର ହେବାରେ ବିଳମ୍ବ ସହ କିଛି ଭତ୍ତାଧାରୀ ଙ୍କ ନୂତନ ଭତ୍ତା ମଞ୍ଜୁର ହୋଇଥିଲେ ସୁଧା ଭତ୍ତା ଧାରୀ ଜାଣିପାରୁ ନାହାନ୍ତି। ଷାଠିଏ ବର୍ଷ ରୁ ଉର୍ଦ୍ଧ ହୋଇଥିଲେ ସୁଧା କାଗଜ ପତ୍ର ର ସଂଶୋଧନ ପ୍ରଶାସନ ଦ୍ୱାରା ସୁବିଧା ମିଳୁନ ଥିବାରୁ ଅନେକ ଯୋଗ୍ୟ ହିତାଧିକାରୀ ସରକାର ଙ୍କ ଭତ୍ତା ଯୋଜନା ରୁ ବଞ୍ଚିତ ହେଉଛନ୍ତି। ଭିନ୍ନକ୍ଷମ, ବିଧବା ମହିଳା ଙ୍କୁ ସ୍ୱତନ୍ତ୍ର ପକ୍କା ଘର ଯେପରି ସୁବିଧାରେ ମିଳି ପାରିବ , ସେ ଦିଗରେ ସରକାର ଗୁରୁତ୍ୱ ଦେବା ନିହାତି ଦରକାର ବୋଲି ସମସ୍ତେ ମତ ପ୍ରକାଶ କରିଥିଲେ କ୍ଷ ପରେ ପରେ ବାଲିଗୁଡା ଉପଖଣ୍ଡ ଭତ୍ତା ହିତାଧିକାରୀ ସୁରକ୍ଷା ସମିତିର ନୂତନ କର୍ମକର୍ତ୍ତା ଗଠନ କରାଯାଇଥିଲା। ଏଥିରେ ସର୍ବସମ୍ମତି କ୍ରମେ ତିନି ଜଣ ଉପଦେଷ୍ଟା ଙ୍କୁ ମନୋନୟନ କରାଯାଇଥିଲା, ସେମାନେ ହେଲେ ରଘୁନାଥ ମଲିକ, ଫିଲିପ କୁମାର ଦିଗାଲ, ଇମାନୁଏଲ ନାୟକ, ସଭାପତି ଭାବେ ପରମାନନ୍ଦ ନାୟକ, ସମ୍ପାଦକ ଭାବେ ସୁରକ୍ଷିତ ନାୟକ, ଉପ ସଭାପତି ଭାବେ ଶ୍ୟାମସନ ନାୟକ, ସୁଲେଶ୍ୱର ବେହେରା ମାଝୀ, ଯୁଗ୍ମ ସମ୍ପାଦକ କୁମଶ୍ରୀ ପ୍ରଧାନ, କୋଷାଧ୍ୟକ୍ଷ ମହେଶ ଦିଗାଲ, କାର୍ଯ୍ୟକାରି ସଦସ୍ୟ ଶାମ ଦିଗାଲ, ଉଦୟ ନାଥ ନାୟକ ଦେବ କୁମାର, ପୂର୍ଣ୍ଣ୮ଚନ୍ଦ୍ର ନାୟକ, ଜଳେଶ୍ୱର ନାୟକ, ବାସୁଦେବ ଦିଗାଲ, ଜିସାୟ ନାୟକ, ଜୁଆନ ପ୍ରଧାନ, ଦୟାନିଧି ଦିଗାଲ, ନାହକା ଦିଗାଲ, ରବୀନ୍ଦ୍ର ବଡ଼ ମାଝୀ, ସୁଶାନ୍ତ ମୁଠା ମାଝୀ, ସିମାଞ୍ଚଳ ପ୍ରଧାନ ପ୍ରମୁଖ ନିର୍ବାଚିତ ହୋଇ ଏହି ସମିତି ଉପଖଣ୍ଡ ସ୍ତରରେ ଭତ୍ତା ହିତାଧିକାରୀ ଙ୍କ ସୁରକ୍ଷା ଓ ମୌଳିକ ସମସ୍ୟା ର ସମାଧାନ ନିମନ୍ତେ ସ୍ୱର ଉଠାଇବା ସହ ସହ ନିସ୍ୱାର୍ଥ ପର ଭାବେ କାମ କରିବେ ବୋଲି ନବ ନିର୍ବାଚିତ ସଦସ୍ୟ ମାନେ ମତ ପ୍ରକାଶ କରିଥିଲେ। ଏ ସମସ୍ତ ଅଭାବ ଅସୁବିଧା ସମ୍ପର୍କରେ ଖୁବ ଶୀଘ୍ର ବାଲିଗୁଡା ରେ ଉପଜିଲ୍ଲାପାଳ ଙ୍କ ଜରିଆରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ୭ ଦଫା ସମ୍ବଳିତ ଦାବୀ ପତ୍ର ଭତ୍ତା ଧାରୀ ଙ୍କ ନ୍ୟାର୍ଯ୍ୟ ଦାବୀ ପୂରଣ ନିମନ୍ତେ ପ୍ରଦାନ କରାଯିବ ବୋଲି ନିଷ୍ପତି ନିଆଯାଇଛି। ଉକ୍ତ ବୈଠକରେ ଉପଖଣ୍ଡ ସ୍ତରୀୟ ପ୍ରତ୍ୟେକ ବ୍ଲକ ରୁ ହିତାଧିକାରୀ ମାନେ ଉପସ୍ଥିତ ରହି ନିଜ ନିଜ ର ସମସ୍ୟା ଉପସ୍ଥାପନା କରିବା ସହ ସମସ୍ତେ ଖୁସୀ ବ୍ୟକ୍ତ କରିଥିଲେ।

# ମାଆ ବନଦୂର୍ଗା ମନ୍ଦିରର ହୁଣ୍ଡି ଭାଙ୍ଗି ଚୋରି

## ସ୍ଥାନୀୟ ଲୋକଙ୍କ ସହାୟତାରେ ଚୋରକୁ ବାନ୍ଧିଲା ପୋଲିସ୍

ବେଲଗୁଣ୍ଠା **୧୭/୩(ନି.ପ୍ର):** ବର୍ତ୍ତମାନ ଗଂଜାମ ଜିଲ୍ଲାରେ ବିଭିନ୍ନ ମନ୍ଦିରକୁ ଟାର୍ଗେଟ୍ କରୁଥିବା ବେଳେ କିଛି ମନ୍ଦିରର ଚୋରି ସାମଗ୍ରୀ ପୋଲିସ୍ ଫେରି ପାଇଛି ଏବଂ କିଛି ସାମଗ୍ରୀ ବର୍ତ୍ତମାନ ସୁଦ୍ଧା ମିଳିପାରି ନାହିଁ ଓ କିନ୍ତୁ ଗତ ରାତିରେ ଗାଙ୍ଗପୁର ଥାନା ଅନ୍ତର୍ଗତ ଷଡ଼ଙ୍ଗୀପଲ୍ଲୀ- କଣ୍ଟେଇପଲ୍ଲୀ ମୁଖ୍ୟ ରାସ୍ତାରେ ଥିବା ବନ ଦୁର୍ଗା ମନ୍ଦିରର ହୁଣ୍ଡି ଭାଙ୍ଗି ଚୋରି ହେବାର ମାତ୍ର କିଛି ସମୟ ମଧ୍ୟରେ ଚୋରକୁ ବାନ୍ଧିବାରେ ସଫଳ ହୋଇଛି ଗାଙ୍ଗପୁର ପୋଲିସ୍। ଖବରରୁ ଜଣା ପଡ଼ିଛି ଯେ ପୋଲସରା ଥାନା ଅନ୍ତର୍ଗତ ଜୋକବନ୍ଧ ଗ୍ରାମର ଶ୍ୟାମ ମହାପାତ୍ରଙ୍କ ପୁଅ ମିଥୁନ୍ ମହାପାତ୍ର (୨୭) ନାମକ ଯୁବକ ଗତକାଲି ସନ୍ଧ୍ୟାରେ ସ୍ଥାନୀୟ ଅଞ୍ଚଳରେ ବୁଲାବୁଲି କରୁଥିବାର ଲୋକେ ଦେଖିଥିଲେ। ରାତ୍ରି ୧୦ ଘଣ୍ଟା ୩୦ ମିନଟ୍ ସମୟରେ ମିଥୁନ୍ ବନଦୁର୍ଗା ମନ୍ଦିରର ତାଲା ଭାଙ୍ଗି ଭିତରକୁ ଯାଇ ହୁଣ୍ଡିରେ ଥିବା ଦକ୍ଷିଣା ପ୍ରାୟ ୫୪୦ ଟଙ୍କା ଚୋରି କରି ନେଇଯାଇଥିଲା। ନିକଟରେ କୁକୁଡ଼ା ଫାର୍ମ କରିଥିବା ଜଣେ ଯୁବକ କିଛି ଶବ୍ଦ ହେବା ଜାଣି ଆସି ଦେଖିବା ବେଳକୁ ମନ୍ଦିରର ତାଲା ଏବଂ ହୁଣ୍ଡି ଭଙ୍ଗାଯାଇଥିଲା। ଯୁବକ ଜଣଙ୍କ ଏ ସଂକ୍ରାନ୍ତରେ ନିକଟସ୍ଥ ଷଡ଼ଙ୍ଗୀପଲ୍ଲୀ ଏବଂ ସୋମନାଥପଲ୍ଲୀ ଗ୍ରାମବାସୀଙ୍କୁ ଜଣାଇବା ପରେ ମାଆଙ୍କ ପୂଜକଙ୍କ ସମେତ ସ୍ଥାନୀୟ ଲୋକେ ଆସି ୧୧୨ ଯୋଗେ ପୋଲିସ୍ କୁ ଖବର ଦେଇଥିଲେ। ସାଙ୍ଗେ ସାଙ୍ଗେ ଗାଙ୍ଗପୁର ଥାନା ଅଧିକାରୀ ଶ୍ରଦ୍ଧାଞ୍ଜଳି ସୁବୁଦ୍ଧିଙ୍କ ନେତୃତ୍ୱରେ



ପୋଲିସ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚିଥିଲେ । ଘଟଣାସ୍ଥଳରେ ସାଙ୍ଗେ ସାଙ୍ଗେ ପୋଲିସ୍ ଏବଂ ସ୍ଥାନୀୟ ଲୋକେ ପହଞ୍ଚି ଯାଇଥିବାରୁ ଯୁବକ ଜଣଙ୍କ ଦୂରକୁ ଯାଇ ନପାରି ସ୍ଥାନୀୟ ଏକ ବୁଦାରେ ଲୁଚି ଯାଇଥିଲା । ଲୋକେ ବୁଦା ଭିତରୁ ଯୁବକକୁ ଧରି ପୋଲିସ୍ ରେ ଜିମା ଦେଇଥିଲେ। ପୋଲିସ୍ ମିଥୁନ୍ ଠାରୁ ଚୋରି ଟଙ୍କା ଉଦ୍ଧାର କରି ତା ନାମରେ ୧୬୨/୨୫ ରେ ଏକ ମାମଲା ରୁଜୁ କରି ଏଏସ୍ଆଇ ଯୁଧିଷ୍ଠିର ମାଝୀ ଘଟଣାର ତଦନ୍ତ କରିବା ସହ ତାକୁ ଭଞ୍ଜନଗର କୋର୍ଟଚାଲାଣ କରାଯାଇଥିବା ଗାଙ୍ଗପୁର ଥାନା ଅଧିକାରୀ ଶ୍ରଦ୍ଧାଞ୍ଜଳି ସୁବୁଦ୍ଧି ପ୍ରକାଶ କରିଛନ୍ତି। ପ୍ରକାଶ ଥାଉକି ବିଗତ ଦିନରେ ଭଞ୍ଜନଗର ସାଇ ମନ୍ଦିର ଏବଂ ବେଲଗୁଣ୍ଠା ବ୍ଲକ୍ ଘୁ.ନୂଆଁଗାଆଁ ଶନି ମନ୍ଦିରରୁ ମଧ୍ୟ ଚୋରି ଯାଇଥିବା ବେଳେ ମନ୍ଦିର ଗୁଡ଼ିକ ନିକଟରେ ପୋଲିସ୍ ପାଟ୍ରୋଲିଂ କଡାକଡି ହେବା ଆବଶ୍ୟକ ବୋଲି ସ୍ଥାନୀୟ ଜନସାଧାରଣ ପ୍ରକାଶ କରିଛନ୍ତି।

## ରୋଗ ପୋକ ଦାଉରୁ ସୁରକ୍ଷା ପାଇଁ ତାଲିମ ପ୍ରଦାନ



ନିଆଳି **୧୭/୩(ନି.ପ୍ର):** ନିଆଳୀ ବ୍ଲକ ଦ୍ୱୀପାଞ୍ଚଳ ସ୍ଥିତ କୁଳଶ୍ରୀ ରେ ଚାଷୀ ମାନଙ୍କୁ ନେଇ ରବି କୃଷି କ୍ଷେତ୍ର ବିଦ୍ୟାଳୟର କାର୍ଯ୍ୟକ୍ରମ ସମାପନ ହୋଇଯାଇଛି ।ଭାରତ ସରକାରଙ୍କ କୃଷି ଓ କିଷାନ ମନ୍ତ୍ରଣାଳୟ ସହଯୋଗିତା ରେ ଭୁବନେଶ୍ୱର ସ୍ଥିତ ସମନ୍ନୀତ ରୋଗପୋକ ପରିଚାଳନା କେନ୍ଦ୍ର ଆନୁକୁଲ୍ୟ ରେ ନିଆଳି ବ୍ଲକ୍ ଅନ୍ତର୍ଗତ କୁଳଶ୍ରୀ ଗ୍ରାମ ଠାରେ କୃଷକ କ୍ଷେତ ବିଦ୍ୟାଳୟ ସମାପନ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ରେ ସମନ୍ନୀତ ରୋଗପୋକ ପରିଚାଳନା ପ୍ରଣାଳୀ ଗୁଡ଼ିକ ପ୍ରଦର୍ଶନ କରାଯାଇ ଥିଲା ଚାଷୀ ମାନଙ୍କୁ ବିଭିନ୍ନ ସମସ୍ୟା ସମ୍ପର୍କରେ ମତାମତ ସଂଗ୍ରହ କରି ଏହାର ସମାଧାନ ପାଇଁ ପରାମର୍ଶ ଦେଇଥିଲେ ,ଦେବୀପଦ ସ୍ୱାଇଁ ଏବଂ ନିରଞ୍ଜନ ମହାପାତ୍ର ଏହି କାର୍ଯ୍ୟକ୍ରମ ରେ ସହଯୋଗ କରିଥିଲେ ।

## ସ୍ଥାୟୀ ସ୍ୱତନ୍ତ୍ର ଶିକ୍ଷକ ନିଯୁକ୍ତି ନିମନ୍ତେ ଓଏସ୍ଇଏଫଡ଼ି ସଂଘ ର ଗଣଶିକ୍ଷା ମନ୍ତ୍ରୀ ଓ ସଚିବଙ୍କ ସହ ପ୍ରାରମ୍ଭିକ ଆଲୋଚ଼ନା



ଭୁବନେଶ୍ୱର **୧୭/୩(ନି.ପ୍ର):** ଆଜି ବିଧାନସଭା ପରିସରରେ ମାନ୍ୟବର ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀଙ୍କ ଅଧ୍ୟକ୍ଷତାରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ଶ୍ରୀ ନିତ୍ୟାନନ୍ଦ ଗଣ୍ଡ ଓ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ର ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଶାଳୀନ ପଣ୍ଡିତଙ୍କ ସହ ସକ୍ଷମ ସଂଗଠନ ର ସମ୍ପାଦିକା ଶ୍ରୀମତୀ ମନସ୍ୱିତା ଜେନା,ଓଡ଼ିଶା ସ୍ପେସିଆଲ ଏଜୁକେଟର ଫେଡ଼େରସନ ଫର ଦିବ୍ୟାଙ୍ଗ ସଂଘର ରାଜ୍ୟ ସମ୍ପାଦକ ଆୟୁଷ୍ମାନ ଚୌଧୁରୀ, ଉପସଭାପତି ବିଶ୍ୱବିଜୟୀ ଦାଶ, ନୟାଗଡ଼ ଜିଲ୍ଲା ସଭାନେତ୍ରୀ ତୃପ୍ତିମୟୀ ପ୍ରଧାନ,କୋର କମିଟି ସଦସ୍ୟା ଶୁଭସ୍ମିତା ମିଶ୍ର ପ୍ରମୁଖ ସହ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ମୁତାବକ ଓଡ଼ିଶାର ପ୍ରତ୍ୟେକ ସାଧାରଣ ବିଦ୍ୟାଳୟରେ ଦିବ୍ୟାଙ୍ଗ ବିଦ୍ୟାର୍ଥୀ ମାନଙ୍କ ଶିକ୍ଷାର ଉନ୍ନତି ପାଇଁ ସ୍ଥାୟୀ ସ୍ୱତନ୍ତ୍ର ଶିକ୍ଷକ ନିଯୁକ୍ତି ନିମନ୍ତେ ବିସ୍ତୃତ ଭାବେ ଆଲୋଚ଼ନା ହୋଇଥିଲା ଏବଂ ଓଏସଇଏଫଡ଼ି ସଂଘ ର ଦାବି ଥିଲା ଯେ, ସାଧାରଣ ବିଦ୍ୟାଳୟ ରେ ଯେମିତି ଭିନ୍ନ ଭିନ୍ନ ଶିକ୍ଷକ ନିଯୁକ୍ତି ହେଉଛନ୍ତି, ସେହିପରି ଭାବେ ସ୍ୱତନ୍ତ୍ର ଶିକ୍ଷକ ନିଯୁକ୍ତି ର ବିଜ୍ଞାପନ ବାହାର କରାଯାଇ ନିର୍ଦ୍ଦିଷ୍ଟ ଭାବେ ଚ଼ୟନ କରାଯାଇ ନିଯୁକ୍ତି ଦିଆଯାଉ ।ଏହି ଦାବିକୁ ମାନ୍ୟବର ମନ୍ତ୍ରୀ ଶ୍ରୀ ଗଣ୍ଡ ଓ ପ୍ରମୁଖ ଶାସନ ସଚିବ ଶ୍ରୀମତୀ? ପଣ୍ଡିତ? ସହୃଦୟତାର ସହ ନେଇ ଖୁବଶୀଘ୍ର ବିଜ୍ଞପ୍ତି ବାହାର କରିବା ଦିଗରେ ପଦକ୍ଷେପ ଗ୍ରହଣ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ ।ସୂଚ଼ନାଥାଉକି,ଦିବ୍ୟାଙ୍ଗ ବିଦ୍ୟାର୍ଥୀ ମାନଙ୍କ ଶିକ୍ଷା ପାଇଁ ସାଧାରଣ ବିଦ୍ୟାଳୟରେ ସ୍ଥାୟୀ ସ୍ୱତନ୍ତ୍ର ଶିକ୍ଷକ ନିଯୁକ୍ତି ନିମନ୍ତେ ମାନ୍ୟବର ସୁପ୍ରିମକୋର୍ଟ ଜନସ୍ୱାର୍ଥ ମାମଲାରେ ରାୟ ଶୁଣାଣି କରି ୨୮ ଅକ୍ଟୋବର ୨୦୨୧ ରେ ପ୍ରତ୍ୟେକ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ପ୍ରତ୍ୟେକ ସାଧାରଣ ସରକାରୀ ବିଦ୍ୟାଳୟରେ ଜଣେ ଜଣେ ସ୍ୱତନ୍ତ୍ର ଶିକ୍ଷକ ନିଯୁକ୍ତି ଦେବାକୁ ନିର୍ଦ୍ଦେଶ ଦେଇଥିଲେ ।ଆଦେଶ ଅନୁପାଳନ ନ ହେବାରୁ ୭ ମାର୍ଚ୍ଚ ୨୦୨୫ ତାରିଖରେ ମାନ୍ୟବର ସର୍ବୋଚ୍ଚ ନ୍ୟାୟଳୟର ନ୍ୟାୟାଧିଶ ସୁଧାଂଶୁ ଧୂଳିଆ ଓ କେ. ବିନୋଦ ଚନ୍ଦ୍ରନ୍ ଖଣ୍ଡପୀଠରେ ସେହି ରାୟ ଉପରେ ଶୁଣାଣି ହୋଇଥିଲା ।ଏହି ଶୁଣାଣି ରେ ମାନ୍ୟବର ସର୍ବୋଚ୍ଚ ନ୍ୟାୟଳୟ ସମସ୍ତ ରାଜ୍ୟକୁ ୩ ସପ୍ତାହ ଭିତରେ ଅର୍ଥାତ ୨୮ ମାର୍ଚ୍ଚ ସୁଦ୍ଧା ଦୁଇଟି ଖବର କାଗଜ ଓ ଶିକ୍ଷା ବିଭାଗର ୱେବସାଇଟରେ ସ୍ୱତନ୍ତ୍ର ଶିକ୍ଷକ ନିଯୁକ୍ତି ବିଜ୍ଞାପନ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି ।ଓଡ଼ିଶା ସାଧାରଣ ବିଦ୍ୟାଳୟରେ ସ୍ଥାୟୀ ସ୍ୱତନ୍ତ୍ର ଶିକ୍ଷକ ନିଯୁକ୍ତି ଦିଆଗଲେ ଦିବ୍ୟାଙ୍ଗ ବିଦ୍ୟାର୍ଥୀ ମାନେ ଉତ୍ତମ ଶିକ୍ଷା ପାଇ ସମାଜର ମୁଖ୍ୟ ସ୍ରୋତରେ ସାମିଲ୍ ହେବା ସହ ଆଶାୟୀ ସ୍ୱତନ୍ତ୍ର ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ଉପକୃତ ହୋଇପାରିବେ ବୋଲି ମତପ୍ରକାଶ ପାଇଛି।

## ଛଣ ଗଦାରେ ନିଆଁ ଲଗାଇଦେଲେ ଦୁର୍ବୃତ୍ତ

ଦଶରଥପୁର **୧୭/୩(ନି.ପ୍ର):** ଦଶରଥପୁର ବ୍ଲକ ପାଲଟପୁର ପଞ୍ଚାୟତ ଅନ୍ତର୍ଗତ ନୀଳକଣ୍ଠପୁର ଗ୍ରାମର ବିପନ ମଲ୍ଲିକଙ୍କ ଛଣ ଗଦାରେ ଗତକାଲି ରାତିରେ କେହି ଦୁର୍ବୃତ୍ତ ନିଆଁ ଲଗାଇଦେଇଛନ୍ତି। ସକାଳୁ କିଛି ଗ୍ରାମବାସୀ ସମ୍ପୂର୍ଣ୍ଣ ଗଦା ଜଳି ପାଉଁଶ ହୋଇଯାଇଥିବାର ଦେଖି ବିପନ ଙ୍କୁ ଖବର ଦେଇଥିଲେ। ବିପନ ଘଟଣା ସ୍ଥଳରେ ପହଞ୍ଚି ଛଣଗଦା ଜଳି ପାଉଁଶ ହୋଇଯାଇଥିବାର ଦେଖି ବହୁତ ଦୁଃଖ ପ୍ରକାଶ କରିଥିଲେ। ସୂଚନା ଯୋଗ୍ୟ ଯେ' ବିପନ ନିଜ ଖଳାରୁ ଧାନ ଅମଳ କରି ଛଣ ବିକ୍ରି କରିବା ନିମନ୍ତେ ମଙ୍ଗଳପୁର- ନାରୀଗାଁ ମୁଖ୍ୟ ରାସ୍ତାର ନୀଳକଣ୍ଠପୁର ପଡ଼ିଆ ନିକଟସ୍ଥ ରାସ୍ତା କଡ଼ରେ କୋଡ଼ିଏପଣ ରୁ ଉର୍ଦ୍ଧ୍ୱ ଛଣ ଗଦା ଦେଇ ରଖିଥିଲେ। ଦୁର୍ଭାଗ୍ୟର ବିଷୟ କେହି ଅବିବେକୀ ,ଦୁର୍ବୃତ୍ତ ମଧ୍ୟରାତ୍ରୀରେ ତାଙ୍କ ଛଣଗଦାରେ ନିଆଁ ଲଗାଇଦେଇଥିଲେ। ଶୁଖିଲା ଛଣ ହୋଇଥିବାରୁ ଛଣଗଦାଟି ସମ୍ପୂର୍ଣ୍ଣ ଜଳି ପାଉଁଶ ହୋଇଯାଇଥିଲା। ତେବେ ବିପନ ଜଣେ ଗରିବ ତଥା ଦିନମଜୁରିଆ ହୋଇଥିବାରୁ ଗ୍ରାମବାସୀ ମାନେ ଦୁଃଖ ପ୍ରକାଶ କରିବା ସହ ଏଭଳି ଘଟଣାକୁ ନିନ୍ଦା କରିଛନ୍ତି।

## ଯୌତୁକ ନିର୍ଯ୍ୟାତନା ରେ ବିଷପାନ କରି ଆତ୍ମହତ୍ୟା କଲେ ସାବେତ୍ରୀ ସାହୁ



କର୍ଲାମୁଣ୍ଡା **୧୭/୩(ନି.ପ୍ର):** କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ଅଞ୍ଚଳ ସାପଲହରା ଗାଆଁ ରେ ଘଟି ଯାଇଛି ଏକ ଅଭାବନିୟ ଦୁଖଦ ଘଟଣା ଶାଶୁ ଶଶୁର ସ୍ୱାମୀ ଙ୍କ ନିର୍ଯ୍ୟାତନା ରେ ବିଷପିଇ ଆତ୍ମହତ୍ୟା କଲେ ସାବେତ୍ରୀ ଙ୍କ ବୟସ ୨୧ ହୋଇଥିଲା ନିର୍ଯ୍ୟାତନା ସହିନପାରି ସେ ନିଜ ମାତା ପିତାଙ୍କ ଘରେ ରିହି ଆସୁଥିଲେ। ସାବେତ୍ରୀ ଗତ ମଙ୍ଗଳ ବାର ଦିନ ରାତ୍ରୀ ୮ ଟା ସମୟରେ ବିଷପିଇ ଦେଇଥିଲେ ତାଙ୍କୁ ପରିବାର ଲୋକେ ୧୦୮ ଆମ୍ବୁଲାନ୍ସ ଯୋଗେ ମ ରାମପୁର ଗୋଷ୍ଠୀ କେନ୍ଦ୍ର କୁ ଚିକିତ୍ସା ପାଇଁ ପହଞ୍ଚି ଥିଲେ। କିନ୍ତୁ ମ ରାମପୁର ଗୋଷ୍ଠୀ କେନ୍ଦ୍ର ରେ ଡାକ୍ତର ସାବେତ୍ରୀ ଙ୍କ ସ୍ୱାସ୍ଥ୍ୟ ଗୁରୁତ୍ୱ ହେବାରୁ ତାଙ୍କୁ ମୁଖ୍ୟ ଡ଼ାକ୍ତରଖାନା କୁ ୧୦୮ଆମ୍ବୁଲାନ୍ସ ଯୋଗେ ପଠେଇ ଦେଇଥିଲେ। ଏବଂ ମୁଖ୍ୟ ଡ଼ାକ୍ତରଖାନା ଯିବା ସମୟରେ ନର୍ଲା ଗୋଷ୍ଠୀ କେନ୍ଦ୍ର ପାଖରେ ସାବେତ୍ରୀ ଆଖିବୁଜି ଦେଇଥିଲି । ସେହିଁ ସମୟରେ ଆମ୍ବୁଲାନ୍ସ ରେ ଯାଉଥିବା ସାବେତ୍ରୀ ସାହୁ ଙ୍କୁ ନର୍ଲା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର କୁ ନେଇଥିଲେ ଡାକ୍ତର ଦେଖିବା ମାତ୍ରେ ମୃତ ଘୋଷଣା କରିଥିଲେ। ମୃତ ସାବେତ୍ରୀ ସାହୁ ଙ୍କ ଭାଇ ଅର୍ଜୁନ ସାହୁ କହିବା ଅନୁସାରେ ଓ ନର୍ଲା ଥାନାରେ ଅଭିଯୋଗ କରିଥିବା ଅନୁସାରେ ଗତ ୨ମାର୍ଚ୍ଚ ୨୦୨୩ ମସିହାରେ ସାମାଜିକ ରୀତି ନୀତି ରେ ରୋମଞ୍ଚଳ ସାହୁ ଙ୍କୁ ହାତ ଧରି ବାହା ହୋଇଥିଲେ। ମୃତ ସାବିତ୍ରୀ ସାହୁ କିନ୍ତୁ ବିଧିର ବିଧାନ ଉଲଟା ବାପା ମା ଅନେକ ଯାନି ଯୌତୁକ ଦେଇଥିଲେ ମଧ୍ୟ ଶାଶୁ ଶଶୁର ସ୍ୱାମୀ ଙ୍କୁ ସମ୍ପତି ଲୋଭରେ ଅନ୍ଧ ହୋଇଥିଲେ । ଶାଶୁ ଶଶୁର ସ୍ୱାମୀ ଏକ ତ୍ରିତ ହୋଇ ନିର୍ଯାତନା ଦେବାରେ ପଛେଇ ନ ଥିଲେ । ଆଉ ୩ଲକ୍ଷ୍ୟ ଟଙ୍କା ନଗଦ କେସ ଓ ଯାନି ଯୌତୁକ ଦାବୀ କରିଥିଲେ । ସବେତ୍ରୀ ନିଜର ମା ବାପା ଓ ଭାଇ ଙ୍କୁ କହିଥିଲେ। କିନ୍ତୁ ପୁର୍ନବାର ଯାନି ଯୌତୁକ ଦେବାପାଇଁ ମନା କରିଦେଇଥିଲେ। ଯାହା ଫଳରେ ସେ ଦିନ ଠାରୁ ନିର୍ଯାତିତ ହୋଇଆସୁଥିଲେ ଏବଂ ନିଜର ମା ବାପା ଙ୍କ ଘରେ ରହି ଆସୁଥିଲେ । ଓ ଦୁଇ ବର୍ଷ ପୁଣ୍ଡ ହୋଇଗଲା। ପରିଶେଷରେ ମୃତ ସାବିତ୍ରୀ ଙ୍କ ଯୌତୁକ ତାଙ୍କର ନଣନ୍ଦ ଙ୍କୁ ଦେଇଥିବା ଜଣା ପଡ଼ିଛି। ବର୍ତ୍ତମାନ ଏହାର ତଦନ୍ତ ପାଇଁ ନର୍ଲା ପୋଲିସ ତଦନ୍ତ ଜାରି ରଖିଛି।

# ୬ ଜଣ ପାଇବେ ଜ୍ଞାନଦୀପ ତ୍ରିଲୋଚନ କାନୁନଗୋ ଶିକ୍ଷା-ସେବା ସମ୍ମାନ



ନିଆଳୀ **୧୭/୩(ନି.ପ୍ର):** ନିଆଳୀ ନିର୍ବାଚନ ମଣ୍ଡଳୀର ଅଗ୍ରଣୀ ସ୍ୱେଚ୍ଛାସେବୀ ତଥା ଗାନ୍ଧିବାଦୀ ଅନୁଷ୍ଠାନ ତରଫରୁ ଆୟୋଜିତ ଗ୍ରାମୀଣ ମହୋତ୍ସବ ୨୦୨୫ ତଥା ୧୯ ତମ ପ୍ରତିଷ୍ଠା ଦିବସ ଅବସରରେ ନିଆଳୀ ଏବଂ ଓଡିଶା ର ବରପୁତ୍ର ସ୍ୱାଭିମାନୀ ରାଜନେତା, ନିଆଳୀର ଗର୍ବ ଗୌରବ ନିଆଳୀ ର ବିନ୍ଧାଣି ନିର୍ଭିକ, ସଚ୍ଚୋଟ ରାଜନେତା, ନିଆଳୀ ର ଗାନ୍ଧୀ ଶିକ୍ଷା କ୍ଷେତ୍ରରେ ଅଗ୍ରଣୀ ଭୂମିକା ନିଭାଇଛନ୍ତି ସ୍ୱର୍ଗତ ତ୍ରିଲୋଚନ କାନୁନଗୋ, ତାଙ୍କର ସ୍ମୃତି ଉଦ୍ଦେଶ୍ୟରେ ଚଳିତ ବର୍ଷ ୬ ଜଣଙ୍କୁ ଶିକ୍ଷା କ୍ଷେତ୍ର ଏବଂ ସମାଜସେବା କ୍ଷେତ୍ରରେ ଏସ ଭି ନିରତାରର ନିର୍ଦ୍ଦେଶକ ପ୍ରଫେସର ଡ଼ ପତିତପାବନ ମହାନ୍ତି,ସାର ଙ୍କର ସହଯୋଗୀ ବନ୍ଧୁ ନୃସିଂହ ଚରଣ ନାୟକ, ଉଦୟନାଥ ସ୍ୱୟଂ ଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ପ୍ରାଧ୍ୟାପକ ପ୍ରଫେସର ଡ଼ ପ୍ରଶାନ୍ତ ପ୍ରଧାନ, ଅଡ଼ଶପୁରର ବରିଷ୍ଠ ବ୍ୟବସାୟୀ ତଥା ସମାଜସେବୀ ସୁଦର୍ଶନ ସାହୁ, ସମାଜସେବୀ ତଥା ରାଜନେତା ନିମାଇଁ ଚରଣ ରାଉତରାୟ, ଏବଂ ପୂର୍ବତନ ସମିତି ସଭ୍ୟ, ରାଜନେତା ସମାଜସେବୀ ଗୌରାଙ୍ଗ ସ୍ୱାଇଁ ଙ୍କୁ ଜ୍ଞାନଦୀପ ତ୍ରିଲୋଚନ କାନୁନଗୋ ଶିକ୍ଷା ସମ୍ମାନ ରେ ସମ୍ମାନିତ କରାଯିବ । ଆଗାମୀ ଉତ୍କଳ ଦିବସରେ ଏହି କାର୍ଯ୍ୟକ୍ରମ ଆରମ୍ଭ ହେବ ବୋଲି ଅନୁଷ୍ଠାନ ପ୍ରତିଷ୍ଠାତା ତଥା ଅଧ୍ୟକ୍ଷ ଯୁବ ସମାଜସେବୀ ସନ୍ତୋଷ କୁମାର ମାଝୀ, ସ୍ଥାୟୀ ସଭାପତି ପ୍ରସନ୍ନ ପାତ୍ର,ନିର୍ଦ୍ଦେଶକ କୃଷିବିତ୍ ପ୍ରମୋଦ ମଲ୍ଲିକ, ସାଧାରଣ ସମ୍ପାଦକ ସୂର୍ଯ୍ୟକାନ୍ତ ମଲ୍ଲିକ, ଦୀପ୍ତି ରଞ୍ଜନ ନାୟକ, ଉପସଭାପତି ଦ୍ୱିଜବର ମହାପାତ୍ର,ଜ୍ୟୋତି ରଞ୍ଜନ ମହାନ୍ତି ଉପାଧ୍ୟକ୍ଷ ଇଂ ଅବିନାଶ ମହାପାତ୍ର, ସହ ନିର୍ଦ୍ଦେଶକ ଲଲାଟେନ୍ଦୁ ସାହୁ, କୋଷାଧ୍ୟକ୍ଷ ହେମନ୍ତ କୁମାର ମଲ୍ଲିକ, ମୋନାଲିସା ମୁଦୁଲି ପ୍ରମୁଖ ସୂଚନା ପ୍ରଦାନ କରିଛନ୍ତି ।

# ବିନା ସୂଚନା ଫଳକରେ ଦସମାଣିଆଠାରେ ଚେକଡ୍ୟାମ କାର୍ଯ୍ୟ

କଳିଙ୍ଗନଗର**୧୭/୩(ନି.ପ୍ର):** ସରକାର ପରିବର୍ତ୍ତନ ହୋଇଛି ସତ କିନ୍ତୁ ପୂର୍ବରୁ ଚାଲୁଥିବା ନିୟମ ର ପରିବର୍ତ୍ତନ ହୋଇନାହିଁ। ଯେଉଁ ବିଭାଗରେ ଦେଖିବାକୁ ଜିବା ସବୁଠାରେ ଚାଲିଛି ହରି ଲୁଟ ସରକାରଙ୍କ ନାମକୁ ବଦନାମ କରିବା ପାଇଁ କିଛି ସରକାରୀ ଅଧିକାରୀ ଯେପରି ଶପଥ ନେଇଥିବା ପରି ପରିଲକ୍ଷିତ ହୋଇଛି। ଯାଜପୁର ଜିଲ୍ଲା ରେ ଏହା ଅଧିକ ପରିମାଣର ଦେଖିବାକୁ ମିଳିଛି। ସୂଚନାଯୋଗ୍ୟ କି ଦାନଗଦି ବ୍ଲକ ଅନ୍ତର୍ଗତ ୧୦ ନମ୍ବର ଜୋନ୍ ରେ ଥିବା କଟେରି ଗାଁ ନାଳ ଉପରେ ଚେକ ଡ୍ୟାମ ନିର୍ମାଣ ହେଉଥିବା ବେଳେ ଏହି କାର୍ଯ୍ୟ ରେ ଅନିୟମିତତା ଅଭିଯୋଗ ହେଇଆସୁଛି। ଏହି କାର୍ଯ୍ୟ ଟି କୃଷକମାନଙ୍କ ଆବଶ୍ୟକତା ପୂରଣ କରିବା ପାଇଁ ନିର୍ମାଣ ହେଉଥିବା ବେଳେ ଠିକାଦାର ଓ ଯନ୍ତ୍ରୀଙ୍କ ମଧ୍ୟରେ ମଧୁ ଚନ୍ଦ୍ରିକା ରେ କାର୍ଯ୍ୟ ଟି ବହୁ ନିମ୍ନ ମାନର ହେଉଥିବା ଦେଖିବାକୁ ମିଳିଛି। କଥା ରେ ଅଛି କି ସରକାର କା ମାଲ୍ ଦରିଆ ମେ ଡାଲ୍ । କ୍ଷୁଦ୍ର ଜଳ ସେଚନ ପକ୍ଷରୁ ଦାନଗଦି ବ୍ଲକର ଦସମାଣିଆଠାରେ ଚେକ ଡ୍ୟାମର କାର୍ଯ୍ୟ ଗତ ୩ମାସ ହେବ ଚାଲୁରହିଛି। ସରକାର ଙ୍କ ନିୟମ ଅନୁସାରେ ଯେ କୌଣସି କାର୍ଯ୍ୟ ନିର୍ମାଣ ପୂର୍ବରୁ ସୂଚନା ଫଳକ ବାଧ୍ୟତାମୂଳକ କିନ୍ତୁ ଠିକାଦାର ବିନା ସୂଚନା ଫଳକ ନ ଲଗାଇ ଆରମ୍ଭରୁ କିପରି କାର୍ଯ୍ୟ କରୁଛନ୍ତି।ଏହି ଚେକ ଡ୍ୟାମଟିର ମୁଲ୍ୟ ୬୧ ଲକ୍ଷ ଟଙ୍କାର କାର୍ଯ୍ୟ ଥିବା ସୂଚନା ମିଳିଛି।ଏହି କାର୍ଯ୍ୟ ଟି ଠିକାଦାର ଦୀପ୍ତିରଞ୍ଜନ ପଣ୍ଡାଙ୍କ ନାମରେ ଥିବା ଜଣା ପଡ଼ିଛି।ଉକ୍ତ କାର୍ଯ୍ୟ ଟେଣ୍ଡର ପାଇଥିବା ଠିକାଦାର ଆରମ୍ଭରୁ ନିମ୍ନମାନର ସିମେଣ୍ଟ ,ରଡ ଓ କାର୍ଯ୍ୟ ହୋଇଥିବା ସ୍ୱସାଧାରଣରେ ପକ୍ଷରୁ ଅଭିଯୋଗ ହେଉଛି।ଏଠାରେ ରଡ଼ ୧୬ଏମ.ଏମ ସ୍ଥାନରେ ୧୦ଏମ.ଏମ ରଡ଼ ଲଗାଯାଇଛି ଓ ଏହି ଚେକ ଡ୍ୟାମଟିରେ ହାତରେ ସିମେଣ୍ଟ ମରାଯାଇଛି ଥିବା ବେଳେ ନିମ୍ନମାନର ଚିପ୍ସ ବ୍ୟବହୃତ ହେଉଛି।ଏଠାକୁ ବିଭାଗ ଯନ୍ତ୍ରୀ ମାଡ଼ମ କାର୍ଯ୍ୟ କୁ ଆସୁଛନ୍ତି ସତ କିନ୍ତୁ ମିସ୍ତ୍ରୀ ଖାଇବା ସମୟରେ ବୁଲି ପଳାଉଛନ୍ତି।ବିଭାଗ ଯନ୍ତ୍ରୀ ମାଡ଼ମ ପଚାରିବାରୁ ଭୁଲରେ ଏମିତି କାର୍ଯ୍ୟ ହେଇଛି ଓ ସୂଚନା ଫଳକ ଲଗାଇଦେବେ ବୋଲି କହିଥିଲେ ।ଏଠି ପ୍ରଶ୍ନ ଉଠୁଛି ଯେ ଠିକାଦାରଙ୍କ ପାଇଁ ଏତେ ଅନୁକମ୍ପା କଣ ପାଇଁ।ନିମ୍ନମାନର କାର୍ଯ୍ୟ ପାଇଁ ଚେକ ଡ୍ୟାମଟିର ସ୍ଥାୟୀତ୍ୱ ଉପରେ ନେଇ ପ୍ରଶ୍ନବାଚି ସୃଷ୍ଟି କରିଛି।ସରକାର ଓ ପ୍ରଶାସନର ପକ୍ଷରୁ ଉକ୍ତ ଚେକ ଡ୍ୟାମଟିକୁ ତଦନ୍ତ କରି ଠିକାଦାରଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ କରି କାର୍ଯ୍ୟ ଟି ଠିକେସେ ଚାଲୁ କରିବାକୁ ଅଞ୍ଚଳ ପକ୍ଷରୁ ଦାବି ହେଉଛି।



## ଭଞ୍ଜସେନାର କର୍ମକର୍ତ୍ତା ସମ୍ମିଳନୀ

# ଜିଲ୍ଲାର ନ୍ୟାର୍ଯ୍ୟ ଅଧିକାର ହାସଲ ପାଇଁ ଜୋରଦାର ଆନ୍ଦୋଳନ କରାଯିବ




ବାରିପଦା,**୧୭/୩(ନି.ପ୍ର):** ହୋଟେଲ ସାଇ ବିନାୟକ ଠାରେ ଭଞ୍ଜସେନାର ଜିଲ୍ଲାସ୍ତରୀୟ କର୍ମକର୍ତ୍ତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଅଛି । ସମ୍ମିଳନୀରେ ପ୍ରଥମେ ମୟୂରଭଞ୍ଜ ତଥା ସମଗ୍ର ଓଡ଼ିଶାର ସୁନାମ ଧନ୍ୟ ସିନେ ତାରକା ଉତ୍ତମ ମହାନ୍ତିଙ୍କ ଅକାଳ ବିୟୋଗ ଉଦ୍ଦେଶ୍ୟରେ ୨ମିନିଟ ନିରବ ପ୍ରାର୍ଥନା କରାଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ଏହିଅବସରରେ ସମସ୍ତ ନୂତନ ତଥା ପୁରାତନ କର୍ମକର୍ତାଙ୍କୁ ପୁଷ୍ପ ଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ମୟୁରଭଞ୍ଜ ଜିଲ୍ଲାର ହକ ପାଇଁ ଆଗାମୀ ଦିନର କାର୍ଯ୍ୟଶୈଳୀ ତଥା କାର୍ଯ୍ୟପନ୍ଥା ସମ୍ବନ୍ଧରେ ବିସ୍ତୃତ ଆଲୋଚନା ହୋଇଥିଲା. କାର୍ଯ୍ୟକ୍ରମରେ ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା, ସତ୍ୟସ୍ୱରୂପ ଦାଶ, ନିମାଇଁ ତ୍ରିପାଠୀ, ଜିତେନ୍ଦ୍ର ହେମ୍ବ୍ରମ, ପିଣ୍ଟୁ ମାଇତି, ରାକେଶ ବେହେରା, ବାଜୁନ ହାଁସଦା, ସାମନ୍ତ ଶେଖର ପାଲ, ରବୀନ ମହାନ୍ତି, ସନ୍ତୋଷ ଗିରି, ପରିତୋଷ ବାରିକ, ରମଜାନ ବେଗ, ଲକ୍ଷ୍ମୀଧର ସାହୁ, ସୁନ୍ଦର ମୋହନ ଟୁଡୁ, ରାକେଶ ମହାନ୍ତି, ଜ୍ୟୋତିରଂଜନ ପୃଷ୍ଟି, ରାକେଶ ପଣ୍ଡା, ମାନସ ବେହେରା, ଏସ. କେ ରାଜାଖାନ, ଗଣେଶ ମହାନ୍ତି, ଭାଗବତ ହେମ୍ବ୍ରମ, ବାର୍ଷା ହେମ୍ବ୍ରମ, ପ୍ରଶାନ୍ତ ଦାସ, ଗୌରାଙ୍ଗ ଘଡ଼େଇ, ସାଫଲ୍ୟ ମିଶ୍ର, ପ୍ରଶାନ୍ତ ମହାକୁଡ, ଦିପେସ ଅଗ୍ରୱାଲ , ଲଲାଟ କେଶରୀ ରାଉତ ପ୍ରମୁଖଙ୍କ ସମେତ ସମଗ୍ର ଜିଲ୍ଲାରୁ ପାଖାପାଖି ୨ ଶହ କର୍ମକର୍ତ୍ତା ସାମିଲ ହୋଇଥିଲେ ଏବଂ ଆଗାମୀ ଦିନରେ ଜିଲ୍ଲାର ନ୍ୟାର୍ଯ୍ୟ ଅଧିକାର ହାସଲ କରିବା ପାଇଁ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ବୈଠକରେ ମତ ପ୍ରକାଶ କରିଥିଲେ ।

# ସମସ୍ୟା ଅନେକ ସମାଧାନ ହେବ କେବେ ?

ବାଲେଶ୍ୱର **୧୭/୩(ନି.ପ୍ର):**ଜିଲ୍ଲାର ଅମର୍ଦାରୋଡ ଏକ ବ୍ୟବସାୟୀକ ପେଣ୍ଠସ୍ଥଳୀ ଥିବା ବେଳେ ଅମର୍ଦାରୋଡ ଏବେ ଦୟନୀୟ ଅବସ୍ଥାରେ ଗତିକରୁଛି।ସରକାର ଓ ସ୍ଥାନୀୟ ପ୍ରଶାସନ ଅବେହଳା ଯୋଗୁଁ ଅମର୍ଦାରୋଡ ଉପରେ ନିର୍ଭର କରୁଥିବା ବ୍ୟବସାୟୀ ଠାରୁ ଆରମ୍ଭ କରି ଯାତ୍ରୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଥିବାର ଦେଖିବାକୁ ମିଳୁଛି। ପ୍ରତିଦିନ ହଜାର ହଜାର ଲୋକ କିଏ ବସ ଓ ଟ୍ରେନରେ ଯିବା ପାଇଁ ତ କିଏ ଚିକିତ୍ସାଳୟ,ସ୍କୁଲ,କଲେଜ,ଦୋକାନ,ବଜାର,ହାଟକୁ ଏଥି ସହିତ ବିଭିନ୍ନ ଦୂର ଦୁରାନ୍ତ ସ୍ଥାନକୁ ଟ୍ରେନ ଓ ବସରେ ଯିବାପାଇଁ ଅମର୍ଦାରଡକୁ ଆସିଥାନ୍ତି।ଏହି ପଞ୍ଚାୟତ ସହ ପୋଡଶୀ ମୟୂରଭଞ୍ଜ,ପଶ୍ଚିମବଙ୍ଗ ଓ ଆଖପାଖ ପଞ୍ଚାୟତ ବାସୀ ଅମର୍ଦାରୋଡ ଉପରେ ନିର୍ଭର କରିଥାନ୍ତି। ଏଠାରେ ଷ୍ଟେସନ ଠାରୁ ଗେଟ ବଜାର ପ୍ରଜ୍ୟନ୍ତ ରାସ୍ତା ଶୋଚନୀୟ ହୋଇ ପଡ଼ିଥିବା ବେଳେ ଷ୍ଟେସନ ବାହାରେ ଏକ ନୂତନ ଶୌଚାଳୟ ରହିଛି ହେଲେ ବନ୍ଦ ଥିବାରୁ ମହିଳାଯାତ୍ରୀ ମାନେ ବାହାରକୁ ଶୌଚ କରିବାକୁ ଯିବାକୁ ବହୁ ଅସୁବିଧାର ସମ୍ମୁଖିନ ହେଉଛନ୍ତି।ସେହିପରି ଅମର୍ଦାରୋଡ ମୁଖ୍ୟରାସ୍ତା ସ୍ଥାୟୀ ଓ ଅସ୍ଥାୟୀ ବ୍ୟବସାୟୀଙ୍କ ଜବରଦଖଲରେ। ରେଳବାଇ ଓ ରାଜ୍ୟ ରାସ୍ତା ଇନ୍ଦୀରାଛକ ଠାରୁ ଗେଟବଜାର ପ୍ରଜ୍ୟନ୍ତ୍ ମୁଖ୍ୟରାସ୍ତାର ଉଭୟ ପାର୍ଶ୍ୱରେ କିଛି ବ୍ୟକ୍ତିମାନେ ଦୀର୍ଘଦିନ ହେବ କିଏ ପାନ ଦୋକାନ ତ କିଏ ମାଛ ଦୋକାନ ତ କିଏ ଘରକରି ଜବର ଦଖଲ କରି ରହିଛନ୍ତି ଯାଫଳରେ ରାସ୍ତା ସଙ୍କୁଚିତ ହେବା ସହିତ ଘୋର ଟ୍ରାଫିକ ସମସ୍ୟା ଦେଖାଦେବା ସହିତ ଦୃଘଟାଣା ମାନ ଘଟି ଧନଜୀବନ ନଷ୍ଟ ହେଉଛି।ବ୍ୟବସାୟୀ ମାନେ ଦୋକାନରୁ ବାହାରୁ ଥିବା କୁଡ଼ କୁଡ଼ ଅଳିଆ ଆବର୍ଜନା ରାସ୍ତାଘାଟରେ ଓ ନାଳରେ ପକାଉଥିବା ଯୋଗୁଁ ଦୃଗନ୍ଧରେ ନାକ ଫାଟି ପଡୁଛି। ଅମର୍ଦାରୋଡ ମୌଳିକ ସୁବିଧା କଥା ନକହିବା ଭଲ।ରେଳବାଇ ଓ ସ୍ଥାନୀୟ ପ୍ରଶାସନ ତରଫରୁ ୨ ଟି ନୂତନ ଶୌଚାଳୟ ବ୍ୟବସାୟୀ ଓ ଜନସାଧାରଣ ଲୋକଙ୍କ ମାନଙ୍କ ବ୍ୟବହାର ପାଇଁ ନିର୍ମିତ ହୋଇଥିବା ଶୌଚାଳୟ କାର୍ଯ୍ୟରେ ଲାଗୁନି। ଯାହାଫଳରେ ସାଧାରଣ ଲୋକେ ବିଭିନ୍ନ ସମୟରେ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଥିବା ର ଦେଖିବାକୁ ମିଳୁଛି।ସମସ୍ୟା ବିଷୟରେ ବିଭିନ୍ନ ଖବର କାଗଜରେ ପ୍ରକାଶିତ ହେବା ସହିତ ଅଭିଯୋଗ ହେଉଥିଲେ ମଧ ପ୍ରଶାସନ କର୍ଣ୍ଣପାତ କରୁନାହାଁନ୍ତି।ତେବେ ଏନେଇ ଉଭୟ ରେଳବାଇ ଓ ରାଜ୍ୟ ପ୍ରଶାସନ ବିଭିନ୍ନ ସମସ୍ୟା ଗୁଡ଼ିକର ସମାଧାନ ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି।

# ପ୍ରତିଶ୍ରୁତି ଭତ୍ତା ୩୦୦୦ଟଙ୍କା ଦାବି ନେଇ ଗର୍ଜିଲା 'ମୁଁ କଳାହାଣ୍ଡିଆ ଫର୍ କଳାହାଣ୍ଡି' ସଂଗଠନ

ଭବାନୀପାଟଣା **୧୭/୩(ନି.ପ୍ର):** ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ଭତ୍ତା ୩୦୦୦ଟଙ୍କାକୁ ବୃଦ୍ଧି କରିବା ପାଇଁ ରାଜ୍ୟର ବିଭିନ୍ନ ସ୍ଥାନରେ ସ୍ୱର ଉତ୍ତୋଳନ ହେବା ବେଳେ କଳାହାଣ୍ଡି ଜିଲ୍ଲାରେ ମୁଁଇ କଳାହାଣ୍ଡିଆ ଫର୍ କଳାହାଣ୍ଡି ସଂଗଠନ ଲଗାତାର ସଚେତନତା କାର୍ଯ୍ୟକ୍ରମ କରି ଦାବି ଉପସ୍ଥାପନା କରିଆସୁଛି। ଆଜି ନାରୀ ନେତ୍ରୀ କବିତା ରାଉତଙ୍କ ନେତୃତ୍ୱରେ ୱାର୍ଡ ନଂ୫ ଅନ୍ତର୍ଗତ ବିବିସି ପଡାରେ ଥିବା ଗୋଷ୍ଠୀ କେନ୍ଦ୍ରରେ ୧୫୦ରୁ ଉର୍ଦ୍ଧ୍ୱ ଭତ୍ତାଧିକାରୀଙ୍କୁ ନେଇ ଏକ ସଭାର ଆୟୋଜନ ହେଇଯାଇଅଛି । ଏହି ବୈଠକରେ ସଂଗଠକ ଇଂ ଲକ୍ଷ୍ମୀନାରାୟଣ ପଣ୍ଡା ଯୋଗଦେଇ ସରକାରଙ୍କ ବିଭିନ୍ନ ଯୋଜନାକୁ ପ୍ରଶଂସା କରିବା ସହ ଭତ୍ତା ବୃଦ୍ଧିକୁ ନେଇ ତିବ୍ର ସମାଲୋଚନା କରିଥିଲେ । ବଜାରରେ ଦୁଇ ଦିନ ପୁର୍ବରୁ ସମସ୍ତ ଖାଦ୍ୟ ଓ ରାସନ ସାମଗ୍ରୀରେ ଦରଦାମ୍ ବୃଦ୍ଧି ହେଇଛି କିନ୍ତୁ ସରକାରର ୯ମାସ ହେବାକୁ ଯାଇଛି ୬୦ବର୍ଷରୁ ଉର୍ଦ୍ଧ୍ୱ ବୁଢାବୁଢି, ବିଧବା, ଅବିବାହିତା ଓ ୪୦% ଉର୍ଦ୍ଧ୍ୱ ଭିନ୍ନକ୍ଷମ ମାନଙ୍କ ଭତ୍ତା ଟଙ୍କା ନ ବଢିବା ଦୁର୍ଭାଗ୍ୟଜନକ । ଯଦି ମାର୍ଚ୍ଚ ୧୫ ସୁଦ୍ଧା ପ୍ରତିଶୃତି ଭତ୍ତା ୩୦୦୦ଟଙ୍କା ଘୋଷଣା ନ କରନ୍ତି ତା ହେଲେ କଳାହାଣ୍ଡି ଜିଲ୍ଲାପାଳ ଅଫିସ୍ ସହ ପ୍ରତ୍ୟେକ ପଞ୍ଚାୟତ ଅଫିସ୍ ଘେରାଉ ହେବ ବୋଲି ସରକାରଙ୍କୁ ଇଂ ଲକ୍ଷ୍ମୀନାରାୟଣ ପଣ୍ଡା ଚେତାବନୀ ଦେଇଛନ୍ତି । ଏହି ବୈଠକରେ ବରିଷ୍ଠ ସଦସ୍ୟ ନିରୋଦ କୁମାର ରାଉତ, ଚାଷୀନେତା ଲିଙ୍ଗରାଜ ପ୍ରଧାନ ଯୋଗ ଦେଇ ସରକାର ଗରିବ ଲୋକଙ୍କୁ ଭୂଆଁ ନ ବୁଲେଇ ନିଜ ପ୍ରତିଶୃତି ପାଳନ କରିବା ପାଇଁ ଦାବି କରିଛନ୍ତି। ମଧୁଲାଲ ନାଏକ, ସଞ୍ଜୟ ମେହେର, ପଞ୍ଚୁ ସାହୁ, ସୌମ୍ୟରଂଜନ କର ପ୍ରମୁଖ ସହଯୋଗ କରିଥିଲେ।




# ବିଜେପି ପକ୍ଷରୁ କନ୍ଧପଡ଼ା ପଞ୍ଚାୟତରେ ରକ୍ତଦାନ ଶିବିର

ଆଠମଲ୍ଲିକ **୧୭/୩(ନି.ପ୍ର):** ରକ୍ତ ଅଭାବରୁ ଯେପରି କୌଣସି ରୋଗୀଙ୍କ ମୃତ୍ୟୁ ନହେଉ ଏନେଇ ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ନିର୍ବାଚନ ମଣ୍ଡଳି ମାଧପୁର ବିଜେପି ମଣ୍ଡଳ କନ୍ଧାପଡା ପଞ୍ଚାୟତ ପକ୍ଷରୁ ସ୍ଥାନୀୟ କନ୍ଧପଡ଼ା ରାଜୀବ ଭବନଠାରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କେନ୍ଦ୍ରଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଆଠମଲ୍ଲିକ ବ୍ଲକ ପ୍ରତିନିଧି ପ୍ରକାଶ ସାହୁ ଙ୍କ ନେତୃତ୍ୱ ରେ ଏହି ରକ୍ତଦାନ ଶିବିର ଆୟୋଜିତ ହୋଇଥିବା ବେଳେ ପୂର୍ବତନ ସରପଞ୍ଚ ତଥା ବରିଷ୍ଠ ବିଜେପି ନେତା ଖଗେଶ୍ୱର ମହାକୁଡ ଏହି ଶିବିରକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ଏହି ଶିବିରରେ ସମୁଦାୟ ୩୫ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସମ୍ପାଦକ ଚିତ୍ତରଞ୍ଜନ ମେହେର, ମାଧପୁର ମଣ୍ଡଳ ସଭାପତି ଅନ୍ତର୍ଯ୍ୟାମୀ ମହାକୁଡ଼, ପୁର୍ବତନ ଯୁବମୋର୍ଚ୍ଚା ଜିଲ୍ଲା ଉପ ସଭାପତି ମନୋଜ କୁମାର ପ୍ରଧାନ,ମଣ୍ଡଳ ସାଧାରଣ ସମ୍ପାଦକ ସୌମ୍ୟରଂଜନ ମହାନ୍ତି ବରିଷ୍ଠ ସଦସ୍ୟ ପରଞ୍ଜୁ ଡ଼ାଙ୍ଗ, ଅମ୍ବିକା ପ୍ରସାଦ ଦେହୁରୀ, ସୁଶାନ୍ତ ସାହୁ, ପ୍ରମୁଖ ଉପସ୍ଥିତ ଥିଲେ । ପଞ୍ଚାୟତ ପ୍ରମୁଖ ପ୍ରଦୀପ ସାହୁ, ଜମ୍ଭେଶ୍ୱର ନାୟକ,ସିପୁନ ନାୟକ, ଅନିରୁଦ୍ଧ ମହାକୁଡ, ଅଜୟ ନାୟକ, ସୁଭ୍ରାନ୍ତ ପ୍ରଧାନ,ଅରୁଣ ନାୟକ ପ୍ରମୁଖ ଉପସ୍ଥିତ ରହି ସାହାଯ୍ୟ ସହଯୋଗ କରିଥଲେ ।

# ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ସଭା

ବାରିପଦା,**୧୭/୩(ନି.ପ୍ର):**ସ୍ଥାନୀୟ ମୁର୍ଗାବାଡି ସ୍ଥିତ ଆରତୀ ବିଦ୍ୟା ମନ୍ଦିର ପ୍ରାଥମିକ ବିଦ୍ୟାଳୟ ପରିସରରେ ବାରିପଦା ଗୋଷ୍ଠୀ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟର ସେକ୍ସନ ଅଫିସର ପତିତପାବନ ମହାପାତ୍ରଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଅବସରପ୍ରାପ୍ତ ଶିକ୍ଷକ ଭାଗବତ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ନଳିନୀକାନ୍ତ ପ୍ରଧାନ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ତପସ୍ୱିନୀ ଦାଶ, ଡଃ ସ୍ନେହଲତା ବେହେରା ଓ ବ୍ରଜମୋହନ ମୁର୍ମୁ ପ୍ରମୁଖ ଉପସ୍ଥିତ ରହି ଶ୍ରୀ ମହାପାତ୍ରଙ୍କ କାର୍ଯ୍ୟଦକ୍ଷତା ଉପରେ ସ୍ମୃତି ରୋମଂଥନ କରିଥିଲେ. ସମସ୍ତ ସିଆରସିସି, ଶିକ୍ଷକ ଶିକ୍ଷୟିତ୍ରୀ ଓ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଶ୍ରୀ ମହାପାତ୍ରଙ୍କ ସମୟାନୁବର୍ତ୍ତିତା, କାର୍ଯ୍ୟଦକ୍ଷତା ଓ ଉତ୍ତମ ବ୍ୟବହାର ତଥା ଜଣେ ସଚ୍ଚୋଟ ଅଫିସର ଭାବେ ତାଙ୍କର କାର୍ଯ୍ୟ ଶୈଳୀ ଅନ୍ୟ ମାନଙ୍କ ପାଇଁ ଉଦାହରଣ ହୋଇ ରହିବ ବୋଲି ପ୍ରକାଶ କରିଥିଲେ. ଶେଷରେ କାର୍ଯ୍ୟାଳୟ, ଜିଲ୍ଲା ତଥା ବ୍ଲକ ସଙ୍ଘ, ସିଆରସିସି ଓ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ତାଙ୍କୁ ଉପଢୌକନ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିବା ପରେ ଏକ ଶୋଭାଯାତ୍ରାରେ ତାଙ୍କୁ ନିଜ ବାସଭବନ ପର୍ଯ୍ୟନ୍ତ ଯାଇ ବିଦାୟ ଦେଇଥିଲେ ।

# ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କ ପରଲୋକ

କଳିଙ୍ଗନଗର **୧୭/୩(ନି.ପ୍ର):** ଜଖପୁରା ଗ୍ରାମରପୂର୍ବତନ ପ୍ରଧାନ ଶିକ୍ଷକ କାହ୍ନୁ ଚରଣ ମହାନ୍ତି (୯୬)ଙ୍କ କଳିଙ୍ଗନଗର ସ୍ଥିତ ଘରୋଇ ହସ୍ପିଟାଲ ରେ ଚିକିତ୍ସା ନିସାଧୀନ ଅବସ୍ଥାରେ ପରଲୋକ ଘଟିଛି। ତାଙ୍କ ଦେହ ଅସୁସ୍ଥ ହେଇପଡିବାରୁ ଚିକିତ୍ସା ପାଇଁ ତାଙ୍କୁ ପ୍ରଥମେ ଦାନଗଦି ଡାକ୍ତରଖାନା ନିଆଯାଇଥିଲା।

ସେଠାରେ ଅବସ୍ଥା ସଙ୍କଟାପନ୍ନ ପରେ କଳିଙ୍ଗନଗରସ୍ଥ ଘରୋଇ ଟାଟା ମେଡ଼ିକା ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା । ଚିକିତ୍ସାଧୀନ ଅବସ୍ଥାରେ ର ତାଙ୍କର ମୃତ୍ୟୁ ଘଟିଥିଲା । ସେ ବାର୍ଦ୍ଧକ୍ୟ ଜନିତରୋଗରେ ପୀଡିତ ଥିଲେ।ଏହି ଦୁଃଖଦ ଖବର ପ୍ରଚାରିତ ପରେ ଜଖପୁରା ଗ୍ରାମ ଏବଂ ସ୍କୁଲ ରେ ଶିକ୍ଷା ଦାନକାର୍ଯ୍ୟ କରିଥିବା ବହୁଗ୍ରାମରେ ଗଭୀର ଶୋକ ପ୍ରକାଶ ପାଇଛି। ସେ ଯଖପୁରା ସ୍କୁଲ ଓ ଅନ୍ୟ ସ୍କୁଲ ରେ ପୂର୍ବତନ ପ୍ରଧାନ ଶିକ୍ଷକ ଭାବେ କାର୍ଯ୍ୟ କରି ବହୁ ସୁନାମ ଅର୍ଜନ କରିଥିଲେ। ସେ ଜଣେ ମିଷ୍ଟଭାଷୀ, ସମାଜସେବୀ, ଯୋଗ ଶିକ୍ଷକ,ସତସଙ୍ଗ ପ୍ରେମୀ, ଉତ୍ତମ ଛାତ୍ର ବତ୍ସଳ ଭାବେ ଅଞ୍ଚଳ ରେ ସୁନାମ ଅର୍ଜନ କରି ଆଦୃତ ଲାଭ କରିଛନ୍ତି।ତାଙ୍କ ଶେଷକୃତ ଯାଜପୁରସ୍ଥ ଦଶ୍ୱାସମେଧ ଘାଟରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା।ତାଙ୍କ ଜ୍ୟେଷ୍ଠ ପୁତ୍ର ଜନ୍ମଜୟ ମହାନ୍ତି ମୁଖାଗ୍ନି ଦେଇଥିଲେ।ସାନ ପୁଅ ସଞ୍ଜୟ ମହାନ୍ତି, ପରିବାର ସଦସ୍ୟ ଉପସ୍ଥିତ ଥିଲେ।ଖବର ପାଇ ଜଖପୁରାସ୍ଥ ବାସଭବନ ବହୁ ସଂଖ୍ୟାର ଗଣମାନ୍ୟ ବ୍ୟକ୍ତି ଉପସ୍ଥିତ ରହି କାହ୍ନୁ ସାରା ଙ୍କ ଶେଷ ଦର୍ଶନ କରିଥିଲେ।

## ଓଡିଶା ସରକାରୀ ଆଉଟସୋର୍ସିଙ୍ଗ କର୍ମଚାରୀ ମହାସଂଘ ଗଞ୍ଜାମ ଜିଲ୍ଲାସ୍ତରୀୟ ସାଙ୍ଗଠନିକ ବୈଠକ

# ପୂର୍ବ ସରକାରଙ୍କ ନିଷ୍ପତ୍ତିକୁ କାର୍ଯ୍ୟକାରୀ କରୁନି ନୂଆଁ ସରକାର

ବ୍ରହ୍ମପୁର, **୧୭/୩(ନି.ପ୍ର):**ପୁରୁଣା କର୍ମଚାରୀଙ୍କ ଛଟେଇ ବନ୍ଦ ନହେଲେ, ଆନ୍ଦୋଳନକୁ ଓହ୍ଲାଇବ ମହାସଂଘ ଆଜି ସ୍ଥାନୀୟ ଗେଟ ବଜାର ସ୍ଥିତ ଏନଜିଓ ହଲରେ ଓଡିଶା ସରକାରୀ ଆଉଟସୋର୍ସିଙ୍ଗ କର୍ମଚାରୀ ମହାସଂଘର ଏକ ଜିଲ୍ଲାସ୍ତରୀୟ ସମାବେଶ ଜିଲ୍ଲା ସଭାପତି ବିଜୟ କୁମାର ମଲ୍ଲିକଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ଗଞ୍ଜାମ ଜିଲ୍ଲାର ସମସ୍ତ ସରକାରୀ ବିଭାଗରେ କାର୍ଯ୍ୟରତ ଆଉଟସୋରସିଂ କର୍ମଚାରୀମାନଙ୍କ ସଂଘମାନଙ୍କ ନେତୃତ୍ୱ ଯୋଗଦେଇଥିଲେ । ବୈଠକରେ ରାଜ୍ୟର ଆଉଟସୋର୍ସିଂ କର୍ମଚାରୀଙ୍କ ପ୍ରତି ଚାଲିଥିବା ଶୋଷଣ ଓ ଅବିଚାର ଉପରେ ଆଲୋଚନା ହୋଇଥିଲା । ଅତିତରେ ଆଉଟସୋର୍ସିଙ୍ଗ କର୍ମଚାରୀଙ୍କ ଲଢେଇ ଫଳରେ ପୂର୍ବ ସରକାର ଅନେକ ଗୁଡ଼ିଏ ଦାବିକୁ ମାନି ନେଇଥିଲେ ବି ଆହୁରି ଅନେକ ଦାବି ପୂରଣ ହୋଇପାରି ନଥିଲା । ମାସିକ ଦରମାରେ କାର୍ଯ୍ୟରତ ଆଉଟସୋର୍ସିଂ କର୍ମଚାରୀଙ୍କ ଦରମାକୁ ବୃଦ୍ଧି କରିଥିଲେ ମଧ ଦୈନିକ ମଜୁରୀ ହିସାବରେ କାର୍ଯ୍ୟରତ ଆଉଟସୋର୍ସିଂ କର୍ମଚାରୀଙ୍କ ଦରମାକୁ ବଢାଯାଇ ନଥିଲା । ଏହାଛଡା କର୍ମଚାରୀମାନେ ପାଉଥିବା ସ୍ୱଳ୍ପ ଦରମାରୁ ବି ସରକାର ଅନ୍ୟାୟ ଭାବେ ପ୍ରାୟ ଏକ ପଞ୍ଚମାଂସ ବା ୧୮% ଜିଏସଟି ବାବଦରେ କାଟି ନେଉଛନ୍ତି । ବଜାରରେ ମୁଦ୍ରାସ୍ଫିତୀ ଅନୁଯାୟୀ ଦରମାରେ ବୃଦ୍ଧି କରାଯାଉନାହିଁ । ଏଜେନ୍ସି ବଦଳିଲେ ବି ପୁରୁଣା କର୍ମଚାରୀଙ୍କୁ ଚାକିରୀକୁ ଅବ୍ୟାହତ ରଖିବାକୁ ଦାବି କରାଯାଇଥିଲେ ମଧ ଅନେକ ସ୍ଥାନରେ ବର୍ଷ ବର୍ଷ ଧରି କାମ କରି ଆସିଥିବା ପୁରୁଣା କର୍ମଚାରୀଙ୍କୁ ଛଟେଇ କରି ନିଜର ମନ ମୁତାବକ ନୂଆ କର୍ମଚାରୀଙ୍କୁ ନିଯୁକ୍ତି ଦିଆଯାଉଛି । ସବୁଠାରୁ ଉଦବେଗର ବିଷୟ ଆଉଟସୋର୍ସିଂ କର୍ମଚାରୀମାନଙ୍କ ଲଢେଇ ଫଳରେ ଗତ ସରକାର କରିଥିବା ଅନେକ ଘୋଷଣାକୁ ବର୍ତ୍ତମାନର ସରକାର ଏ ପର୍ଯ୍ୟନ୍ତ ଲାଗୁ କରି ନାହାଁନ୍ତି । ପୂର୍ବ ସରକାରଙ୍କ ଦ୍ୱାରା କର୍ମଚାରୀଙ୍କ ବିଭିନ୍ନ ଦାବୀ ଯଥା ୨୫% ଦରମା ବୃଦ୍ଧି, ପାଞ୍ଚ ବର୍ଷୀୟା ଅଭିଜ୍ଞତା ଭିତ୍ତିରେ ଦରମା ବୃଦ୍ଧି, ବାର୍ଷିକ ବାରଟି ସବେତୈନିକ ଛୁଟି, ମହିଳା କର୍ମଚାରୀଙ୍କୁ ମାତୃତ୍ୱ କାଳୀନ ଛୁଟି ସହ ଆଉଟସୋର୍ସିଙ୍ଗ କର୍ମଚାରୀଙ୍କ ସମସ୍ୟାକୁ ଦୃଷ୍ଟି ଦେବାପାଇଁ ଜିଲ୍ଲା ସ୍ତରରେ ନୋଡାଲ ଅଫିସର ଓ ରାଜ୍ୟ ସ୍ତରରେ ଜଣେ ଲୋକପାଳଙ୍କ ନିଯୁକ୍ତି ପ୍ରକ୍ରିୟା ମଧ ବର୍ତ୍ତମାନ ସୁଦ୍ଧା କାର୍ଯ୍ୟକାରୀ କରାଯାଉ ନାହିଁ । ଚାକିରୀର ସୁରକ୍ଷା ସହିତ ବର୍ତ୍ତମାନ ର ବଜାର ଦର ଅନୁସାରେ ଦରମା ପ୍ରଦାନ,ଇପିଏଫ/ଇଏସଆଇ ର ସଠିକ ପୈଠ ଆଦି ଦାବୀ ମଧ ରଖାଯାଇଛି । ମାନ୍ୟବର ମୁଖ୍ୟମନ୍ତ୍ରୀ ବିରୋଧୀ ଦଳରେ ଥିବା ସମୟରେ ଏହି ଆଉଟସୋରସିଂ କର୍ମଚାରୀଙ୍କ ସମସ୍ୟାକୁ ନେଇ ବିଧାନସଭାରେ ପ୍ରତିବାଦର ସ୍ୱରକୁ ଶାଣିତ କରୁଥିଲା ବେଳେ ବର୍ତ୍ତମାନ କ୍ଷମତାକୁ ଆସିବାର ଆଠ ମାସ ପରେ ବି ଆମ ସମସ୍ୟାକୁ ଭୁଲିଯିବା ପରିତାପର ବିଷୟ ବୋଲି ମତପ୍ରକାଶ ପାଇଥିଲା । ନୂଆ ସରକାର ଆସିବା ପରେ ରାଜ୍ୟରେ ଆଉଟସୋର୍ସିଂ କର୍ମଚାରୀଙ୍କୁ ନ୍ୟାୟ ମିଳିବ ବୋଲି ଆଶା କରାଯାଉଥିବା ବେଳେ ଓଲଟା ସେମାନଙ୍କୁ ଚାକିରୀରୁ ଛଟେଇ କରିବା ଦେଖାଯାଇଛି । ଆଜିର କାର୍ଯ୍ୟକ୍ରମରେ ମହସଙ୍ଘର ଉପଦେଷ୍ଟା ଭାଲଚନ୍ଦ୍ର ଷଡ଼ଙ୍ଗୀ, ସର୍ବଭାରତୀୟ ଶ୍ରମିକ ସଂଗଠନ 'ଇଫଟୁ'ର ରାଜ୍ୟ ସଭାପତି ପ୍ରତାପ ପ୍ରଧାନ, ରାଜ୍ୟ କାର୍ଯ୍ୟକାରିଣୀ କମିଟି ସଭ୍ୟ ପ୍ରଶାନ୍ତ ମହାରଣା, ମେଡିକାଲ କର୍ମଚାରୀ ନେତ୍ରୀ ରାଧିକା ବିଷୋୟୀ, ସୂର୍ଯ୍ୟ ନାରାୟଣ ବେହେରା, ପ୍ରେମାନନ୍ଦ ସାହୁ, ଶଶାଙ୍କ ପଣ୍ଡା, ବିନାୟକ ପତି, ସୁରକ୍ଷା କର୍ମଚାରୀ ନେତା ବିଚିତ୍ର ସାହୁ, ସଫେଇ କର୍ମଚାରୀ ସଂଘ ତରଫରୁ ଆଶୁତୋଷ ଘଡ଼ାଇ, ନମିତା ନାୟକ, ପୌର କର୍ମଚାରୀ ସଂଘ ପକ୍ଷରୁ ମାଧୁରୀ ନାୟକ, ଧରିତ୍ରୀ ନାୟକଙ୍କ ସହ ୪୧ ଟି ବିଭାଗର କର୍ମଚାରୀ ସଂଘର ପ୍ରତିନିଧି ମାନେ ଉପସ୍ଥିତ ଥିଲେ।

PRINTED, PUBLISHED & Owned by Gitanjali Nanda, Printed at janjali Devi PRESS, Plot no- 131, Rajarani Nagar, Bhubaneswar-751014, Khordha, Odisha & Published at : Plot No- 2033, Keutasahi P.O- Old Town, P.s-Lingaraj, Bhubaneswar, 751002, Dist- Khordha, Odisha (Odisha) MobNo.-9337673884, ) E-mail : jagannathexpress1972@gmail.com

Editor - Balaram prasad Nanda Mananging Editor- Sarangdhar Senapati ସଂପାଦକ- ବଳରାମ ପ୍ରସାଦ ନନ୍ଦ